RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-42 ◆WEDNESDAY ◆5 AUGUST 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୪୨ ◆ବୁଧବାର ◆୫ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




'ରାମାୟଣ'
ସାଇପଲ୍ଲବୀଙ୍କୁ କ୍ୟାରିୟରର ସବୁଠୁ ଅଧିକ ଫି'
▶ପୃଷ୍ଠା-୧୨ ଦେଖନ୍ତୁ...

## ଉଦୟନିଧି ଷ୍ଟାଲିନ୍‌ଙ୍କୁ ଗିରଫ ପରେ ଜାମିନ୍

■ ଚେନ୍ନାଇ, ୪।୮ (ଏଜେନ୍ସି): ତାମିଲନାଡୁର ଚର୍ଚ୍ଚିତ ଅଭିନେତ୍ରୀ ତ୍ରିଶାଙ୍କ ବିରୋଧରେ ଅଶାଳୀନ ଏବଂ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ରାଜ୍ୟର ବିରୋଧୀ ଦଳ ନେତା ତଥା ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କୁ ପୁଲିସ ଗିରଫ କରିଛି । ମଙ୍ଗଳବାର ତାଙ୍କ ବିରୋଧରେ ମାମଲା ରୁଜୁ ହେବାର କିଛି ସମୟ ମଧ୍ୟରେ ଚେନ୍ନଇ ପୁଲିସ ତାଙ୍କ ବାସଭବନ ବାହାରୁ ତାଙ୍କୁ ହେପାଜତକୁ ନେଇଥିଲା । ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଜାମିନ୍‌ରେ ଛାଡ଼ି ଦିଆଯାଇଛି ।



ଅଭିନେତ୍ରୀ ତ୍ରିଶାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଅଭିଯୋଗ

ସୂଚନା ଅନୁଯାୟୀ, କାବେରୀ ନଦୀ ଜଳ ବଣ୍ଟନ ବିବାଦକୁ ନେଇ ଆୟୋଜିତ ଏକ ପ୍ରତିବାଦ ସଭାରେ ଉଦୟନିଧି ଷ୍ଟାଲିନ୍ ଭାଷଣ ଦେଉଥିଲେ । ଏହି ସମୟରେ ସେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ସରକାରକୁ ସମାଲୋଚନା କରିବା ସହ ଅଭିନେତ୍ରୀ ତ୍ରିଶାଙ୍କ ସମ୍ପର୍କରେ ଏକ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇଥିଲେ । ସଭାରେ ଉପସ୍ଥିତ କେହି ଜଣେ 'ତ୍ରିଶା, ତ୍ରିଶା' ବୋଲି ଚିତ୍କାର କରିବା ପରେ ଉଦୟନିଧି ଏହି ପ୍ରତିକ୍ରିୟା ରଖିଥିଲେ । ଏହି ଘଟଣାକୁ ଅଭିନେତ୍ରୀଙ୍କ ପ୍ରତି ଅତ୍ୟନ୍ତ ଅପମାନଜନକ ବୋଲି ▶ପୃଷ୍ଠା-୧୦

## ତୃଣ ମୂଳ କଂଗ୍ରେସ ବିଦ୍ରୋହୀ ଗୋଷ୍ଠୀରେ ଫାଟ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣ ମୂଳ କଂଗ୍ରେସ (ଟିଏମ୍‌ସି)ରୁ ଅଲଗା ହୋଇ ପୃଥକ ଗୋଷ୍ଠୀ ଗଠନ କରିବା ସହିତ ଏନ୍‌ସିପିଆଇରେ ସାମିଲ ହୋଇଥିବା ୨୦ ଜଣିଆ ସାଂସଦ ଗୋଷ୍ଠୀ ମଧ୍ୟରେ ଫାଟ ସୃଷ୍ଟି ହୋଇଛି । ଗୋଷ୍ଠୀର ତିନି ଜଣ ସାଂସଦ ଏନ୍‌ଡିଏ ବୈଠକକୁ ଯିବାଲାଗି ମନାକରି ଦେଇଛନ୍ତି । ସେମାନେ ଏନ୍‌ଡିଏ କିମ୍ବା ବିଜେପି ସହିତ ନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି ।

ଆଜି ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏନ୍‌ଡିଏର ସାପ୍ତାହିକ 'ମଙ୍ଗଳ ମିଳନ' ବୈଠକ ହୋଇଥିଲା । ଏଥିରେ ଅନ୍ୟ ସମସ୍ତ ଟିଏମସି ବିଦ୍ରୋହୀ ସାଂସଦ ସାମିଲ ହୋଇଥିଲେ ମଧ୍ୟ ଗୋଷ୍ଠୀର ତିନି ଜଣ ସାଂସଦ ଯିବାକୁ ମନା କରିଦେଇଥିଲେ । ଏହି ସାଂସଦ ହେଲେ ଖଲିଲୁର ରହେମାନ, ଅବୁ ତାହିର ଖାନ ଏବଂ ୟୁସୁଫ୍ ପଠାନ । ଗତ ଜୁଲାଇ ୨୮ରେ ଅନୁଷ୍ଠିତ ଏଭଳି ବୈଠକକୁ ମଧ୍ୟ ସେମାନେ ଯାଇନଥିଲେ । ଏସଂପର୍କରେ ସଫେଇ ଦେଇ ମୁର୍ଶିଦାବାଦ ସାଂସଦ ତାହେର ଖାନ୍ କହିଛନ୍ତି ଯେ, ଆମେ ଏନଡିଏ ସହିତ ▶ପୃଷ୍ଠା-୧୦



ଏନ୍‌ଡିଏ ବୈଠକରେ ଯୋଗଦେବାକୁ ମନାକଲେ ୩ ସାଂସଦ

## ମେଳି ବାନ୍ଧିଛନ୍ତି ଚୀନ, ପାକିସ୍ତାନ

# ଭାରତ ସୀମାରେ ସମରସଜ୍ଜା

### ଷ୍ଟିଲ୍‌ଥ ଜେଟ୍, ଅତ୍ୟାଧୁନିକ ତୋପ ମୁତୟନ ■ ସ୍ଥିତି ଉପରେ ନଜର ରହିଛି: ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତର ଉତ୍ତର ଓ ପଶ୍ଚିମ ଉଭୟ ସୀମାରେ ଚୀନ ଏବଂ ପାକିସ୍ତାନର ବର୍ଦ୍ଧିତ ସାମରିକ ଗତିବିଧି ଦେଶର ସୁରକ୍ଷା ପାଇଁ ଏକ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଉପଗ୍ରହରୁ ମିଳିଥିବା ଚିତ୍ର ଅନୁଯାୟୀ, ଚୀନ ଭାରତ ସୀମା ନିକଟରେ ଅତିକମରେ ୧୨ଟି ଜେ-୨୦ 'ମାଇଟି ଡ୍ରାଗନ' ଷ୍ଟିଲଥ୍ ଯୁଦ୍ଧ ବିମାନ ମୁତୟନ କରିଛି । ଅନ୍ୟପଟେ, ପାକିସ୍ତାନ ମଧ୍ୟ ଚୀନଠାରୁ କିଣିଥିବା ୨୫୦ଟି ଏସ୍‌ଏଚ୍-୧୫ ସ୍ୱୟଂଚାଳିତ ହାୱିଜର୍ ତୋପ ଭାରତୀୟ ସୀମାକୁ ଲାଗିଥିବା ଅଞ୍ଚଳରେ ମୁତୟନ କରିଥିବା ଜଣାପଡ଼ିଛି । ଏହି ଦୁଇ ପଡ଼ୋଶୀ ଦେଶର ଏଭଳି ଗତିବିଧି ସନ୍ଦେହଜନକ ପରିସ୍ଥିତି ସୃଷ୍ଟି କରିଛି । ତେବେ ଭାରତ ସରକାର ଏସଂପର୍କରେ ସଜାଗ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି କହିଛନ୍ତି ।

ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି ଯେ ଚୀନ ଜୁନ୍ ଶେଷ ଏବଂ ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ୨ଟି ପ୍ରମୁଖ ବାୟୁସେନା ଘାଟିରେ ଏହି ଅତ୍ୟାଧୁନିକ ବିମାନଗୁଡ଼ିକୁ ମୁତୟନ କରିଛି । ସିନଜିଆଙ୍ଗର ହୋଟାନ ଏୟାରବେସରେ ୭ଟି ଏବଂ ତିବ୍ବତର ଦାମସୁଙ୍ଗ ଏୟାରବେସରେ ୪ଟି ଜେ-୨୦ ବିମାନ ଦେଖିବାକୁ ମିଳିଛି । ଏହି ବିମାନଗୁଡ଼ିକୁ ଭାରତ ଆଡ଼କୁ ଲକ୍ଷ୍ୟ କରି ମୁତୟନ କରାଯାଇଛି ।



ହୋଟାନ ବେସ୍ ଲଦାଖର ଦୌଲତ ବେଗ ଓଲ୍ଡିଠାରୁ ମାତ୍ର ୨୪୫ କିଲୋମିଟର ଦୂରରେ ଅବସ୍ଥିତ । ଏହି ଜେ-୨୦ ବିମାନଗୁଡ଼ିକର ବିଶେଷତ୍ୱ ହେଉଛି ଏହାର ଷ୍ଟିଲଥ୍ ଗୁଣ । ଏହା ରାଡାର୍ ନଜରରୁ ବଞ୍ଚି ଶତ୍ରୁପକ୍ଷର ଆକାଶମାର୍ଗରେ ପ୍ରବେଶ କରିପାରେ । ଭାରତ ପାଖରେ ବର୍ତ୍ତମାନ ରାଫେଲ ଭଳି ଶକ୍ତିଶାଳୀ ବିମାନ ଥିଲେ ହେଁ, ଏହା ଷ୍ଟିଲଥ୍ ନୁହେଁ । ଭାରତର ନିଜସ୍ୱ ଷ୍ଟିଲଥ୍ ବିମାନ ଏଏମ୍‌ସିଏ ନିର୍ମାଣ ପାଇଁ ଅତିକମରେ ଆହୁରି ୧୦ ବର୍ଷ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି ।

ସେହିଭଳି ବାୟୁସେନା ସହିତ ସ୍ଥଳଭାଗରେ ମଧ୍ୟ ପାକିସ୍ତାନ ନିଜର ଶକ୍ତି ବୃଦ୍ଧି କରୁଛି । ଚୀନରୁ ଆମଦାନୀ ହୋଇଥିବା ୨୫୦ଟି ଏସ୍‌ଏଚ୍-୧୫ ତୋପକୁ ପାକିସ୍ତାନ ଭାରତୀୟ ସୀମାର ଗୁଜରାନୱାଲା, ସିଆଲକୋଟ ଏବଂ ଜଲାଲପୁର ଜଟ୍ଟାନ ସେକ୍ଟରରେ ମୁତୟନ କରିଛି । ଏହି ୧୫୫ ମିଲିମିଟରର ତୋପଗୁଡ଼ିକ ପ୍ରାୟ ୫୦ କିଲୋମିଟରରୁ ଅଧିକ ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାରେ ସକ୍ଷମ । ଏହି ମୁତୟନ ବିଶେଷ କରି ଭାରତର ପଞ୍ଜାବ ଓ ଜାମ୍ମୁ-କାଶ୍ମୀର ସୀମା ନିକଟରେ କରାଯାଇଛି ।

ସେପଟେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈସୱାଲ କହିଛନ୍ତି ଯେ, 'ଦେଶର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ଯାହା କିଛି ଆବଶ୍ୟକ, ଭାରତ ସେସବୁ କରିବ' । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୀମାପାର ଆତଙ୍କବାଦକୁ ରୋକିବା ପାଇଁ ଭାରତ ସବୁବେଳେ ସତର୍କ ଅଛି ଏବଂ ପୂର୍ବରୁ ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଉପଯୁକ୍ତ ଜବାବ ଦିଆଯାଇଛି । ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭାରତ ମଧ୍ୟ କାର୍ଯ୍ୟ କରୁଛି । ଭାରତୀୟ ସେନା ପକ୍ଷରୁ ଏମ୍୭୭୭ ଅଲଟ୍ରା-ଲାଇଟ୍ ହାୱିଜର୍, କେ-୨ ବଜ୍ର ଏବଂ ସ୍ୱଦେଶୀ ଧନୁଷ ତୋପଗୁଡ଼ିକୁ ସେନାରେ ସାମିଲ କରାଯାଇଛି । ଏହା ବ୍ୟତୀତ ଭାରତ ନିଜସ୍ୱ 'ମାଉଣ୍ଟେଡ୍ ଗନ୍ ସିଷ୍ଟମ୍'ର ବିକାଶ କରୁଛି ଯାହା ଚୀନର ଏସ୍‌ଏଚ୍-୧୫ ଭଳି ପ୍ରଭାବଶାଳୀ ହେବ । ଚୀନ ଓ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ସାମରିକ ସହଯୋଗ ଭାରତ ପାଇଁ 'ଟୁ-ଫ୍ରଣ୍ଟ ୱାର୍' ବା ଦ୍ୱିମୁଖୀ ଯୁଦ୍ଧର ପରିସ୍ଥିତି ସୃଷ୍ଟି କରିପାରେ । ତଥାପି, ଭାରତ ନିଜର ସୀମା ସୁରକ୍ଷା ପ୍ରତି ଅତ୍ୟନ୍ତ ସତର୍କ ରହିଛି ଏବଂ ଆବଶ୍ୟକ ପଡ଼ିଲେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି ସ୍ପଷ୍ଟ କରିଛି ।

## ଇ-୨୦ ପେଟ୍ରୋଲକୁ ବିରୋଧ

### ପ୍ରଧାନମନ୍ତ୍ରୀ ଆବାସ ଅଭିମୁଖେ କେଜ୍ରିୱାଲଙ୍କ ପଦଯାତ୍ରାକୁ ଅଟକାଇଲା ପୁଲିସ



■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଇ-୨୦ ପେଟ୍ରୋଲ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲକ୍ଷାଧିକ ଜନସାଧାରଣଙ୍କ ସ୍ୱାକ୍ଷରିତ ଆବେଦନ ପତ୍ର ପ୍ରଦାନ କରିବାକୁ ଯାଉଥିବା ଆମ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ମଙ୍ଗଳବାର ଦିଲ୍ଲୀ ପୁଲିସ ଅଧାବାଟରେ ଅଟକାଇଛି । ପ୍ରାୟ ୧୦୦ ଜଣ ସମର୍ଥକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆବାସ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ବେଳେ ପୁଲିସ ତାଙ୍କୁ ଅଟକାଇଥିଲା । କେଜ୍ରିୱାଲ କହିଥିଲେ, 'ଆମେ ଆତଙ୍କବାଦୀ ନୁହେଁ । ଆମେ ଇ୨୦ ଇନ୍ଧନ ସମସ୍ୟା ନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଛୁ' । ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଅନୁଯାୟୀ, ଦେଶର ପ୍ରାୟ ୨ ଲକ୍ଷ ୩୩ ହଜାରରୁ ଅଧିକ ଲୋକ ଇ୨୦ ପେଟ୍ରୋଲ ବିରୋଧରେ ଏହି ଆବେଦନ ପତ୍ରରେ ସ୍ୱାକ୍ଷର କରିଛନ୍ତି ।

କେଜ୍ରିୱାଲ ଦାବି କରିଛନ୍ତି ଯେ, ଇ୨୦ ବ୍ୟବହାର ଯୋଗୁଁ ଗାଡ଼ିଗୁଡ଼ିକରେ ବିଭିନ୍ନ ଯାନ୍ତ୍ରିକ ସମସ୍ୟା ଦେଖାଦେଉଛି । ଗତ ମାସରେ ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ଅନୁମତି ମାଗି ଏକ ପତ୍ର ଲେଖିଥିଲେ ମଧ୍ୟ କୌଣସି ଉତ୍ତର ନମିଳିବାରୁ ସେ ବ୍ୟକ୍ତିଗତ ଭାବେ ଏହି ପିଟିସନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ପେଟ୍ରୋଲ ପମ୍ପଗୁଡ଼ିକରେ ଶୁଦ୍ଧ ପେଟ୍ରୋଲ ଏବଂ ଇ୨୦ ଇନ୍ଧନ ମଧ୍ୟରୁ ▶ପୃଷ୍ଠା-୧୦

### ବଦଳିବ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବାହିନୀର ନାଁ

## ଓଡ୍ରାଫ୍ ହେବ ଏସ୍‌ଡିଆର୍‌ଏଫ୍

■ ଭୁବନେଶ୍ୱର, ୪।୮ (ସମିସ): ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବାହିନୀ (ଓଡ୍ରାଫ)ର ନାମ ବଦଳାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ବାହିନୀକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ/ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସ୍‌ଡିଆର୍‌ଏଫ୍) ଭାବେ ନାମିତ କରାଯିବ । ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିବା ସହ ରାଜସ୍ୱ ବିଭାଗ ଆଜି ଏନେଇ ଏହି ସୂଚନା ଦେଇଛି । ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି ।



ଗଠନ ହେବ ସ୍ୱତନ୍ତ୍ର ବାଟାଲିୟନ, ପରିଚାଳନା ପାଇଁ ସ୍ୱତନ୍ତ୍ର ଅଧିକାରୀ

ଏସ୍‌ଡିଆର୍‌ଏଫ୍ ଭାବେ ଓଡ୍ରାଫ୍ ପାଇଁ ଜାରି ହେବ ନୂତନ ଏସ୍‌ଓପି

୧୯୯୯ ମସିହାର ମହାବାତ୍ୟା ପରେ ବିପର୍ଯ୍ୟୟ ସମୟରେ ଓଡ଼ିଶା ସାମ୍ନା କରିଥିବା ବଡ଼ ବିପଦ ଓ ଏହାର ସ୍ଥାୟୀ ମୁକାବିଲା ପାଇଁ ଓଡ୍ରାଫ୍‌ର ପରିକଳ୍ପନା କରାଯାଇଥିଲା । ▶ପୃଷ୍ଠା-୧୦

## ସମ୍ବଲପୁର ବିଜେପି ଯୁବ ମୋର୍ଚ୍ଚା ଟିମ୍‌ରେ ମାର୍‌ପିଟ

■ ସମ୍ବଲପୁର, ୪।୮ (ସମିସ): କିଛିଦିନ ପୂର୍ବରୁ ସମ୍ବଲପୁର ବିଜେପି ଯୁବ ମୋର୍ଚ୍ଚାର ସମସ୍ତ ସଦସ୍ୟଙ୍କ ନାମ ଘୋଷଣା ହୋଇଛି । ନାମ ଘୋଷଣା ହେବା ପରଠାରୁ ଟିମ୍‌ରେ ଝଗଡ଼ା ଲାଗି ରହିଥିଲା । ହେଲେ ଏବେ ଝଗଡ଼ା ସୀମା ଲଙ୍ଘିଛି । ଜଣେ ପଦବୀରେ ଥିବା ସଦସ୍ୟଙ୍କୁ ଅନ୍ୟ ଜଣେ ସଦସ୍ୟ ବାଡେଇ ମୁଣ୍ଡ ଫଟାଇଦେଇଛି ।

ସୂଚନା ଅନୁସାରେ, ଟିମ୍‌ରେ ଥିବା ଜଣେ ଉଚ୍ଚ ପଦବୀଧାରୀ ସମ୍ପର୍କରେ ସମସ୍ତ ସୂଚନା ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସଭାପତିଙ୍କୁ ଖବର ଦିଆଯାଉଥିଲା । ଯାହାଫଳରେ ଟିମରେ ଗୋଷ୍ଠୀ କନ୍ଦଳ ଲାଗି ରହିଥିଲା । ୫ ଦିନ ପୂର୍ବରୁ ସମଲେଶ୍ୱରୀ ମନ୍ଦିର ପଛରେ ଏହି ସମ୍ପର୍କରେ ଆଲୋଚନା ହୋଇଥିଲା । ସଦସ୍ୟଙ୍କ ▶ପୃଷ୍ଠା-୧୦

### ରାଜ୍ୟ ସରକାରଙ୍କୁ ଏଲ୍‌ନିନୋ ଚିନ୍ତା

## ବନ୍ଦହେବ ଜଳ ବିଦ୍ୟୁତ୍ ଉତ୍ପାଦନ

◆ ପାନୀୟଜଳ ଓ ଜଳସେଚନକୁ ଦିଆଯିବ ପ୍ରାଥମିକତା

◆ ଜଳଭଣ୍ଡାର ଉପରେ ରଖାଯିବ ୨୪ ଘଣ୍ଟିଆ ନଜର



■ ଭୁବନେଶ୍ୱର, ୪।୮ (ସମିସ): ଏଲ୍‌ନିନୋର ସମ୍ଭାବ୍ୟ ପ୍ରଭାବକୁ ନେଇ ପାଣିପାଗ ବିଜ୍ଞାନୀ ଓ କୃଷି ବିଶେଷଜ୍ଞମାନେ ବିଭିନ୍ନ ପ୍ରକାରର ଆକଳନ ପ୍ରକାଶ କରୁଥିବା ବେଳେ ସରକାରୀ ସ୍ତରରେ ଏହାର ମୁକାବିଲା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେଉଛି । ଏହିକ୍ରମରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଜଳଭଣ୍ଡାରଗୁଡ଼ିକରେ ଜଳସ୍ତର କମିଲେ ଏଣିକି ଜଳବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିବ । ଏହାବଦଳରେ ପାନୀୟ ଜଳ ଏବଂ ଜଳସେଚନକୁ ପ୍ରାଧାନ୍ୟ ଦିଆଯିବ । ଗତ ୨୦ ତାରିଖରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଗୁରୁତ୍ୱାରୋପ କରିଥିଲେ । ସେହି ଅନୁଯାୟୀ ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ମଙ୍ଗଳବାର ଚିଠି ଲେଖାଯାଇ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରାଯାଇଛି ।

ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଏ ସଂକ୍ରାନ୍ତରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଜଳ ସୁରକ୍ଷାକୁ ଗୁରତର ସହ ଅନୁଧ୍ୟାନ କରିଥିଲେ । ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ଯେ ପାନୀୟ ଜଳ ଯୋଗାଣ ଏବଂ କୃଷି ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ କରିବା ଅତ୍ୟନ୍ତ ଜରୁରୀ ଏବଂ ସର୍ବୋଚ୍ଚ ଅଟେ । ସେହି ଅନୁସାରେ ଯଦି କୌଣସି ଜଳଭଣ୍ଡାରରେ ଜଳସ୍ତର ଏହି ଅଗ୍ରାଧିକାରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ସୀମାଠାରୁ କମ୍ ଥିବାର ଜଣାପଡ଼େ, ତେବେ ତତକ୍ଷଣାତ୍ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯିବା ଉଚିତ୍ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ▶ପୃଷ୍ଠା-୧୦

## ଧାରା ଶ୍ରାବଣରେ ଖରା-ବର୍ଷାର ଲୁଚକାଳି ଖେଳ

■ ଭୁବନେଶ୍ୱର, ୪।୮ (ସମିସ): ପଶ୍ଚିମ କେନ୍ଦ୍ରୀୟ ସଂଲଗ୍ନ ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି । ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ଖରା ସାଙ୍ଗକୁ ଗରମ ଗୁଳୁଗୁଳି ଲାଗି ରହିଥିଲା । ତେବେ ଅପରାହ୍ନ ପରେ ପାଗରେ ପରିବର୍ତ୍ତନ ଆସିବା ସହ ଅନେକ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି । ଏହି କ୍ରମରେ ତାଳଚେରରେ ସର୍ବାଧିକ ୮୦ ମିମି ବର୍ଷା ହୋଇଥିବା ବେଳେ ଟିଟିଲାଗଡ଼ରେ ୩୫, ସୁନ୍ଦରଗଡ଼ ୪୧, ଝାରସୁଗୁଡ଼ା ୨୬, ଅନୁଗୁଳ ୩୦ ଓ ଭୁବନେଶ୍ୱରରେ ୧୮ ମିମି ବର୍ଷା ରେକର୍ଡ ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ରହିଛି । ମୟୂରଭଞ୍ଜରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ସହ ଅନ୍ୟ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ଭାରି ବର୍ଷା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

**ଆନ୍ଧ୍ର ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ; ୮ ତାରିଖ ଯାଏଁ ବର୍ଷା**

ଏବେ ରାଜ୍ୟରେ ଦୁର୍ବଳ ମୌସୁମୀ ପ୍ରବାହ ହେତୁ ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହୁଛି । ମୌସୁମୀ ନିମ୍ନ ଚାପ ରେଖା ତାର ସାଧାରଣ ଅବସ୍ଥାନ ଠାରୁ ଉତ୍ତରରେ ରହୁଥିବାରୁ ରାଜ୍ୟ ଉପରେ ମୌସୁମୀ ପ୍ରବାହ ଦୁର୍ବଳ ସହ ଉପକୂଳ ଓଡିଶା ସମେତ ବିଭିନ୍ନ ଅଞ୍ଚଳରେ ଗୁଳୁଗୁଳି ଲାଗିରହିଛି । ବଙ୍ଗୋପସାଗର ପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ବଢ଼ିବା ପରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ▶ପୃଷ୍ଠା-୧୦

## ରାଜ୍ୟରେ କମୁଛି କନ୍ୟା ସନ୍ତାନ ଜନ୍ମହାର

■ ଭୁବନେଶ୍ୱର, ୪।୮ (ସମିସ): ରାଜ୍ୟରେ ପୁତ୍ରଙ୍କ ଅନୁପାତରେ କମୁଛି କନ୍ୟା ସନ୍ତାନଙ୍କ ଜନ୍ମହାର । ରାଜ୍ୟରେ ସଂପ୍ରତି ପ୍ରତି ଏକ ହଜାର ପୁରୁଷରେ ୯୨୩ ଜଣ ମହିଳା ଅଛନ୍ତି । ସେହିପରି ଓଡିଶାରେ ଏହି ଜନ୍ମହାର ୧୬ ପ୍ରତିଶତ ଥିବାବେଳେ ଭାରତରେ ଏହା ୧୮.୪ ପ୍ରତିଶତ ରହିଛି । ରାଜ୍ୟରେ ଜନ୍ମ ସମୟରେ ଲିଙ୍ଗ ଅନୁପାତରେ ଉନ୍ନତି ଆଣିବା ଏବଂ ଅବୈଧ ଲିଙ୍ଗ ନିର୍ଣ୍ଣୟ ଉପରେ କଡ଼ା ନଜର ରଖିବାକୁ ରାଜ୍ୟ ସରକାର ପୁଣିଥରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଜନ୍ମ ସମୟର ଲିଙ୍ଗ ଅନୁପାତ(ଏସଆରବି)ର ବିଶ୍ଳେଷଣ ସମୀକ୍ଷାରେ ଯାଜପୁର ସବୁଠାରୁ ଉନ୍ନତ ପ୍ରଦର୍ଶନ କରିଥିବା ଜିଲ୍ଲା ହୋଇଥିବା ବେଳେ ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ ଏବଂ ଖୋର୍ଦ୍ଧା ସବୁଠାରୁ ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଚିହ୍ନଟ ହୋଇଛି । ତେବେ ଏହି ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିରୀକ୍ଷଣକୁ ତୀବ୍ର କରିବା, ଫର୍ମ-ଏଫ୍ ରେକର୍ଡର ଶତପ୍ରତିଶତ ଯାଞ୍ଚ ସୁନିଶ୍ଚିତ କରିବା ଏବଂ ଉକ୍ତ ଜିଲ୍ଲାଗୁଡ଼ିକରେ ଜନ୍ମ ସମୟରେ ଲିଙ୍ଗ ଅନୁପାତକୁ ଉନ୍ନତ କରିବା ପାଇଁ ଅଧିକ ସଚେତନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରତି ଏକ ହଜାର ପୁରୁଷରେ ୯୨୩ ଜଣ ମହିଳା ଅଛନ୍ତି

ଅବୈଧ ଲିଙ୍ଗ ନିର୍ଣ୍ଣୟ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ

ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପାଇଁ ସୂଚନାଦାତାଙ୍କୁ ମିଳିବ ୨୫୦୦୦



ଏଥିସହିତ ଜିଲ୍ଲାସ୍ତରୀୟ କମିଟିକୁ ସୁଦୃଢ଼ କରାଯିବା ସହ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକ ଉପରେ ଅଧିକ ନିରୀକ୍ଷଣ ଏବଂ ମନିଟରିଂ କରାଯିବା ସହ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି । ସ୍ଥାନୀୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ପିସିପିଏନ୍‌ଡିଟି ଆଇନ୍ ସମ୍ବନ୍ଧିତ ରାଜ୍ୟ ସୁପରଭାଇଜରୀ ବୋର୍ଡ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଡ. ମହାଲିଙ୍ଗ ଆଇନ ଅନୁଯାୟୀ ନିଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା କଠୋର ଯାଞ୍ଚ, ଅବୈଧ ଲିଙ୍ଗ ଚୟନ କରିବାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରାଯିବାକୁ ମେଡିକାଲ କଲେଜ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସମ୍ଭାବ୍ୟ ପିତାମାତଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ତେବେ ଏବାବଦରେ ସୂଚନାଦାତା ▶ପୃଷ୍ଠା-୧୦

# ଏୟାର ଇଣ୍ଡିଆ ବିମାନରେ ଭୟଙ୍କର ଝଟ୍‌କା

## ୩୦୦ ଫୁଟ୍ ତଳକୁ ଖସିଲା ବିମାନ, ୧୨ ଯାତ୍ରୀ ଆହତ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଥାଇଲାଣ୍ଡର ଫୁକେଟରୁ ନୂଆଦିଲ୍ଲୀ ଅଭିମୁଖେ ଆସୁଥିବା ଏକ ଏୟାର ଇଣ୍ଡିଆ ବିମାନ ମଝି ଆକାଶରେ ପ୍ରବଳ ବାୟୁ ଅସ୍ଥିରତା ବା 'ଟର୍ବୁଲେନ୍ସ'ର ସମ୍ମୁଖୀନ ହୋଇଛି। ଏହି ଦୁର୍ଘଟଣାରେ ୧୨ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଏୟାରବସ ଏ୩୨୦ ଦ୍ୱାରା ପରିଚାଳିତ ଏଆଇ୨୩୭୯ ବିମାନଟି ଦିଲ୍ଲୀରେ ଅବତରଣ କରିବାର କିଛି ସମୟ ପୂର୍ବରୁ ଏହି ଅଘଟଣ ଘଟିଥିଲା। ବିଭିନ୍ନ ରିପୋର୍ଟ ଏବଂ ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍‌ର ତଥ୍ୟ ଅନୁଯାୟୀ, ଉକ୍ତ ସମୟରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ ତଳକୁ ଖସିଯାଇଥିଲା। ଜଣେ ଯାତ୍ରୀଙ୍କ ଅନୁଯାୟୀ, ଯାତ୍ରା ଆରମ୍ଭର ପ୍ରାୟ ଦେଢ଼ ଘଣ୍ଟା ପରେ ହଠାତ୍ ପ୍ରବଳ ଝଟକା ଅନୁଭବ ହୋଇଥିଲା। ବିମାନଟି ପ୍ରାୟ ୨ ରୁ ୩ ମିନିଟ୍ ପର୍ଯ୍ୟନ୍ତ ଭୟଙ୍କର ଭାବେ ଦୋହଲିବାକୁ ଲାଗିଥିଲା। ଏହାସହ ତଳକୁ ଖସିବାରେ ଲାଗିଥିଲା। ଯାହା ଫଳରେ ଅନେକ ଯାତ୍ରୀ ଆହତ ହୋଇଥିଲେ। ଜାତୀୟ ରାଜଧାନୀରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିବା ପରେ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। ଆହତ ଯାତ୍ରୀମାନଙ୍କୁ ତୁରନ୍ତ ବିମାନବନ୍ଦରରେ ଥିବା ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ଏୟାର ଇଣ୍ଡିଆର ଜଣେ ପ୍ରବକ୍ତା କହିଛନ୍ତି ଯେ, ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସୁରକ୍ଷା ସେମାନଙ୍କର ପ୍ରାଥମିକତା ଏବଂ ସେମାନେ ପ୍ରଭାବିତ ବ୍ୟକ୍ତିଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଉଛନ୍ତି। ଏଥିସହ ଏହି ଘଟଣାର ତଦନ୍ତ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସୋସିଆଲ ମିଡିଆରେ ଏହି ଘଟଣାର କିଛି ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଏଥିରେ ଦେଖିବାକୁ ମିଳୁଛି ଯେ, ଝଟକା ଏତେ ପ୍ରବଳ ଥିଲା ଯେ ବିମାନ କ୍ୟାବିନର ଉପର ଭାଗ ବା ସିଲିଂରେ ଫାଟ ସୃଷ୍ଟି ହୋଇଛି। ଜଣେ ଯାତ୍ରୀ ଦାବି କରିଛନ୍ତି ଯେ ବିମାନରେ ଥିବା ପ୍ରାୟ ୧୫-୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି ଏବଂ ଏଥିପାଇଁ ସେ ଏୟାର ଇଣ୍ଡିଆ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ବିଚାର କରୁଛନ୍ତି।



## ଦୁଇ ସହକର୍ମୀଙ୍କୁ ଗୁଳି ପରେ ସିଆରପିଏଫ୍ ଅଧିକାରୀଙ୍କ ଆତ୍ମହତ୍ୟା

ନାଗାଓଁ, ୪।୮ (ଏଜେନ୍ସି): ଆସାମର ନାଗାଓଁ ଜିଲ୍ଲାରେ ଜଣେ ସିଆରପିଏଫ ଅଧିକାରୀ ନିଜର ୨ ଜଣ ସହକର୍ମୀଙ୍କୁ ଗୁଳି କରି ହତ୍ୟା କରିବା ସହ ଅନ୍ୟ ଜଣଙ୍କୁ ଗୁରୁତର ଭାବେ ଆହତ କରି ନିଜେ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳ ପ୍ରାୟ ୭ଟାରେ କାଟିମାରି ସ୍ଥିତ ୩୪ ବାଟାଲିୟନ କ୍ୟାମ୍ପରେ ଏହି ଅଘଟଣ ଘଟିଛି। ପୁଲିସ ଅନୁଯାୟୀ, ଆନ୍ଧ୍ରପ୍ରଦେଶର ବାସିନ୍ଦା ଏଏସଆଇ ବଲ୍ଲାନି ପ୍ରେମାବରମ ମୁଖ୍ୟ ଫାଟକରେ ଡ୍ୟୁଟି କରୁଥିବା ସମୟରେ ଗାର୍ଡ ରୁମ୍‌ରୁ ଏକ ରାଇଫଲ୍ ନେଇ ହଠାତ ଗୁଳି ଚଳାଇଥିଲେ। ପ୍ରେମାବରମ ପ୍ରଥମେ ହାବିଲଦାର ବିଷ୍ଣୁ ପ୍ରସାଦ ବାଘେଲଙ୍କୁ ଗୁଳି କରିଥିଲେ। ଏଥିରେ ବିଷ୍ଣୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାପରେ ସେ ଏସଆଇ ରାମନୱାଲ ସିଂ ଯାଦବଙ୍କ ଉପରକୁ ଗୁଳି ଚଳାଇଥିଲେ। ଯାଦବ ମଧ୍ୟ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଏହି ଗୁଳିକାଣ୍ଡରେ ଅନ୍ୟ ଜଣେ ଅଧିକାରୀ ଏଏସଆଇ ମାନେ ଗୋବିନ୍ଦ ଶ୍ରୀପୁଲ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ ଗୌହାଟୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ନିଜ ସହକର୍ମୀଙ୍କୁ ଗୁଳି କରିବା ପରେ ପ୍ରେମାବରମ ନିଜେ ବାରାକ ଭିତରକୁ ଯାଇ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ନାଗାଓଁ ବରିଷ୍ଠ ପୁଲିସ ଅଧୀକ୍ଷକ ପାର୍ଥ ପ୍ରତିମ ଦାସ ଏବଂ ଡିଏସପି ପାରମିତା ସରକାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସିଆରପିଏଫ ଏବଂ ପୁଲିସର ବରିଷ୍ଠ ଅଧିକାରୀମାନେ ଏହି ଅଭାବନୀୟ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଫେସର ଅନ୍ନପୂର୍ଣ୍ଣି ସୁବ୍ରମଣ୍ୟମଙ୍କୁ 'ବିକ୍ରମ ସାରାଭାଇ' ସମ୍ମାନ


ଫ୍ଲୋରେନ୍ସ, ୪।୮ (ଏଜେନ୍ସି): ବେଙ୍ଗାଲୁରୁ ସ୍ଥିତ ଭାରତୀୟ ଜ୍ୟୋତିର୍ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇଏ)ର ନିର୍ଦ୍ଦେଶିକା ପ୍ରଫେସର ସୁବ୍ରମଣ୍ୟମଙ୍କୁ ମହାକାଶ ଗବେଷଣାରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ମାନଜନକ 'କୋସପାର୍ ବିକ୍ରମ ସାରାଭାଇ ପଦକ-୨୦୨୬'ରେ ସମ୍ମାନିତ କରାଯାଇଛି। ଇଟାଲୀର ଫ୍ଲୋରେନ୍ସଠାରେ ଆୟୋଜିତ ୪୬ତମ କୋସପାର୍ ସାଧାରଣ ପରିଷଦ ଅଧିବେଶନରେ ତାଙ୍କୁ ଏହି ପଦକ ପ୍ରଦାନ



କରାଯାଇଥିଲା। ବିକାଶଶୀଳ ଦେଶଗୁଡ଼ିକରେ ମହାକାଶ ଗବେଷଣାକୁ ଉତ୍ସାହିତ କରିବା ଏବଂ ଏଥିରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ପାଇଁ ତାଙ୍କୁ ଏହି ବିରଳ ସମ୍ମାନ ମିଳିଛି। ଏହି ସମ୍ମାନଜନକ ପଦକ ହାସଲ କରିବାରେ ପ୍ରଫେସର ଅନ୍ନପୂର୍ଣ୍ଣି ସୁବ୍ରମଣ୍ୟମ ହେଉଛନ୍ତି ଭାରତର ପ୍ରଥମ ମହିଳା ବୈଜ୍ଞାନିକ ଏବଂ ଚତୁର୍ଥ ଭାରତୀୟ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏବଂ କମିଟି ଅନ୍ ସ୍ପେସ୍ ରିସର୍ଚ୍ଚ (କୋସ୍‌ପାର୍)ର ମିଳିତ ସହଯୋଗରେ ମହାନ ବୈଜ୍ଞାନିକ ବିକ୍ରମ ସାରାଭାଇଙ୍କ ସ୍ମୃତିରେ ପ୍ରତି ଦୁଇ ବର୍ଷରେ ଥରେ ଏହି ପଦକ ପ୍ରଦାନ କରାଯାଇଥାଏ। ପ୍ରଫେସର ସୁବ୍ରମଣ୍ୟମଙ୍କ ଷ୍ଟେଲାର ପପୁଲେସନ୍ସ, ବ୍ଲୁ ଷ୍ଟ୍ରାଗଲର୍ ଷ୍ଟାର୍ସ, ୟୁଭିଆଇଟି/ଆଷ୍ଟ୍ରୋସାଟ୍ ଏବଂ ଭବିଷ୍ୟତର ଟେଲିସ୍କୋପ୍ ଉପରେ ଗବେଷଣା ପାଇଁ ଏହି ସ୍ୱୀକୃତି ମିଳିଛି।

## ବିଶିଷ୍ଟ ଶିକ୍ଷାବିତ୍ ଡିୱାଇ ପାଟିଲଙ୍କ ପରଲୋକ

କୋହ୍ଲାପୁର, ୪।୮ (ଏଜେନ୍ସି): ବିଶିଷ୍ଟ କଂଗ୍ରେସ ନେତା, ଜଣାଶୁଣା ଶିକ୍ଷାବିତ୍ ଏବଂ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଡିୱାଇ ପାଟିଲଙ୍କର ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ମହାରାଷ୍ଟ୍ରର



କୋହ୍ଲାପୁରସ୍ଥିତ ନିଜ ବାସଭବନରେ ଦୀର୍ଘ ଦିନର ଅସୁସ୍ଥତା ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ପାଟିଲ ଜଣେ ଦକ୍ଷ ରାଜନୀତିଜ୍ଞ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ସେ ତ୍ରିପୁରା ଏବଂ ବିହାରର ରାଜ୍ୟପାଳ ଭାବରେ ସେବା କରିବା ସହିତ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ତାଙ୍କର ରାଜନୈତିକ ଜୀବନ କୋହ୍ଲାପୁରରୁ ଆରମ୍ଭ ହୋଇଥିଲା। ସେଠାରେ ସେ ୧୯୬୭ ରୁ ୧୯୭୮ ପର୍ଯ୍ୟନ୍ତ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ରାଜନୀତି ବ୍ୟତୀତ ଶିକ୍ଷା ଜଗତରେ ତାଙ୍କର ଅବଦାନ ଅତୁଳନୀୟ। ସେ ମହାରାଷ୍ଟ୍ରରେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଡିୱାଇ ପାଟିଲ ବିଶ୍ୱବିଦ୍ୟାଳୟ ଆଜି ଶିକ୍ଷା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ଭାବରେ ଜଣାଶୁଣା। ଶିକ୍ଷା ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ୧୯୯୧ରେ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଅଲ୍ ଜଜିରା ଉପରେ କଟକଣା

ଇସଲାମାବାଦ, ୪।୮ (ଏଜେନ୍ସି): ପାକିସ୍ତାନ ସରକାର ଅନ୍ତର୍ଜାତୀୟ ସମ୍ବାଦ ସଂସ୍ଥା ଅଲ୍ ଜଜିରା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାକୁ ଦେଶରେ ନିଷିଦ୍ଧ କରିଛନ୍ତି। ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଚାଲିଥିବା ସରକାରୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟ ପ୍ରସାରଣ କରିବା ପରେ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ପାକିସ୍ତାନ ପ୍ରଶାସନ ପକ୍ଷରୁ ଅଲ୍ ଜଜିରା ଉପରେ 'କାମଳ ସାମ୍ବାଦିକତା' ବା ନିମ୍ନମାନର ଏବଂ ଭ୍ରାନ୍ତ ଖବର ପରିବେଷଣର ଗୁରୁତର ଅଭିଯୋଗ କରାଯାଇଛି। ବିଶେଷ କରି ପିଓକେ ଅଞ୍ଚଳରେ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନକୁ ନେଇ ଚ୍ୟାନେଲ୍ ପକ୍ଷରୁ ପ୍ରକାଶିତ ରିପୋର୍ଟକୁ ଭିତ୍ତିହୀନ ଦର୍ଶାଇ ପାକିସ୍ତାନ ଏହି ନିଷ୍ପତ୍ତି ନେଇଛି। ଏହି ଘଟଣା ପରେ ଅନ୍ତର୍ଜାତୀୟ ସ୍ତରରେ ଗଣମାଧ୍ୟମର ସ୍ୱାଧୀନତାକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ପାକିସ୍ତାନର ଏହି ପଦକ୍ଷେପକୁ ସମାଲୋଚକମାନେ ସ୍ୱର ଚାପିଦେବାର ଏକ ପ୍ରୟାସ ବୋଲି ଅଭିହିତ କରିଛନ୍ତି।

## ଇରାନକୁ ଟ୍ରମ୍ପଙ୍କ 'ଶେଷ ସୁଯୋଗ' ଧମକ

### କୂଟନୈତିକ ସମାଧାନ ନହେଲେ ସାମରିକ ଆକ୍ରମଣ

ୱାଶିଂଟନ୍, ୪।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କୂଟନୈତିକ ବୁଝାମଣା କରିବାକୁ 'ଶେଷ ସୁଯୋଗ' ଦେଇଥିବା କହି ସତର୍କ କରାଇଛନ୍ତି। ଏକ ବଡ଼ ଧରଣର ସାମରିକ ଆକ୍ରମଣକୁ ସାମୟିକ ଭାବେ ସ୍ଥଗିତ ରଖିବା ପରେ ସେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯଦି ଏହି ପର୍ଯ୍ୟାୟରେ କୌଣସି ବୁଝାମଣା ସ୍ୱାକ୍ଷର ନହୁଏ, ତେବେ ଏହା ଇରାନ ପାଇଁ ଚୂଡ଼ାନ୍ତ ସୁଯୋଗ ବୋଲି ବିବେଚନା କରାଯିବ। ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ ପ୍ରକାଶ କରିଛନ୍ତି ଯେ, ଆମେରିକା ଇରାନ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା। ଏହି ଆକ୍ରମଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ସବୁଠାରୁ ଭୟଙ୍କର ହୋଇଥାନ୍ତା। କିନ୍ତୁ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କାତାର ଏବଂ ଇରାନ ପକ୍ଷରୁ କୂଟନୈତିକ ଆଲୋଚନା ପାଇଁ ଅନୁରୋଧ ଆସିବା ପରେ ଏହି ସୈନ୍ୟ କାର୍ଯ୍ୟାନୁଷ୍ଠାନକୁ ରୋକାଯାଇଛି।



ଟ୍ରମ୍ପଙ୍କ ଦାବି ଅନୁଯାୟୀ, ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'କୁ ସମ୍ପୂର୍ଣ୍ଣ ଭାବେ ପୁନଃ କାର୍ଯ୍ୟକ୍ଷମ କରିବା ଏବଂ ଇରାନର ସମ୍ପୂର୍ଣ୍ଣ ପରମାଣୁ ନିରସ୍ତ୍ରୀକରଣ ହିଁ ଆଲୋଚନାର ମୁଖ୍ୟ ବିଷୟ ହେବା ଆବଶ୍ୟକ। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଇରାନକୁ କେବେ ବି ପରମାଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ। ଯଦିଓ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନର ଅନୁରୋଧ କ୍ରମେ ଆଲୋଚନା ଜାରି ରହିଛି, କିନ୍ତୁ ଇରାନ ଏହାକୁ ଅସ୍ୱୀକାର କରିଛି। ଇରାନ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଏସମାଇଲ ବାଘାଇ କହିଛନ୍ତି ଯେ ଆମେରିକା ସହ କୌଣସି ପ୍ରତ୍ୟକ୍ଷ ବା ପରୋକ୍ଷ ଆଲୋଚନା ହେଉନାହିଁ। ଅନ୍ୟପଟେ ଟ୍ରମ୍ପ ଇରାନ ନେତୃତ୍ୱକୁ ଅତ୍ୟଧିକ ଛଳନାକାରୀ ବୋଲି ଆକ୍ଷେପ କରିଛନ୍ତି। ସେ କହିଛନ୍ତି ଯେ ଇରାନ ଅଧିକାରୀମାନେ ଆମେରିକା ପ୍ରତିନିଧିଙ୍କ ସହ ଘଣ୍ଟା ଘଣ୍ଟା ଧରି ଆଲୋଚନା କରୁଥିଲେ ମଧ୍ୟ ସର୍ବସାଧାରଣରେ ଏହାକୁ ଅସ୍ୱୀକାର କରୁଛନ୍ତି। ବର୍ତ୍ତମାନ ବିଶ୍ୱ ସମୁଦାୟର ନଜର ହର୍ମୁଜ୍ ଉପରେ ରହିଛି, ଯାହା ଆଗାମୀ ଦିନକ ମଧ୍ୟରେ ଖୋଲିପାରେ ବୋଲି ଟ୍ରମ୍ପ ଆଶା ପ୍ରକଟ କରିଛନ୍ତି। ଯଦି ଏହି କୂଟନୈତିକ ପ୍ରୟାସ ବିଫଳ ହୁଏ, ତେବେ ପଶ୍ଚିମ ଏସିଆରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କା ସୃଷ୍ଟି ହୋଇଛି।

## ପଞ୍ଜାବରେ ଆଇଏସ୍‌ଆଇ ଆତଙ୍କବାଦୀ ନେଟୱାର୍କ

ଅମୃତସର, ୪।୮ (ଏଜେନ୍ସି): ପଞ୍ଜାବ ପୁଲିସ ୨ଟି ଆଇଏସ୍‌ଆଇ ସମର୍ଥିତ ସୀମାପାର ଆତଙ୍କବାଦୀ ନେଟ୍‌ୱର୍କକୁ ଧରିବାରେ ସଫଳ ହୋଇଛି। ଏହି ଅପରେସନରେ ପୁଲିସ ୪ ଜଣ ନାବାଳକଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି। ସେମାନେ ନିଯୁକ୍ତି, ଗୁପ୍ତଚର କାମ ଏବଂ ବେଆଇନ ଅସ୍ତ୍ରଶସ୍ତ୍ର ଯୋଗାଡ଼ କରିବା କାର୍ଯ୍ୟରେ ସାମିଲ ଥିଲେ। ପଞ୍ଜାବର ପୁଲିସ ମହାନିର୍ଦ୍ଦେଶକ ସାମାଜିକ ଗଣମାଧ୍ୟମରେ ଏନେଇ ସୂଚନା ଦେଇଛନ୍ତି। ଏଥିରେ ବିଦେଶୀ ସହାୟତା ରହିଥିବା ସେ କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୩ଟି ବେଆଇନ ପିସ୍ତଲ, ୪ଟି ପେଟ୍ରୋଲ ବୋମା ଏବଂ ୯ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ଅଭିଯୁକ୍ତମାନେ ବିଦେଶରେ ରହୁଥିବା ଆଇଏସ୍‌ଆଇ ହ୍ୟାଣ୍ଡଲର୍‌ଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ସ୍ଥାନୀୟ ଯୁବକମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ କରିବା, ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକ ଉପରେ ନଜର ରଖିବା ଏବଂ ଜନସାଧାରଣଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି କରିବା। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ରେଳ ଧାରଣା ନିକଟରେ ସିସିଟିଭି କ୍ୟାମେରା ଲଗାଇ ସେହି ଫୁଟେଜ୍‌କୁ ବିଦେଶୀ ହ୍ୟାଣ୍ଡଲର୍‌ମାନଙ୍କ ସହ ସେୟାର କରୁଥିଲେ। ପୁଲିସ ବର୍ତ୍ତମାନ ଏହି ନେଟୱାର୍କର ଅନ୍ୟ ସଦସ୍ୟମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କର ଆର୍ଥିକ କାରବାର ଏବଂ ଅନ୍ୟାନ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ସହ ସମ୍ପର୍କ ବିଷୟରେ ଅଧିକ ଖୋଳତାଡ଼ ଜାରି ରଖିଛି।



୪ ନାବାଳକଙ୍କ ସମେତ ୯ ଗିରଫ

## ଝାଡ଼ଖଣ୍ଡରେ ବି ଜେନ୍-ଜି ଆନ୍ଦୋଳନ ଜୋର ଧରିଲା

ରାଞ୍ଚି, ୪।୮ (ଏଜେନ୍ସି): ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ଛାତ୍ର ଆନ୍ଦୋଳନ ଏକ ନୂଆ ମୋଡ଼ ନେଇଛି। ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତା ବିରୋଧରେ ସ୍ୱର ଉତ୍ତୋଳନ କରି ଯୁବ ଛାତ୍ର ନେତା ଦେବେନ୍ଦ୍ର ନାଥ ମାହାତୋ ବର୍ତ୍ତମାନ ଆନ୍ଦୋଳନର ମୁଖ୍ୟ ଚେହେରା ଭାବେ ଉଭା ହୋଇଛନ୍ତି। ରାଞ୍ଚିର ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମରେ ହଜାର ହଜାର ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିବା ବେଳେ ମାହାତୋ ରବିବାର ରାତିରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ

**ଛାତ୍ର ଆନ୍ଦୋଳନର ନୂଆ ଚେହେରା ଦେବେନ୍ଦ୍ର ନାଥ ମାହାତୋଙ୍କ ଆମରଣ ଅନଶନ**

ଅନଶନ ଆରମ୍ଭ କରିଛନ୍ତି। ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସ୍‌ସି) ଏବଂ ଝାଡ଼ଖଣ୍ଡ କର୍ମଚାରୀ ଚୟନ ଆୟୋଗ (ଜେଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଜେପିଏସ୍‌ସି ସିଭିଲ ସେବା ପ୍ରାରମ୍ଭିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏହି ବିବାଦ ତେଜିଛି। ଦେବେନ୍ଦ୍ର ନାଥ ମାହାତୋ ଏହି ଘଟଣାର ସିବିଆଇ ଏବଂ ଇଡି ଦ୍ୱାରା ତଦନ୍ତ କରାଯିବା ସହ ସ୍ୱଚ୍ଛତା ନ ଆସିବା ପର୍ଯ୍ୟନ୍ତ ପରୀକ୍ଷାକୁ ବାତିଲ କରିବା ପାଇଁ ଦାବି କରିଛନ୍ତି। ମାହାତୋଙ୍କ ଅନୁଯାୟୀ, ଅଧିକାରୀମାନଙ୍କ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆ ନଯିବାରୁ ସେମାନଙ୍କ ପାଖରେ ଅନଶନ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା। ରାଞ୍ଚିର ଏକ ଗ୍ରାମାଞ୍ଚଳରୁ ଆସିଥିବା ମାହାତୋ ଜଣେ ଉଚ୍ଚଶିକ୍ଷିତ ଯୁବକ। ସେ ସଂସ୍କୃତ ଏବଂ କୁଡ଼ମାଲି ଭାଷାରେ ସ୍ନାତକୋତ୍ତର କରିବା ସହ ବିଇଡି ମଧ୍ୟ କରିଛନ୍ତି। ୨୦୧୫ରୁ ସେ ବିଭିନ୍ନ ଛାତ୍ର ସମସ୍ୟା, ଯଥା- ପ୍ରଶ୍ନପତ୍ର ଲିକ ଓ ନିଯୁକ୍ତି ନିୟମାବଳୀକୁ ନେଇ ସଂଗ୍ରାମ ଜାରି ରଖିଛନ୍ତି। ଏପରିକି ୨୦୨୪ ବିଧାନସଭା ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିଥିଲେ। ତାଙ୍କର ଏହି ନିର୍ଭୀକ ପଦକ୍ଷେପ ପାଇଁ ଅନେକ ତାଙ୍କୁ ସୋନମ ୱାଙ୍ଗଚୁକଙ୍କ ସହ ତୁଳନା କରି 'ୱାଙ୍ଗଚୁକ ୨.୦' ବୋଲି କୁହାଯାଉଛି। ଏହି ଆନ୍ଦୋଳନକୁ ବର୍ତ୍ତମାନ ବିଭିନ୍ନ ମହଲରୁ ସମର୍ଥନ ମିଳିବାରେ ଲାଗିଛି। 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦିପକେ ମାହାତୋଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ନିଜର ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।




## ଆସାମ ବନ୍ୟା ମୃତ୍ୟୁସଂଖ୍ୟା ୮୭କୁ ବୃଦ୍ଧି

ଗୁଆହାଟୀ, ୪।୮ (ଏଜେନ୍ସି): ଆସାମରେ ବନ୍ୟା ସ୍ଥିତି ଅତି ଗୁରୁତର ହେବାରେ ଲାଗିଛି। ରାଜ୍ୟରେ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୮୭ରେ ପହଞ୍ଚିଥିବା ବେଳେ ପ୍ରାୟ ୧.୩ ଲକ୍ଷ ଲୋକ ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଗତ ୨୪ ଘଣ୍ଟାରେ ଶିବସାଗର ଜିଲ୍ଲାରୁ ଆଉ ୨ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟର ଅଧିକାଂଶ ଅଞ୍ଚଳରୁ ବନ୍ୟା ଜଳ ଧୀରେ ଧୀରେ ହ୍ରାସ ପାଉଥିଲେ ହେଁ, ୬ଟି ଜିଲ୍ଲାରେ ପ୍ରାୟ ୧, ୨୮, ୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଶିବସାଗର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ପ୍ରାୟ ୫୫, ୦୦୦ ଗୃହପାଳିତ ପଶୁ ବନ୍ୟା ଜଳରେ ଭାସି ଯାଇଥିବା ବେଳେ ଅନ୍ୟ ୩୫, ୦୦୦ ପଶୁ ପ୍ରଭାବିତ ହୋଇଛନ୍ତି। ନୁମାଲିଗଡ଼ଠାରେ ଧନଶିରି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ପରିସ୍ଥିତି ମଧ୍ୟରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏକ ନୂତନ ଚେତାବନୀ ଜାରି କରିଛି। ପଡୋଶୀ ରାଜ୍ୟ ଅରୁଣାଚଳ ପ୍ରଦେଶ ଏବଂ ମେଘାଳୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ରେଡ୍ ଏବଂ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହାର ପ୍ରଭାବ ଆସାମର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ପଡ଼ିବାର ଆଶଙ୍କା ରହିଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ରିଲିଫ୍ କାର୍ଯ୍ୟ ଜାରି ରହିଛି।

## ସଂସଦରେ ପ୍ରବଳ ହଟ୍ଟଗୋଳ ଜାରି



ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନରେ ମଙ୍ଗଳବାର ମଧ୍ୟ ଶାସକ ଏବଂ ବିରୋଧୀ ଦଳଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଛି। ନିଟ୍ ପ୍ରଶ୍ନପତ୍ର ଲିକ, ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଆତ୍ମସାତ ଏବଂ ଛାତ୍ର ଆନ୍ଦୋଳନକାରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନ ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଆଜି ମଧ୍ୟ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଲୋକସଭା ଓ ରାଜ୍ୟସଭା ବାରମ୍ବାର ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ବିଜେପି ପକ୍ଷରୁ ବିରୋଧୀ ଦଳଗୁଡ଼ିକ ଉପରେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ଅଣାଯାଇଛି। ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ତଥା ସାଂସଦ ସମ୍ବିତ ପାତ୍ର କହିଛନ୍ତି ଯେ, କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ଜାଣିଶୁଣି ଗୃହର କାର୍ଯ୍ୟଧାରାରେ ବାଧା ସୃଷ୍ଟି କରୁଛନ୍ତି। ଫଳରେ ଜନସାଧାରଣଙ୍କ ପ୍ରସଙ୍ଗରେ ଆଲୋଚନା ହୋଇପାରୁ ନାହିଁ। ସେ ଅଭିଯୋଗ କରିଛନ୍ତି ଯେ ପ୍ରତି ଅଧିବେଶନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପ୍ରଶ୍ନକାଳ ଏବଂ ଶୂନ୍ୟକାଳକୁ ଚାଲିବାକୁ ଦିଆଯାଉ ନାହିଁ। ତେବେ ଆଜି ମଧ୍ୟ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଭଦ୍ରାଙ୍କ ସମେତ ଅନ୍ୟ ବିରୋଧୀ ସାଂସଦମାନେ ସଂସଦ ପରିସରରେ ପ୍ରତିବାଦ କରିଛନ୍ତି। ବିରୋଧୀ ଦଳଗୁଡ଼ିକ ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ଅଭିଯୋଗ ଏବଂ ଛାତ୍ରମାନଙ୍କ ଉପରେ ହୋଇଥିବା ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଦାବି କରିଛନ୍ତି। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ

**ରାଜ୍ୟସଭାରେ ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ (ସଂଶୋଧନ) ବିଲ୍ ପାରିତ**

ଖଡଗେ କହିଛନ୍ତି ଯେ ରାମ ଜନ୍ମଭୂମି ଟ୍ରଷ୍ଟ ଏବଂ ଛାତ୍ରଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ଅନୁମତି ଦେବା ଉଚିତ।

ଏହି ହଟ୍ଟଗୋଳ ମଧ୍ୟରେ ମଧ୍ୟ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରାଇଛନ୍ତି। ରାଜ୍ୟସଭାରେ 'ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ (ସଂଶୋଧନ) ବିଲ୍, ୨୦୨୬' ବାଚନିକ ଭୋଟ୍‌ରେ ପାରିତ ହୋଇଛି। ଏହି ନୂତନ ବିଲ୍ ଅନୁଯାୟୀ, ୨ ବର୍ଷରୁ ଅଧିକ ବିଳମ୍ବରେ ଜନ୍ମ ବା ମୃତ୍ୟୁ ପଞ୍ଜିକରଣ କରିବା ପାଇଁ ଫାଷ୍ଟ କ୍ଲାସ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ଆଦେଶ ଆବଶ୍ୟକ ହେବ। ଫଳରେ ଡେରିରେ ହେଉଥିବା ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ କଠୋର ହେବ। ଏଥିସହ ଲୋକସଭାରେ 'ବିନିଯୋଗ ବିଲ୍' ପାରିତ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ 'ଟିକସ ଏବଂ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୨୬' ଆଗତ କରିଛନ୍ତି।

## ପଞ୍ଜାବ ବିଧାନସଭାରେ ଇ-୨୦ ପେଟ୍ରୋଲ୍ ବିରୋଧୀ ପ୍ରସ୍ତାବ ପାରିତ




ଚଣ୍ଡିଗଡ଼, ୪।୮ (ଏଜେନ୍ସି): ପଞ୍ଜାବ ବିଧାନସଭାର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ କେନ୍ଦ୍ର ସରକାରଙ୍କ ଦେଶବ୍ୟାପୀ ଇ୨୦ ପେଟ୍ରୋଲ୍ ପ୍ରଚଳନ ବିରୋଧରେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଛି। ଶାସକ ଦଳ ପକ୍ଷରୁ ଆଗତ ପ୍ରସ୍ତାବକୁ ସବୁ ଦଳର ସଦସ୍ୟମାନେ ସମର୍ଥନ ଜଣାଇବା ସହ ଏହି ବାଧ୍ୟତାମୂଳକ ନୀତିକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ପ୍ରସ୍ତାବ ଅନୁଯାୟୀ, ପୁରୁଣା ମଡେଲର ଦୁଇ ଚକିଆ, ଚାରି ଚକିଆ ଏବଂ କୃଷି କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ଉପରେ ଇ୨୦ ପେଟ୍ରୋଲର କୁପ୍ରଭାବ ପଡୁଛି। ଲୋକମାନଙ୍କ ମଧ୍ୟରେ ଏହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି ଯେ ଏହି ମିଶ୍ରିତ ଇନ୍ଧନ ଦ୍ୱାରା ଇଞ୍ଜିନ ଶୀଘ୍ର ଖରାପ ହେବା ସହ ଏହାର କାର୍ଯ୍ୟକ୍ଷମତା ହ୍ରାସ ପାଉଛି। ଏହା ସାଧାରଣ ଜନତା ଏବଂ ଚାଷୀଙ୍କ ପାଇଁ ଆର୍ଥିକ ବୋଝ ସୃଷ୍ଟି କରୁଛି। ପଞ୍ଜାବ ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏଠାକାର ଗ୍ରାମୀଣ ଅର୍ଥନୀତି ପୁରୁଣା ପେଟ୍ରୋଲ୍ ଚାଳିତ ପମ୍ପ ସେଟ୍ ଏବଂ ହାଲୁକା ପରିବହନ ଗାଡ଼ି ଉପରେ ନିର୍ଭରଶୀଳ। ପେଟ୍ରୋଲ୍ ପମ୍ପଗୁଡ଼ିକରେ ବିନା ମିଶ୍ରିତ ପେଟ୍ରୋଲର ବିକଳ୍ପ ନ ଥିବାରୁ ନିମ୍ନ ଆୟକାରୀ ପରିବାର ଏବଂ ଚାଷୀ ଗାଡ଼ିର ମରାମତି ଓ ପରିବର୍ତ୍ତନ ପାଇଁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି।

## ମସ୍କୋ ଗୋଦାମରେ ବିସ୍ଫୋରଣ, ୫ ମୃତ

ମସ୍କୋ, ୪।୮ (ଏଜେନ୍ସି): ମସ୍କୋ ନିକଟବର୍ତ୍ତୀ ଏକ ଗୋଦାମ ଗୃହ ଉପରେ ସୋମବାର ରାତିରେ ୟୁକ୍ରେନ ପକ୍ଷରୁ କରାଯାଇଥିବା ଡ୍ରୋନ୍ ମାଡ କରାଯାଇଛି। ଏହି ଆକ୍ରମଣରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଆହତ ହୋଇଥିବା ସୂଚନା ମିଳିଛି। ରୁଷର ଆଞ୍ଚଳିକ ଗଭର୍ଣ୍ଣର ଆନ୍ଦ୍ରେଇ ଭୋରୋବିୟୋଭଙ୍କ ଅନୁସାରେ, କ୍ରେମଲିନଠାରୁ ପ୍ରାୟ ୬୯ କିଲୋମିଟର ଦୂରରେ ଥିବା ନୋଭୋସେଲକି ଅଞ୍ଚଳର ଏକ ଶିଳ୍ପାଞ୍ଚଳକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥିଲା। ଏହି ଡ୍ରୋନ୍ ମାଡ଼ ଫଳରେ ଏକ ବିଶାଳ ଗୋଦାମ ଗୃହରେ ଭୟଙ୍କର ନିଆଁ ଲାଗିଯିବା ସହ ନିକଟସ୍ଥ ଏକ ବୈଦ୍ୟୁତିକ ସବଷ୍ଟେସନ ଏବଂ ପ୍ରଶାସନିକ ଭବନ କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଏହି ଗୋଦାମ ଗୃହଟି ରୁଷର ପ୍ରସିଦ୍ଧ ଇ-କମର୍ସ ସଂସ୍ଥା ୱାଇଲ୍ଡବେରିଜ୍ ସହ ଜଡିତ, ଯାହାକୁ ରୁଷର ଆମାଜନ ବୋଲି କୁହାଯାଏ। କିଭ୍‌ର ଦାବି ଅନୁଯାୟୀ, ରୁଷୀୟ ସେନାକୁ ସାମଗ୍ରୀ ଯୋଗାଣ ପାଇଁ ଏହି ଡିପୋଗୁଡ଼ିକ ବ୍ୟବହାର କରାଯାଉଛି। କିନ୍ତୁ ମସ୍କୋ ଏହି ଅଭିଯୋଗକୁ ଅସ୍ୱୀକାର କରିଛି।

**ଗଞ୍ଜାମ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ**

## ମା' କନ୍ଧୁଣୀ ଦେବୀଙ୍କ ପୀଠରେ କଲେ ପୂଜାର୍ଚ୍ଚନା

ବ୍ରହ୍ମପୁର/ସାନଖେମୁଣ୍ଡି,୪।୮ (ସମିସ): ଦୁଇଦିନିଆ ଗଞ୍ଜାମ ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭୁବନେଶ୍ୱରରୁ ରେଳ ଯୋଗେ ସେ ବ୍ରହ୍ମପୁର ପହଞ୍ଚିବା ପରେ ତପ୍ତପାଣି ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ତପ୍ତପାଣିରେ ପହଞ୍ଚି ସେ କାନ୍ଧୁଣୀ ଦେବୀ ଓ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଦିବ୍ୟ ଆରତିରେ ଅଂଶଗ୍ରହଣ କରିଛନ୍ତି। ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ରାଜ୍ୟପାଳ ଡ଼ ହରିବାବୁ କୁମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଧ୍ୟ ଉପସ୍ଥିତ ଥିଲେ।



ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ଅବସରରେ ପବିତ୍ର ତପ୍ତପାଣି ଆଜି ରଙ୍ଗ, ରାଗ, ତାଳ ଓ ପରମ୍ପରାର ଏକ ଅପୂର୍ବ ସମାଗମର ସାକ୍ଷୀ ପାଲଟିଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକ କଳାକାରମାନେ ନିଜ ନିଜର ପାରମ୍ପରିକ ବେଶଭୂଷା, ଆଦିମ ବାଦ୍ୟଯନ୍ତ୍ର ଏବଂ ମନୋମୁଗ୍ଧକର ଲୋକନୃତ୍ୟ ପରିବେଷଣ କରି ଗଞ୍ଜାମର ସମୃଦ୍ଧ ସାଂସ୍କୃତିକ ବୈଭବକୁ ଦେଶର ପ୍ରଥମ ନାଗରିକଙ୍କ ସମ୍ମୁଖରେ ଗୌରବର ସହ ଉପସ୍ଥାପନ କରିଥିଲେ। ଶିଙ୍ଗା, ତୁରୀ, ଝାଞ୍ଜ, ଚାଙ୍ଗୁ, ମୃଦଙ୍ଗ ଓ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟର ସମ୍ମିଳିତ ନିନାଦରେ ସମଗ୍ର ତପ୍ତପାଣି ପ୍ରକମ୍ପିତ ହୋଇ ଉଠିଥିଲା।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପବିତ୍ର ମା' କନ୍ଧୁଣୀ ଦେବୀ ପୀଠରେ ପହଞ୍ଚି ଦିବ୍ୟ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ପବିତ୍ର ଆଦିବାସୀ ଆସ୍ଥାକେନ୍ଦ୍ରକୁ ଗସ୍ତ କରିବାରେ ସେ ଦେଶର ପ୍ରଥମ ରାଷ୍ଟ୍ରପତି। ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ମା' କନ୍ଧୁଣୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ପରେ ସେ ନିକଟସ୍ଥ ମହାଦେବ ମନ୍ଦିରରେ ମଧ୍ୟ ଦର୍ଶନ କରି ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ।

ଏହାପୂର୍ବରୁ ବ୍ରହ୍ମପୁର ରେଳ ଷ୍ଟେସନରୁ କଡ଼ା ସୁରକ୍ଷା ବଳରେ ତପ୍ତପାଣି ଗସ୍ତବେଳେ ଆମ୍ବ ବଜାର ନିକଟ ମିନାକ୍ଷୀ ନଗର ସ୍ଥିତ ମହାମାୟୀ ମହାବିଦ୍ୟାଳୟର ଛାତ୍ରୀମାନେ ହାତରେ ତ୍ରିରଙ୍ଗା ଧରି ତାଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ। ଏହାକୁ ଦେଖି ରାଷ୍ଟ୍ରପତି ଶ୍ରୀମତି ମୁର୍ମୁ ଗାଡ଼ି ଅଟକାଇବା ସହ ଗାଡ଼ିରୁ ଓହ୍ଲାଇ ସେମାନଙ୍କୁ ଚକୋଲେଟ ଦେଇଥିଲେ। ଛାତ୍ରୀଙ୍କ ସହ ପାଠପଢ଼ା ବିଷୟରେ ପଚାରି ବୁଝିବା ପରେ ସିଧା ତପ୍ତପାଣି ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ।

# କମିଲା ବନ୍ୟା ପ୍ରକୋପ; ଉଜୁଡ଼ିଗଲା ପରିବା ଚାଷ

## ଫସଲହାନୀ ଚାଷୀଙ୍କ ଜୀବନଜୀବିକାକୁ ବିପର୍ଯ୍ୟସ୍ତ କରିଦେଇଛି

ଭଦ୍ରକ,୪।୮ (ଉମାକଲ୍ୟାଣ ମହାପାତ୍ର):





ଭଦ୍ରକ ଜିଲ୍ଲାରେ ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟା ପ୍ରକୋପ ଥମିଛି। ସବୁ ନଦୀର ଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ହେଲେ ବନ୍ୟା ଉଜାଡ଼ି ଦେଇଛି ପରିବା ଚାଷ। ଭଦ୍ରକ ଜିଲ୍ଲାରେ ବନ୍ୟା ଯୋଗୁଁ ୬ଟି ବ୍ଲକ୍‌ର ୧୧୧ଟି ପଞ୍ଚାୟତ ଅଧୀନ ୨୯୫ଟି ଗାଁର ୨୯୩ ହେକ୍ଟର ପରିବା ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ଆଉ ସର୍ବାଧିକ କ୍ଷତି ବନ୍ୟାପ୍ରବଣ ଧାମନଗର ବ୍ଲକ୍‌ରେ ହୋଇଛି। ପ୍ରାୟ ୯୫ ହେକ୍ଟରରୁ ଅଧିକ ପରିବା ଚାଷ ହୋଇଥିବା ଜମି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ହୃଦୟ ରଞ୍ଜନ ଜେନା ସୂଚନା ଦେଇଛନ୍ତି। ବିଶେଷ କରି ବନ୍ୟା ଯୋଗୁଁ ବାଇଗଣ, କଲରା, କାକୁଡ଼ି, ଲଙ୍କା, କଦଳୀ, ଭେଣ୍ଡି, ଝୁଡ଼ଙ୍ଗ, କଖାରୁ, ପୋଟଳ ଆଦି ବିଭିନ୍ନ ପରିବା ଚାଷ ଦୀର୍ଘ ସମୟ ଧରି ବନ୍ୟା ପାଣିରେ ବୁଡ଼ି ରହିବା ଫଳରେ ସେଗୁଡ଼ିକ ସଢ଼ି ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାରେ ବନ୍ୟା ଉପୁଜାଇଥିବା ଦୁଇ ପ୍ରମୁଖ ନଦୀ ବୈତରଣୀ ଓ ସାଳନ୍ଦୀ ନଦୀ ସହ ଏହାର ଶାଖା ନଦୀରେ ବନ୍ୟା ପାଣି ଏବେ ଧୀରେ ଧୀରେ କମିବାରେ ଲାଗିଛି। ବନ୍ୟା ବିପଦରୁ ଲୋକେ କିଛିଟା ଆଶ୍ୱସ୍ତ ହୋଇଥିଲେ ମଧ୍ୟ ଏବେ ଉଜୁଡ଼ି ଯାଇଥିବା ଚାଷ ଜମିକୁ ଦେଖି ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବନ୍ୟା ପାଣି ଛାଡ଼ିବା ପରେ ଚାଷୀଙ୍କ ଅସଲ ଦୁଃଖ ସାମ୍ନାକୁ ଆସିଛି। ପରିବା ଚାଷ କରି ଜୀବିକା ନିର୍ବାହ କରୁଥିବା ଶତାଧିକ ଚାଷୀ ଏବେ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ଭଦ୍ରକ ଜିଲ୍ଲାର ଧାମନଗର, ତିହିଡ଼ି, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଭଦ୍ରକ ଓ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ୨୯୫ଟି ଗାଁର ୨୯୩ ହେକ୍ଟର ଜମିରେ ଚାଷ ହୋଇଥିବା ପନିପରିବା ଚାଷ ବନ୍ୟା ପାଣିରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବର୍ଷସାରା ଏହି ପରିବା ବିକ୍ରି କରି ପରିବାର ଚଳାଉଥିବା ଚାଷୀମାନେ ଏବେ ବଡ଼ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ସେମାନଙ୍କ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲ୍ଲା ଉଦ୍ୟାନ କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଜିଲ୍ଲାର ଧାମନଗର ବ୍ଲକ୍ ଅଞ୍ଚଳରେ ବନ୍ୟା ଯୋଗୁଁ ସର୍ବାଧିକ ୯୫ ହେକ୍ଟର ପରିବା ଚାଷ ନଷ୍ଟ ହୋଇଛି। ସେହିଭଳି ଭଦ୍ରକ ବ୍ଲକ୍ ଅଞ୍ଚଳରେ ବନ୍ୟା ଯୋଗୁଁ ୬୦ରୁ ୬୨ ହେକ୍ଟର ଜମିରେ ପନିପରିବା ଚାଷ ନଷ୍ଟ ହୋଇଛି। ବାସୁଦେବପୁର ବ୍ଲକ୍‌ରେ ୨୫ ହେକ୍ଟର ଜମିରେ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବାବେଳେ ଚାନ୍ଦବାଲି ବ୍ଲକ୍‌ରେ ୫୧ ହେକ୍ଟର ଜମି, ଭଣ୍ଡାରିପୋଖରୀ ବ୍ଲକ୍‌ରେ ୪୦ ହେକ୍ଟର ଜମିରେ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ କରିଛି ବନ୍ୟା। ସେହିଭଳି ତିହିଡ଼ି ବ୍ଲକ୍‌ରେ ବନ୍ୟା ଯୋଗୁଁ ୨୦ ହେକ୍ଟର ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଏହି ପ୍ରାକ୍ କ୍ଷୟକ୍ଷତି ଆକଳନ ଗତ ୨ ତାରିଖ ସୁଦ୍ଧା କରାଯାଇଥିବା ବେଳେ ଏବେ ଏହି କ୍ଷତି ପରିମାଣ ଅଧିକ ହେବ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି।

**■ ୧୧୧ ପଞ୍ଚାୟତ ଅଧୀନ ୨୯୫ ଗାଁର ୨୯୩ ହେକ୍ଟର ପରିବା ଚାଷ କ୍ଷତିଗ୍ରସ୍ତ**

**■ ଧାମନଗର ବ୍ଲକ୍‌ରେ ସର୍ବାଧିକ ୯୫ ହେକ୍ଟର ଜମିରେ ପରିବା ଚାଷ ନଷ୍ଟ**

ଅଧିକ ଭାବେ ବନ୍ୟା କବଳିତ ଜିଲ୍ଲାର ଧାମନଗର ବ୍ଲକ୍ କରଦା ପଞ୍ଚାୟତ ତେନ୍ତୁଳିଗାଁ ଅଞ୍ଚଳର ଚାଷୀ ମଧୁସୂଦନ ସାହୁ ଜଣେ ବଡ଼ ପରିବା ଚାଷୀ। ସେ ତାଙ୍କ ଦେଢ଼ ଏକରରୁ ଅଧିକ ଜମିରେ କାକୁଡ଼ି ଓ କଦଳୀ ଚାଷ କରିଥିଲେ। ତେବେ ବନ୍ୟା ଯୋଗୁଁ ତାଙ୍କ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ସେ ଏହି ଚିନ୍ତାରେ ଏବେ ଭାଙ୍ଗି ପଡ଼ିଛନ୍ତି। ଧାମନଗର ସୋହଡ଼ା ପଞ୍ଚାୟତ ଅଧୀନ ବାଲିପଦା ଗାଁର ଅଶୋକ ନାୟକ ତାଙ୍କ ଜମିରେ ବିପୁଳ ସଂଖ୍ୟାରେ ଅମୃତଭଣ୍ଡା ଚାଷ କରିଥିଲେ। ତେବେ ଅମୃତଭଣ୍ଡା ଫଳିବା ପରେ ଅମଳ ହେବା ପୂର୍ବରୁ ବନ୍ୟାଜଳ ତାଙ୍କ ଜମିକୁ କବଳିତ କରି ରଖିବାରୁ ଏହା ପଚିସଢ଼ି ନଷ୍ଟ ହୋଇଥିବା ସେ କହିଛନ୍ତି। ସେହିଭଳି ଧାମନଗର ବ୍ଲକ୍ ସୋହଡ଼ା ପଞ୍ଚାୟତ ବାଲିପଦା ଗାଁର ବଡ଼ ପରିବା ଚାଷୀ ତୁଷାର ପଲାଇ ତାଙ୍କ ୨ ଏକର କ୍ଷେତରେ ବାଇଗଣ ଚାଷ କରିଥିଲେ। ବନ୍ୟା ଯୋଗୁଁ ସମ୍ପୂର୍ଣ୍ଣ ତାଙ୍କ ପରିବା ଚାଷ ନଷ୍ଟ ହୋଇଯାଇଛି। ଭଦ୍ରକ ବ୍ଲକ୍ ଅର୍ଣ୍ଣପାଳ ପଞ୍ଚାୟତ ରାଜୁଆଲିବିନ୍ଧାରେ ଚାଷୀମାନେ ପନିପରିବା ଚାଷ କରି ମୁଖ୍ୟତଃ ପରିବାର ପ୍ରତିପୋଷଣ କରିଥା'ନ୍ତି। ହେଲେ ସାଳନ୍ଦୀ ଓ ନାଳିଆ ନଦୀରେ ଆସିଥିବା ବନ୍ୟା ପାଣି ଭସାଇ ଦେଇଛି ସେମାନଙ୍କ ଚାଷ ଓ ରୋଜଗାର। ଏହି ଗାଁର ରବୀନ୍ଦ୍ର ମହାଳିକ ଓ ନରେନ୍ଦ୍ର ମହାଳିକ ବାଡ଼ିରେ ଜହ୍ନି, ଭେଣ୍ଡି, ବାଇଗଣ ଓ ଲଙ୍କା ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଗାଁରେ ବନ୍ୟା ପାଣି ୪ ଫୁଟ୍ ଉଚ୍ଚରେ ଚାଲିଥିବାବେଳେ ଏମାନଙ୍କ ପରିବା ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଫଳରେ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେହିଭଳି ଜିଲ୍ଲାର ତିହିଡ଼ି, ଭଣ୍ଡାରିପୋଖରୀ, ଚାନ୍ଦବାଲି ଓ ବାସୁଦେବପୁର ବନ୍ୟାଞ୍ଚଳର ଶତାଧିକ ଚାଷୀଙ୍କ ପରିବା ଚାଷକୁ ବନ୍ୟା ଉଜାଡ଼ି ଦେଇଛି।

ପନିପରିବା ଚାଷ କାର୍ଯ୍ୟ ପାଇଁ ଅନେକ ଚାଷୀ ବ୍ୟାଙ୍କ ଓ ବେସରକାରୀ ସଂସ୍ଥାରୁ ଋଣ ନେଇଥିଲେ। ଏବେ ସୁନା ଫସଲ ଉଜୁଡ଼ିଯିବା ପରେ ଋଣ କିପରି ସୁଝିବେ ଏବଂ ପରିବାର କିପରି ଚଳାଇବେ, ସେ ନେଇ ଚାଷୀଙ୍କ ଆଖିରୁ ଲୁହ ଶୁଖୁନାହିଁ। ବନ୍ୟା ପାଣି ଛାଡ଼ିଥିଲେ ମଧ୍ୟ ଜମିରେ କାଦୁଅ ଏବଂ ବାଲି, ପଟୁମାଟି ଆଦି ଜମି ରହିଥିବାରୁ ତୁରନ୍ତ ପୁନର୍ବାର ଚାଷ କରିବା ମଧ୍ୟ ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସହାୟତାକୁ ଚାହିଁ ରହିଛନ୍ତି। ରାଜସ୍ୱ ଏବଂ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ତୁରନ୍ତ ସଠିକ୍ ଆକଳନ କରାଯାଇ ବିପର୍ଯ୍ୟସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ କୃଷି ଇନ୍‌ପୁଟ୍ ସହାୟତା ପ୍ରଦାନ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ବନ୍ୟା ଯୋଗୁଁ ବ୍ୟାପକ ପନିପରିବା ଚାଷ ନଷ୍ଟ ହେବା ପରେ ଏବେ ବଜାରରେ ପରିବାଦର ଆକାଶଛୁଆଁ ହୋଇପଡ଼ିଛି।

**ଆଇନମନ୍ତ୍ରୀଙ୍କ ସହ ରାଜ୍ୟ ଆଇନଜୀବୀ ପରିଷଦର ଆଲୋଚନା**

## ରାଜ୍ୟରେ ପ୍ରତିଷ୍ଠା ହେବ ଆଇନ ଏକାଡେମୀ

ଭୁବନେଶ୍ୱର,୪।୮ (ସମିସ): ରାଜ୍ୟରେ ଖୁବଶୀଘ୍ର ଆଇନଜୀବୀମାନଙ୍କ ପାଇଁ ଆଇନ ଏକାଡେମୀ ପ୍ରତିଷ୍ଠା କରାଯିବ। ଏହାସହ ଆଇନଜୀବିମାନଙ୍କ ପାଇଁ ସ୍ୱାସ୍ଥବୀମା ଲାଗୁ ସହ କଲ୍ୟାଣ ପାଣ୍ଠିକୁ ୯ ଲକ୍ଷ ଟଙ୍କାକୁ ବୃଦ୍ଧି ବିଷୟରେ ରାଜ୍ୟ ସରକାର ଆଇନଜୀବୀ ପରିଷଦର ଅନୁରୋଧ ସହିତ ସହମତି ପ୍ରକାଶ କରିଛନ୍ତି। ଏନେଇ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରକାଶ କରିଛନ୍ତି।

ରାଜ୍ୟ ସଚିବାଳୟ ପରିସରରେ ଆନୁଷ୍ଠାନିକ ଭାବେ ରାଜ୍ୟ ଆଇନଜୀବୀ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରୁପାନନ୍ଦ ଦାସ, ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ ପରିଷଦର ସଦସ୍ୟ ଧନଞ୍ଜୟ ମୁଣ୍ଡ, ଆତ୍ମା ପ୍ରକାଶ ମହାନ୍ତି, ଅକ୍ଷୟ କୁମାର ସାମନ୍ତରାୟଙ୍କ ସହିତ ଆଲୋଚନା ବେଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଆଇନଜୀବୀମାନଙ୍କ କଲ୍ୟାଣ ପାଇଁ ଅଙ୍ଗୀକାରବଦ୍ଧ ଓ ଆଇନଜୀବୀ ପରିଷଦ ରାଜ୍ୟ ସରକାରଙ୍କ ସହିତ ଏ ଦିଗରେ କାର୍ଯ୍ୟ କରିବା ଲାଗି ଏହି ଅବସରରେ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଆଇନଜୀବୀ ସୁରକ୍ଷା ଆଇନ ପାଇଁ ପ୍ରସ୍ତାବିତ ବିଲ୍ ଉପରେ ପରିଷଦର ମତାମତ ଲୋଡ଼ିଛନ୍ତି।

**କଲ୍ୟାଣ ପାଣ୍ଠି ୯ ଲକ୍ଷକୁ ବୃଦ୍ଧି ସହ ସ୍ୱାସ୍ଥ୍ୟବୀମା କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀଙ୍କ ସହମତି**

ସେହିପରି ସେମାନଙ୍କର ପେସାଗତ ଦକ୍ଷତା ବୃଦ୍ଧି ପାଇଁ ଆଇନ ଏକାଡେମୀ ପ୍ରତିଷ୍ଠା ହେବାକୁ ଥିବାବେଳେ ରାଜ୍ୟ ଆଇନଜୀବୀ ପରିଷଦକୁ ସରକାର ଆବଶ୍ୟକ ଜମି ଯୋଗାଇଦେବେ। ପ୍ରାରମ୍ଭିକ ସ୍ତରରେ ସରକାର ଏଥିପାଇଁ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ପ୍ରଶିକ୍ଷଣ ଗୃହ ପ୍ରଦାନ କରିବେ ବୋଲି ଶ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ଅବସରରେ ଆଇନ ସଚିବ ଡଃ ପବିତ୍ର ମୋହନ ସାମଲ ରାଜ୍ୟ ଆଇନଜୀବୀ ପରିଷଦ କଲ୍ୟାଣ ପାଣ୍ଠିର ବୈଠକ ନିୟମିତ ବ୍ୟବଧାନରେ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ରାଜ୍ୟର ସମସ୍ତ ଆଇନଜୀବୀଙ୍କ ପାଇଁ ୫ ଲକ୍ଷ ଟଙ୍କାର ମଧୁବାବୁ ସ୍ୱାସ୍ଥବୀମା ସାମ୍ବାଦିକମାନଙ୍କ ଭଳି ଯୋଜନା କରିବା ପାଇଁ ଅନୁରୋଧ କରିଥିଲେ। ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କରିବା ପାଇଁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହିତ ଉପରଲିଖିତ ପ୍ରସ୍ତାବଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରିଛନ୍ତି।

## ଚୋରା ଚାଲାଣ ବେଳେ ୭୨ ବସ୍ତା ସାର ସହ ଗାଡ଼ି ଜବତ



ବାସୁଦେବପୁର,୪।୮ (ସମିସ): ବାସୁଦେବପୁରରୁ ଶୁକଦେବପୁର ଯାଉଥିବା ପିକ୍‌ଅପ୍ ଭ୍ୟାନ୍ ସହିତ ୭୨ ବସ୍ତା ଚୋରା ସାରକୁ କୃଷି ବିଭାଗର ଅଧିକାରୀ ଜବତ କରିଛନ୍ତି। ଖରିଫ୍‌ରେ ମିଳୁନି ସାର ମାର୍କେଟ୍‌ରେ ମିଳୁନାହିଁ। ସାରର କୃତ୍ରିମ ଅଭାବ ଦେଖାଦେଇଛି। କିଛି ସାର ଦୋକାନୀ କୃତ୍ରିମ ଅଭାବ ଦର୍ଶାଇ ଚୋରାରେ ଚଢ଼ା ଦରରେ ବିକ୍ରି କରି ମାଲେମାଲ୍ ହେଉଛନ୍ତି। ଚାଷୀ ବିଲରେ ସାର ପକାଇବାକୁ ଏଠିସେଠି ବୁଲୁଛି। ବାସୁଦେବପୁର ବଜାର ଏକ ସାର ଦୋକାନରୁ ଶୁକଦେବପୁର ଆଡ଼କୁ ପିକ୍‌ଅପ୍ ଭ୍ୟାନ୍‌ରେ ୭୨ ବସ୍ତା ବୋଝେଇ କରି ଯାଉଥିବାବେଳେ ସହକାରୀ କୃଷି ଅଧିକାରୀ ଚଢ଼ଉ କରି ଧରିଥିଲେ। ଯାଞ୍ଚ ସମୟରେ ଗାଡ଼ି ଚାଳକ କାଗଜପତ୍ର ଦେଖାଇପାରି ନ ଥିବାରୁ ଗାଡ଼ି ସହିତ ୭୨ ବସ୍ତା ସାର ଜବତ କରାଯାଇଛି। ଗାଡ଼ି ଓ ସାର ଥାନାର ଅଟକ ରଖି ତଦନ୍ତ ଚାଲିଛି।

**ସାଂସଦ ମାନସଙ୍କ ପ୍ରଶ୍ନରେ ମନ୍ତ୍ରୀଙ୍କ ଉତ୍ତର**

## ରାଜ୍ୟରେ ସାରର କୌଣସି ଅଭାବ ନାହିଁ


ନୂଆଦିଲ୍ଲୀ,୪।୮ (ସମିସ): ଓଡ଼ିଶାରେ ଚଳିତ ଖରିଫ ଋତୁରେ କୃଷକଙ୍କ ପାଇଁ ୟୁରିଆ, ଡିଏପି ଏବଂ ଏନପିକେଏସ୍ ସାରର କୌଣସି ଅଭାବ ନଥିବା କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀ ମଙ୍ଗରାଜ ଓଡ଼ିଶା ପାଇଁ ୟୁରିଆ, ଡିଏପି ଏବଂ ଏନପିକେ ସାରର ବଣ୍ଟନ, ରାଜ୍ୟର ଚାହିଦା ପୂରଣ ହୋଇଛି କି ନାହିଁ, କୌଣସି ଅଭାବ ରିପୋର୍ଟ ହୋଇଛି କି ନାହିଁ ଏବଂ ଧାର୍ଯ୍ୟ ସମୟରେ ସାର ଯୋଗାଣ ପାଇଁ ସରକାର କେଉଁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ପ୍ରଶ୍ନ କରିଥିଲେ।

କେନ୍ଦ୍ର ମନ୍ତ୍ରୀ ଶ୍ରୀମତୀ ପଟେଲ୍ ସଂସଦରେ ଦେଇଥିବା ତଥ୍ୟ ଅନୁଯାୟୀ, ୧ ଏପ୍ରିଲ୍ ୨୦୨୬ରୁ ୨୯ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଓଡ଼ିଶାରେ ସମସ୍ତ ପ୍ରମୁଖ ସାରର ଉପଲବ୍ଧତା ରାଜ୍ୟର ଆବଶ୍ୟକତାଠାରୁ ଅଧିକ ରହିଛି। ୟୁରିଆର ଆବଶ୍ୟକତା ୩.୧୧ ଲକ୍ଷ ମେଟ୍ରିକ ଟନ୍ ଥିବା ବେଳେ ୪.୪୭ ଲକ୍ଷ ମେଟ୍ରିକ ଟନ୍ ସାରା ଉପଲବ୍ଧ କରାଯାଇଛି। ଏହାସହିତ ଡିବିଟି ମାଧ୍ୟମରେ ୨.୦୮ ଲକ୍ଷ ମେଟ୍ରିକ ଟନ୍ ବିକ୍ରି କରାଯାଇଥିବା ବେଳଏ ୨୯ ଜୁଲାଇ ସୁଦ୍ଧା ଅବଶିଷ୍ଟ ୨.୪୦ ଲକ୍ଷ ମେଟ୍ରିକ ଟନ୍ ମହଜୁଦ୍ ରହିଛି। ସେହିପରି ଡିଏପିର ଆବଶ୍ୟକତା ୧.୩୯ ଲକ୍ଷ ମେଟ୍ରିକ ଟନ୍ ଓ ଉପଲବ୍ଧ ପରିମାଣ ୧.୬୨ ଲକ୍ଷ ମେଟ୍ରିକ ଟନ୍ ରହିଛି। ୦.୯୬ ଲକ୍ଷ ମେଟ୍ରିକ ଟନ୍ ବିକ୍ରି ହେବା ସହ ୦.୬୬ ଲକ୍ଷ ମେଟ୍ରିକ ଟନ୍ ମହଜୁଦ ଅଛି। ଏନପିକେଏସ୍‌ର ଆବଶ୍ୟକତା ୧.୯୦ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ୨.୨୯ ଲକ୍ଷ ମେଟ୍ରିକ ଟନ ଉପଲବ୍ଧ ରହିଛି। ୧.୦୧ ଲକ୍ଷ ମେଟ୍ରିକ ଟନ୍ ବିକ୍ରି ହୋଇ ସାରିଥିବା ବେଳେ ଅବଶିଷ୍ଟ ୧.୨୯ ଲକ୍ଷ ମେଟ୍ରିକ ଟନ୍ ମହଜୁଦ୍ ରହିଛି।

କେନ୍ଦ୍ର ସରକାର କହିଛନ୍ତି, ସାରର ଉପଲବ୍ଧତା ଆବଶ୍ୟକତାଠାରୁ ଅଧିକ ଥିବା ଏବଂ ଉପଲବ୍ଧତା ବିକ୍ରିଠାରୁ ମଧ୍ୟ ଅଧିକ ରହିଛି। ଓଡ଼ିଶାରେ ସାରର ସ୍ଥିତି ସନ୍ତୋଷଜନକ ରହିଛି ଓ କୌଣସି ଅଭାବର ରିପୋର୍ଟ ନାହିଁ ବୋଲି କୁହାଯାଇଛି। ଏହା ବ୍ୟତୀତ ଚାଷୀଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ସମୟସୀମା ଅନୁଯାୟୀ ପର୍ଯ୍ୟାପ୍ତ ସାର ଯୋଗାଇ ଦିଆଯାଇଛି। ସମୟମତେ ସାର ଯୋଗାଣ ପାଇଁ କେନ୍ଦ୍ର ସରକାର ୬ଟି ପ୍ରମୁଖ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଚାହିଦା ଅନୁଯାୟୀ ସାର ଯୋଗାଣ ସୁନିଶ୍ଚିତ କରାଯାଇଥିବାରୁ କୃଷକମାନେ ସାର ଅଭାବର ସମ୍ମୁଖୀନ ହୋଇନାହାନ୍ତି ବୋଲି ସଂସଦରେ ସରକାର ସ୍ପଷ୍ଟ କରିଛନ୍ତି। ଏହା ସହ ଆଗାମୀ ଦିନରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ସାର ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ରଖାଯିବ ବୋଲି ସରକାର ସୂଚନା ଦେଇଛନ୍ତି।

# ରାଷ୍ଟ୍ରପତି ଭବନରେ ଶୋଭାପାଇବ ରଥ ଚକ

ପୁରୀ,୪।୮ (ସମିସ): ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଐତିହ୍ୟର ବଡ଼ ସ୍ୱୀକୃତି ସ୍ୱରୂପ ରାଷ୍ଟ୍ରପତି ଭବନରେ ଶୋଭା ପାଇବ ମହାପ୍ରଭୁଙ୍କ ତିନି ରଥର ଗୋଟିଏ ଲେଖାଏଁ ପବିତ୍ର ଚକ। ଏହି ପ୍ରସ୍ତାବକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ଉପସ୍ଥାପନ କରାଯିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ଦେଇଛନ୍ତି। ଫଳରେ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରାର



ଏହି ପ୍ରତୀକ ଏବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ବାସଭବନର ଶୋଭାମଣ୍ଡନ କରିବ। ସୋମବାର ଭୁବନେଶ୍ୱରଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରାଷ୍ଟ୍ରପତିଙ୍କୁ ଭେଟି ଏହି ପ୍ରସ୍ତାବ ଦେଇଥିଲେ। ରାଷ୍ଟ୍ରପତି ଏହାକୁ ତୁରନ୍ତ ଅନୁମୋଦନ କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ସମୟରେ ଘୋଷଯାତ୍ରାର ରଥତ୍ରୟର ଗୋଟିଏ ଲେଖାଏଁ ପବିତ୍ର ଚକକୁ ରାଷ୍ଟ୍ରପତି ଭବନରେ ସ୍ଥାପନ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି। ଏହା ଓଡ଼ିଶାବାସୀ ଏବଂ ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ। ମହାପ୍ରଭୁଙ୍କ ରଥର ଚକ ଏବେ ଦେଶର ସର୍ବୋଚ୍ଚ ପ୍ରାସାଦରେ ଶୋଭା ପାଇବ।

**■ ସମ୍ମତି ପ୍ରଦାନ କଲେ ରାଷ୍ଟ୍ରପତି**

**■ ଗୌରବର ବିଷୟ କହିଲେ ମୁଖ୍ୟ ପ୍ରଶାସକ**

ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ନୂତନ ଭାବେ ତିନିରଥ ନିର୍ମାଣ କରାଯାଇଥାଏ। ଏହି ପବିତ୍ର ରଥ ଏବଂ ଏହାର ଚକ ରାଜ୍ୟର ଅନନ୍ୟ ସାଂସ୍କୃତିକ ପରିଚୟ, ଭକ୍ତି ଓ ବିଶ୍ୱାସର ପ୍ରତୀକ ଅଟେ। ପ୍ରତିବର୍ଷ ରଥଯାତ୍ରା ପରେ ତିନି ରଥକୁ ଭଙ୍ଗାଯାଏ। କିଛି ଅଂଶ ଶ୍ରୀମନ୍ଦିର ରୋଷଘରେ ବ୍ୟବହୃତ ହେଉଥିବାବେଳେ ରଥର ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରି କି, ଚକ, ଗୁଜ, ଅଶୁଆରୀ ଆଦି ସଂରକ୍ଷିତ ରଖାଯାଇଥାଏ। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନକୁ ଆବେଦନ କରି ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ଧାର୍ଯ୍ୟ ଦେୟ ଦେଇ ରଥ ଚକ ନେଇଥା'ନ୍ତି। ସେମାନେ ପୁରୀରୁ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଚକ ନେଇ ସ୍ଥାପନ କରିବା ସହ ପୂଜାର୍ଚ୍ଚନା ମଧ୍ୟ କରିଥା'ନ୍ତି। ଏବେ ପ୍ରଥମଥର ପାଇଁ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଗୋଟିଏ ଲେଖାଏଁ ଚକ ରାଷ୍ଟ୍ରପତି ଭବନ ପରି ଜାତୀୟସ୍ତରରେ ସ୍ଥାନ ପାଇବାକୁ ଯାଉଛି। ଏହା ପୁରୀ ତଥା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି ସମସ୍ତେ ମତ ରଖୁଛନ୍ତି। ଏହି ନିଷ୍ପତ୍ତିକୁ ସ୍ୱାଗତ କରି ବରିଷ୍ଠ ସେବାୟତ ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ରଥର ଚକ ଯେତେବେଳେ ରାଷ୍ଟ୍ରପତି ଭବନ ଭଳି ସ୍ଥାନରେ ଶୋଭା ପାଇବ, ସେତେବେଳେ ଏହା ସମଗ୍ର ଦେଶରେ ପୁରୀ ଏବଂ ଓଡ଼ିଶାର ସଂସ୍କୃତିକୁ ଆହୁରି ଉଚ୍ଚକୁ ନେଇଯିବ। ଅନେକ ବିଶିଷ୍ଟ ବ୍ୟକ୍ତି ଏହାକୁ ଦେଖିପାରିବେ। ଏହାଦ୍ୱାରା ଜଗନ୍ନାଥ ସଂସ୍କୃତି ସାରା ବିଶ୍ୱରେ ଅଧିକ ପ୍ରଚାରପ୍ରସାର ହୋଇପାରିବ। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପରମ ସୌଭାଗ୍ୟ। ସେହିପରି ଜଣେ ଜଗନ୍ନାଥପ୍ରେମୀ ପ୍ରମୋଦ ସାହୁ କହିଛନ୍ତି, ଆମେ ପ୍ରତିବର୍ଷ ରଥଟଣା ଦେଖି ଧନ୍ୟ ହୋଇଥାଉ। ଆଜି ସେହି ରଥର ଚକ ରାଷ୍ଟ୍ରପତି ଭବନରେ ସ୍ଥାନ ପାଇବ ଶୁଣି ଛାତି ଗର୍ବରେ ଫୁଲି ଉଠୁଛି। ଏହା ପୁରୀ ପାଇଁ ଏକ ବଡ଼ ସମ୍ମାନ।


PARADEEP PARIVAHAN LIMITED

CIN: L52241OR2000PLC006379

Reg. Office- At -Room No 204 Above OBC Building, Bank Street Area, Port Town, Paradeep, Jagatsinghpur-754142, Odisha
Tel/ Fax- 06722-223416, Mail id: ho@paradeepparivahan.com
Corporate Office: A29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail id: info@paradeepparivahan.com
Website: www.paradeepparivahan.com

NOTICE OF 26TH ANNUAL GENERAL MEETING AND REMOTE E-VOTING

NOTICE IS HEREBY GIVEN THAT THE 26TH ANNUAL GENERAL MEETING (AGM) OF THE MEMBERS OF PARADEEP PARIVAHAN LIMITED WILL BE HELD ON WEDNESDAY, 26TH AUGUST, 2026 AT 12:30 PM (ISD) AT NUA SANDHAKUDA, MAYFAIR BAY RESORT, PLOT NO.47(P) & 56(P, MARINE DRIVE ROAD, PARADEEP-754142, ODISHA, INDIA.
Notice of the AGM setting out the business to be transacted, along with Proxy Form, Annual Report of the Company for the year ended March 31, 2026 have been sent in electronic mode on August 04, 2026 to the members whose e-mail IDs are registered with the Company or Depository Participant(s).
Members are hereby informed that the notice of the 26th Annual General Meeting and 26th Annual Report of the company are available on the website of the company **www.paradeepparivahan.com .** The Notice & Annual Report are also available for inspection at the registered office of the company on all working days during business hours of the Company.
Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India members are provided with the facility to cast their votes on all resolutions set forth in the Notice of the Annual General Meeting using electronic voting. The facility for voting through Ballot Paper shall also be made available at the AGM and the members attending the AGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the AGM through Ballot Paper. The members who have already cast their vote by remote e-voting may attend the AGM but shall not be entitled to cast their vote again. In order to enable its members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of Annual General Meeting; the Company has also enclosed a ballot form with the Annual Report for 2025-26.
All members are hereby informed that:

1. The ordinary and special business as set out in the Notice of AGM may be transacted through voting by electronic means;
2. Date of completion of dispatch of Notice of AGM and Annual Report: August 04, 2026;
3. The remote e-voting shall commence on **Saturday, 22nd August, 2026 at 9:00 am (ISD)** and end on **Tuesday, 25th August, 2026 at 5:00 pm (ISD);**
4. The remote e-voting shall not be allowed beyond Tuesday, 25th August, 2026 at 5:00 pm (ISD);
5. The cut-off date for determining the eligibility to vote through remote e-voting or at the AGM will be Wednesday, 19th August, 2026;
6. A person who has acquired shares and become a member of the Company after the dispatch of notice of Annual General Meeting and holding shares as of cut-off date, may obtain the login ID and password by sending a request at **www.evoting.nsdl.com and https://ivote.bigshareonline.com.** However, if the person is already registered with NSDL for remote e-voting then the existing user ID and password can be used for casting vote.
7. The facility for voting, either through electronic voting system or ballot or polling paper shall also be made available at the venue of the Annual General Meeting and Members who have not already casted their vote by remote e-voting shall be able to exercise their right at the Annual General Meeting. The Members who have casted their vote by remote e-voting prior to the Annual General Meeting may also attend the Annual General Meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Wednesday, 19th August, 2026 only shall be entitled to avail the facility of remote e-voting or voting through" electronic voting system" or ballot form at the AGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the AGM by following the below process for obtaining the e-voting credentials:
   a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com.
   b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com
11. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email us to ivote@bigshareonline.com or call us at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information.

By Order of the Board of Directors
**For PARADEEP PARIVAHAN LIMITED**
SD/-
USHA RANI RAY
Company Secretary & Compliance Officer
ACS No.79021

**Place: Bhubaneswar**
**Date: 04.08.2026**

ସକାଳ THE SAKALA



● ସତ କହିବାରୁ ଘରୁ ଟେକିନେଇ ମାଡ଼

# ବନବିଭାଗ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ

କୁଚିଣ୍ଡା,୪। ୮(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳର ବଡ଼ମୁଣ୍ଡାଲୋଇ ଗ୍ରାମରେ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଓ ନିନ୍ଦନୀୟ ଘଟଣା ସାମ୍ନାକୁ ଆସିଛି। ଜଙ୍ଗଲରୁ କାଠ ଚୋରି ଘଟଣାରେ ସତ କହିଦେବାରୁ ପୀୟୂଷ ଡୁଙ୍ଗଡୁଙ୍ଗ(୬୫) ନାମକ ଜଣେ ଗ୍ରାମବାସୀଙ୍କୁ ବନ ବିଭାଗର କର୍ମଚାରୀମାନେ ଘରୁ ଉଠାଇ ନେଇ ନିର୍ଦ୍ଦୟ ଭାବେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମ ନିକଟସ୍ଥ ଜଙ୍ଗଲରୁ ବନ ବିଭାଗର ଜଣେ କର୍ମଚାରୀ (ୱାଚର) ବେଆଇନ ଭାବେ ପ୍ରାୟ ୩୦ ଖଣ୍ଡ କାଠ କାଟି ନିଜ ଗ୍ରାମରେ ରଖି ବିକ୍ରି କରୁଥିଲେ। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସମୟରେ, ପୀୟୂଷ ଡୁଙ୍ଗଡୁଙ୍ଗ ସତ କଥା ପ୍ରକାଶ କରିଦେଇଥିଲେ। ସତ ପ୍ରକାଶ ପାଇବା ପରେ, ବନ ବିଭାଗର ରେଞ୍ଜର ଓ ଅନ୍ୟ କର୍ମଚାରୀମାନେ ଉତ୍ତ୍ୟକ୍ତ ହୋଇ ପୀୟୂଷଙ୍କୁ ତାଙ୍କ ଘରୁ ଉଠାଇ କାର୍ଯ୍ୟାଳୟକୁ ନେଇଯାଇଥିଲେ। ସେଠାରେ ସିସିଟିଭି କ୍ୟାମେରା ବନ୍ଦ କରି, ତାଙ୍କ ଦେହରୁ କପଡ଼ା ଖୋଲି ନିର୍ଯାତନା ଦିଆଯାଇଥିବା ପୀୟୂଷ ଓ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୀୟୂଷଙ୍କ ପିଠି, ଗୋଡ଼ ଓ ଦେହର ବିଭିନ୍ନ ସ୍ଥାନରେ ଗୁରୁତର କ୍ଷତ ଏବଂ ମାଡ଼ର ଚିହ୍ନ ସ୍ପଷ୍ଟ ଦେଖାଯାଉଛି। ଏହି ନିର୍ଯାତନା ପରେ ଗୁରୁତର ଅବସ୍ଥାରେ ପୀୟୂଷଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗ୍ରାମବାସୀ ଓ ପୀୟୂଷଙ୍କ ପରିବାର ପକ୍ଷରୁ ମହୁଲପାଲି ଥାନାରେ ଏତଲା ଦିଆଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗ୍ରାମବାସୀ ଦୋଷୀ ବନ କର୍ମଚାରୀ ଓ ରେଞ୍ଜରଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଏନେଇ କୁଚିଣ୍ଡା ରେଞ୍ଜର ଲେଖାଶ୍ରୀ ମହାନନ୍ଦଙ୍କୁ ଯୋଗା ଯୋଗ ପାଇଁ ଚେଷ୍ଟା କରିଥିବା ବେଳେ ତାଙ୍କ ମୋବାଇଲ ବନ୍ଦ ରହିଥିଲା।



# ସମ୍ବଲପୁର ଜିଲ୍ଲା: ୭ ମାସରେ ସଡ଼କ ଦୁର୍ଘଟଣାରେ ୧୩୮ ମୃତ

ସମ୍ବଲପୁର, ୪।୮ (ସମିସ)

ସମ୍ବଲପୁର ଜିଲ୍ଲାରେ ଗତବର୍ଷ ତୁଳନାରେ ଚଳିତବର୍ଷର ୭ ମାସ ମଧ୍ୟରେ ସଡ଼କ ଦୁର୍ଘଟଣା ସାମାନ୍ୟ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଗତବର୍ଷ ଜାନୁଆରୀରୁ ଜୁଲାଇ ମାସ ମଧ୍ୟରେ ୨୪୧ ଦୁର୍ଘଟଣାରେ ୧୧୧ ଜଣ ମୃତ୍ୟୁବରଣ କରିଥିବାବେଳେ ଚଳିତବର୍ଷ ସେହି ସମୟ ମଧ୍ୟରେ ୨୫୧ ଦୁର୍ଘଟଣାରେ ୧୩୮ ଜଣ ମୃତ୍ୟୁବରଣ କରିଛନ୍ତି। ସଡ଼କ ଗୁଡ଼ିକର ଶୋଚନୀୟ ସ୍ଥିତି ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ ନେଇ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି।

| ସମ୍ବଲପୁର ଜିଲ୍ଲା : ଜାନୁଆରୀରୁ ଜୁଲାଇ | | | |
|---|---|---|---|
| ମାସ | ଦୁର୍ଘଟଣା | ମୃତ | ଗୁରୁତର |
| ଜାନୁଆରୀ | ୪୧ | ୨୮ | ୧୧ |
| ଫେବୃଆରୀ | ୩୯ | ୨୦ | ୧୪ |
| ମାର୍ଚ୍ଚ | ୩୪ | ୧୯ | ୦୯ |
| ଏପ୍ରିଲ | ୨୬ | ୧୭ | ୦୫ |
| ମେ | ୩୯ | ୨୦ | ୧୩ |
| ଜୁନ | ୩୭ | ୨୧ | ୦୯ |
| ଜୁଲାଇ | ୩୫ | ୧୩ | ୧୧ |
| ମୋଟ | ୨୫୧ | ୧୩୮ | ୭୨ |

ମିଳିଥିବା ତଥ୍ୟ ଅନୁସାରେ ୨୦୨୫ ମସିହା (ଜାନୁଆରୀ-ଜୁଲାଇ) ରେ ମୋଟ ୨୪୧ଟି ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୧୧୧ ଜଣ ମୃତ୍ୟୁବରଣ କରିଥିବାବେଳେ ୮୭ ଜଣ ଗୁରୁତର ଆହତ ହୋଇଥିଲେ। ୨୦୨୬ ମସିହାରେ ସେହି ୭ ମାସ ମଧ୍ୟରେ ୨୫୧ଟି ଦୁର୍ଘଟଣା ହୋଇଛି, ଯେଉଁଥିରେ ୧୩୮ ଜଣ ମୃତ୍ୟୁବରଣ କରିଥିବାବେଳେ ୭୨ ଜଣ ଗୁରୁତର ଆହତ ହୋଇଛନ୍ତି। ଉପରୋକ୍ତ ତଥ୍ୟ ଅନୁସାରେ ଗତବର୍ଷ ତୁଳନାରେ ଚଳିତବର୍ଷ ଦୁର୍ଘଟଣା ସଂଖ୍ୟାରେ ମାତ୍ର ୪.୧୬% ବୃଦ୍ଧି ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କରାଯିବା ପରେ ସ୍ଥିତିରେ ଉନ୍ନତି ଘଟିଥିବା ଜଣାପଡ଼ିଛି। ପୂର୍ବବର୍ଷ ମାନଙ୍କରେ ଦୁର୍ଘଟଣା ସଂଖ୍ୟା ଅଧିକ ରହିବାସହ ମୃତାହତ ଅଧିକ ହେଉଥିଲେ।

ସେହିପରି ଗତ ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲାରେ ମଦପିଇ ଗାଡ଼ିଚାଳନା ପାଇଁ ୮୧୯ ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ ଦ୍ରୁତଗତିରେ ଗାଡ଼ିଚାଳନା ପାଇଁ ୫୩୦୭ ଜଣ, ବିନା ସିଟବେଲ୍ଟରେ ଗାଡ଼ିଚାଳନା ପାଇଁ ୮୦୪ ଜଣ, ହେଲମେଟ ପାଇଁ ୭୯୦୯ ଜଣ, ଦି'ଚକିଆରେ ଦୁଇରୁ ଅଧିକ ବସିବା ପାଇଁ ୬୩୬ ଜଣ, ଗାଡ଼ିଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର ପାଇଁ ୪୨୪ ଜଣ, ମାଲଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୩୨୮ ଗାଡ଼ି, ଓଭରଲୋଡ଼ିଂ ପାଇଁ ୨୭୩ ଗାଡ଼ି, ସ୍ୱାଭାବିକ ଟ୍ରାଫିକର ଅପରପାଶ୍ୱର୍ରେ ଗାଡ଼ି ଚଳାଇବା ପାଇଁ ୩୯୮ ଜଣ, ନାବାଳକ ଅପରାଧ ପାଇଁ ୩ ଜଣ, ସ୍ୱାଭାବିକ ଟ୍ରାଫିକ ଅବରୋଧ କରି ରାସ୍ତାରେ ଗାଡ଼ି ରହିଥିବାରୁ ୨୨୧୧ଟି ଗାଡ଼ି, ପଛ ଲାଇଟ୍ କାମ କରୁ ନଥିବା ୧୦୪ ଗାଡ଼ି, ଅସୁରକ୍ଷିତ ଅବସ୍ଥାରେ ଯାନବାହନ ବ୍ୟବହାର କରିବା ୧୮୮ ଗାଡ଼ି ଏବଂ ଅନ୍ୟ ମାମଲାରେ ୨୧୫୯ ଆଦି ବିଭିନ୍ନ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜୋରିମାନା ଆଦାୟ କରାଯାଇଛି। ଗତ ୭ ମାସ ମଧ୍ୟରେ ଏଥିପାଇଁ ମୋଟ ୨୧୫୬୩ଟି ଚଲାନ କଟାଯାଇଥିବା ଆଞ୍ଚଳିକ ପରିବହନ ବିଭାଗ ସୂତ୍ରରୁ ପ୍ରକାଶ।

ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ କହିଛନ୍ତି, ବିଭିନ୍ନ ସମୟରେ ସଡ଼କ ସୁରକ୍ଷା ଅଭିଯାନ କରି ଚଢ଼ଉ କରିବାସହ ମଦପିଇ ଗାଡ଼ିଚାଳନା, ଦ୍ରୁତ ଗାଡ଼ିଚାଳନା ଏବଂ ଅନ୍ୟ ନିୟମ ଉଲ୍ଲଂଘନକାରୀଙ୍କ ନିୟମାନୁଯାୟୀ ଲାଇସେନ୍ସ ରଦ୍ଦ ଏବଂ ଆର୍ଥିକ ଜୋରିମାନା କରାଯାଉଛି। ବିଭାଗ ପକ୍ଷରୁ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ନିୟମିତ ପାଟ୍ରୋଲିଂ ମଧ୍ୟ କରାଯାଉଛି। ସର୍ବସାଧାରଣ ଗାଡ଼ି ଚଳାଇବା ସମୟରେ ନିୟମ ମାନିବାସହ ନିଜ ଏବଂ ଅନ୍ୟ ଚାଳକଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ଶ୍ରୀ ଟୁଡୁ ଆହ୍ୱାନ ଦେଇଛନ୍ତି।

# ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର କଲା ଗୋବିନ୍ଦପୁର ପୁଲିସ

କୁଚିଣ୍ଡା,୪। ୮(ସମିସ): ମାନବିକତା ଓ ସେବାଭାବର ଏକ ପ୍ରଶଂସନୀୟ ଉଦାହରଣ ସୃଷ୍ଟି କରିଛି ଗୋବିନ୍ଦପୁର ପୁଲିସ। ବାମରା ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଅଜଣା ବ୍ୟକ୍ତି ଉଦ୍ଦେଶ୍ୟହୀନ ଭାବେ ବୁଲୁଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇବାବ ପରେ ଗୋବିନ୍ଦପୁର ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ପରେ ତାଙ୍କୁ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯାଇଥିଲା। ଯୁବକ ଜଣକ ନିଜ ପରିଚୟ ସଠିକ୍ ଭାବେ ଦେଇପାରୁ ନଥିବାରୁ ସେ ମାନସିକ ଅନଗ୍ରସର ଥିବା ଅନୁମାନ କରାଯାଉଛି। ଏହାପରେ ତାଙ୍କର ସୁରକ୍ଷା, ଯତ୍ନ ଓ ପୁନର୍ବାସକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ାସ୍ଥିତ ମିଶନ ଆଶାଲୋକ ଆଶ୍ରମରେ ତାଙ୍କୁ ଆଶ୍ରୟ ଦିଆଯାଇଥିଲା। ଗୋବିନ୍ଦପୁର ପୁଲିସର ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି। ଏନେଇ ଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି ଯେ, ପୁଲିସ କେବଳ ଆଇନଶୃଙ୍ଖଳା ରକ୍ଷାରେ ସୀମିତ ନୁହେଁ, ବରଂ ଅସହାୟ ଓ ନିରାଶ୍ରୟ ବ୍ୟକ୍ତିଙ୍କ ସହାୟତା ଓ ପୁନର୍ବାସ ପାଇଁ ମଧ୍ୟ ସଦା ପ୍ରତିବଦ୍ଧ।

# ବିଜୁ ଜନତା ଦଳର ସମ୍ବଲପୁର ଜିଲ୍ଲା କମିଟି ଗଠିତ

ସମ୍ବଲପୁର, ୪।୮ (ସମିସ) : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ଜିଲ୍ଲା ବିଜୁ ଜନତା ଦଳର ନୂତନ ଟିମ୍ ଘୋଷଣା କରାଯାଇଛି। ପତ୍ର ସଂଖ୍ୟା ୫୯/ପିଆର୍‌ଏସ୍/ଓଆର୍‌ଜି/ବିଜେଡି/୨୦୨୬ ତା. ୩/୮/୨୦୨୬ ଅନୁଯାୟୀ ଜିଲ୍ଲାରେ ମୋଟ ୪୯ ଜଣଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା ଉପସଭାପତି ୧୩ ଜଣ, ଜିଲ୍ଲା ସାଧାରଣ ସମ୍ପାଦକ ୧୬ ଜଣ, ଜିଲ୍ଲା ସମ୍ପାଦକ ୧୯ ଜଣ ଏବଂ ଜଣେ ଜିଲ୍ଲା କୋଷାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଏହି ଅବସରରେ ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ ରୋହିତ ପୂଜାରୀ ବିଜୁ ଜନତା ଦଳ, ସମ୍ବଲପୁର ଜିଲ୍ଲାର ନବଗଠିତ ଜିଲ୍ଲା କମିଟିରେ ମନୋନୀତ ସମସ୍ତ ପଦାଧିକାରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ସେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଘୋଷଣା ଅନୁଯାୟୀ, ଜିଲ୍ଲା ଉପସଭାପତି ଭାବରେ ୧୩ଜଣଙ୍କ ମଧ୍ୟରେ ସମ୍ବଲପୁର ନିର୍ବାଚନମଣ୍ଡଳୀର ଆନନ୍ଦ ବଡ଼ଗୟାଁ, ସୁରୁବାବୁ ମେହେର, ପ୍ରଫୁଲ୍ଲ କୁମାର ଦାଶ ଓ ସତ୍ୟେନ୍ଦ୍ର କୁମାର ଦାଶ ଥିବାବେଳେ ରେଢ଼ାଖୋଲର ଆନନ୍ଦି ଚରଣ ସାହୁ, ପ୍ରଫୁଲ୍ଲ ମଗର, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଓ ରାଜୀବ ଲୋଚନ ପ୍ରଧାନ, ରେଙ୍ଗାଲିର ଜୀତେନ୍ଦ୍ର କୁମାର ପଣ୍ଡା, ଏମ୍‌ବି ସତ୍ୟେନ, ତିଲକ ବାଗ ଓ ଗୋପୀରଞ୍ଜନ ବେହେରା ଏବଂ କୁଚିଣ୍ଡାର ଗଣେଶ ଅଗ୍ରୱାଲ ରହିଛନ୍ତି। ସେହିପରି ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ୧୬ ଜଣଙ୍କ ମଧ୍ୟରେ ସମ୍ବଲପୁର ନିର୍ବାଚନମଣ୍ଡଳୀର ରାଜେଶ କୁମାର ମିଶ୍ର, ମହମ୍ମଦ ସନାଉଲ୍ଲା, ପ୍ରଶାନ୍ତ ଥାପା, ବିଭିଷଣ ଭିସାର, ଆର୍‌ଏ ଶିବ କୁମାର, ପ୍ରଦୀପ କୁମାର ମିଶ୍ର, ଶାନ୍ତନୁ ବଡ଼ପଣ୍ଡା, ସନତ ପଟ୍ଟନାୟକ (କୁଟୁ) ଓ ସୁଶାନ୍ତ ପାଣିଗ୍ରାହୀ (ବୁଲୁ) ଥିବାବେଳେ ରେଢ଼ାଖୋଲର ସୁନୀଲ କୁମାର ପ୍ରଧାନ, ଇସମାଇଲ ଆଜାଦ ବଢ଼େଇ ଓ ଟେଙ୍କମଣି ପ୍ରଧାନ, କୁଚିଣ୍ଡାର ଅମୂଲ୍ୟ କୁମାର ମିଶ୍ର, ଦିଲ୍ଲୀପ ଚୌଧୁରୀ ଓ ଚୂଡ଼ାମଣି ପଟେଲ ଏବଂ ରେଙ୍ଗାଲିର ଜଗନ୍ନାଥ ନାଥ (ଜଗୁ) ନିଯୁକ୍ତ ହୋଇଛନ୍ତି। ଜିଲ୍ଲା କୋଷାଧ୍ୟକ୍ଷ ଭାବେ ରାଜୁ ସଂଖଲିଆଙ୍କୁ ନିଯୁକ୍ତ କରାଯାଇଛି। ଏହାସହ ଜିଲ୍ଲା ସମ୍ପାଦକ ଭାବେ ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀରେ ୧୯ ଜଣଙ୍କୁ ନିଯୁକ୍ତ କରାଯାଇଛି। ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ବିଜେଡି ଜିଲ୍ଲା ସଭାପତି ଇଂ ପୂଜାରୀ ଦୃଢ଼ ବିଶ୍ୱାସ କରି କହିଛନ୍ତି ଯେ, ସମସ୍ତ ପଦାଧିକାରୀ ଓ କର୍ମକର୍ତ୍ତାମାନେ ଏକତା, ନିଷ୍ଠା ଓ ସମର୍ପଣର ସହ କାର୍ଯ୍ୟକରି ସମ୍ବଲପୁର ଜିଲ୍ଲାରେ ବିଜୁ ଜନତା ଦଳକୁ ଆହୁରି ସୁଦୃଢ଼ କରିବା ସହ ଜନସେବାରେ ନିଜକୁ ସମର୍ପିତ କରିବେ।

# ମୋବାଇଲ ଟାୱାର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର



ରେଢ଼ାଖୋଲ,୪।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅଧୀନ ନାକଟିଦେଉଳ ବ୍ଲକ ପାଣିମୋରା ଗ୍ରାମ ପଞ୍ଚାୟତ ଅଧୀନ ଡାଙ୍ଗଟେକା, ସାହାନବାହାଲ ଗ୍ରାମବାସୀ ଗ୍ରାମରେ ମୋବାଇଲ ନେଟ୍‌ୱର୍କ ପାଇଁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ଗ୍ରାମରେ ମୋବାଇଲ ନେଟୱର୍କ ନ ଥିବାରୁ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଚିକିତ୍ସାଳୟକୁ ନେବା ପାଇଁ ଆମ୍ବୁଲାନ୍ସ ସେବା ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ତା ସହିତ ଛାତ୍ରଛାତ୍ରୀ ମାନଙ୍କ ଅନ୍ ଲାଇନ୍ ପାଠ ପଢା ପାଇଁ ହୋଇ ପାରୁନାହିଁ। ଏହି ଆଧୁନିକ ଯୁଗରେ ଗ୍ରାମରେ ମୋବାଇଲ ସେବା ନ ପାଇବା ବଡ଼ ଦୁଃଖର ବିଷୟ ପାଲଟିଛି। ଏଥିରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରିନାହିଁ। ତେଣୁ ଯଥାଶୀଘ୍ର ଉକ୍ତ ସମସ୍ୟା ସମାଧାନ ନ ହେଲେ ଗ୍ରାମବାସୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏହି ଦାବୀପତ୍ର ପ୍ରଦାନବେଳେ ଗ୍ରାମର ମହିଳା, ପୁରୁଷ ମାନେ ସାମିଲ ରହିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟର ଭୂମିପୂଜନ ପ୍ରସ୍ତୁତି ବୈଠକ



ରେଢ଼ାଖୋଲ,୪।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ଘୋଷଣା ହେବା ପରେ ବର୍ତ୍ତମାନ ନାମ ଲେଖା ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୧୭ ତାରିଖ ଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ପାଠ ପଢ଼ା ଆରମ୍ଭ ହେବ। ଏହି ଅବସରରେ ଆସନ୍ତା ୮ ତାରିଖ ଦିନ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରେଢ଼ାଖୋଲ ଗସ୍ତକରି ପ୍ରଥମେ ସକାଳ ୮ ଟା ସମୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ଚାରାରୋପଣ କରିବା ସହ ୯ରେ ଭୀମଭୋଇଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ୯.୩୦ ଘଟିକା ରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ହୋଇଥିବା ସ୍ଥାୟୀ ଜାଗାରେ ଭୂମି ପୂଜନ କରିବେ ଏବଂ ଭୀମ ଭୋଇ ମହାବିଦ୍ୟାଳୟର ପୁରୁଣା ବ୍ଲକଠାରେ ଅସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟନ କରିବା ସହ ଏକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ରାଜବାଟୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଉପସଭାପତି ବିଚିତ୍ରାନନ୍ଦ ସାହୁ, ପ୍ରମୋଦ ସାହୁ, ନଗର ସଭାପତି ସୁଷମା ମୁଣ୍ଡା, ନାକଟିଦେଉଳ ସଭାପତି ଦିଲୀପ ପ୍ରଧାନ, ଭୀମଭୋଇ ମଣ୍ଡଳ ସଭାପତି ଶାନ୍ତନୁ ବାରିକ, ଚାରମାଲ ମଣ୍ଡଳ ସଭାପତି ଧରଣୀଧର ସାହୁ, ମହିଳା ମୋର୍ଚ୍ଚା ସଭାପତି ଗୀତାଞ୍ଜଳି ପାଣିଗ୍ରାହୀ, ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ବୈଠରୁ, ଅନୁସୟା ଭୋଇ, ତୁଷାରକାନ୍ତ କର, ଦିଲୀପ ପ୍ରଧାନ, ନଗର ସାଧାରଣ ସମ୍ପାଦକ ଅନୀଲ ପୃଷ୍ଟି, ସୁରେଶ ଭିତିରିଆ, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ଉଦୟ ପ୍ରତାପ ସିଂ ଦେଓ ପ୍ରମୁଖଙ୍କ ସହ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ବାଲକିଶନ ପଟୱାରୀ ଜୟନ୍ତୀ ଉପଲକ୍ଷେ ସର୍ଭିକାଲ କର୍କଟ ଯାଞ୍ଚ ଶିବିର




ସମ୍ବଲପୁର, ୪।୮ (ସମିସ) : ବାଲକିଶନ ପଟୱାରୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆଜି ବାଲକିଶନ ପଟୱାରୀଙ୍କ ୮୧ତମ ଜନ୍ମବାର୍ଷିକୀ ଅବସରରେ, ସମ୍ବଲପୁରସ୍ଥିତ ବୈଦ୍ୟ ବିକାଶ ହସ୍ପିଟାଲ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ତନ୍ମଧ୍ୟରେ ମାଗଣା ସର୍ଭିକାଲ୍ କ୍ୟାନସର (ଗର୍ଭାଶୟ ମୁଖ କର୍କଟ) ଯାଞ୍ଚ ଓ ଟିକାକରଣ, ରକ୍ତଦାନ ଶିବିର ଏବଂ ୨୫ଟି ସିଲେଇ ମେସିନ୍ ବଣ୍ଟନ ଅନ୍ତର୍ଭୁକ୍ତ ଥିଲା। ସର୍ଭିକାଲ କ୍ୟାନସର ଯାଞ୍ଚ ଓ ଟିକାକରଣ ଶିବିର ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ପ୍ରଫେସର ବିପିନ ବିହାରୀ ନନ୍ଦ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡଃ ସତ୍ୟନାରାୟଣ ନନ୍ଦ, ସମାଜସେବୀ ଶତ୍ରୁଘନଲାଲ ଶାହା ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ସଦସ୍ୟ ଅରୁଣ ପଟୱାରୀ, ଶାନ୍ତା ପଟୱାରୀ, ପୂଜା ପଟୱାରୀ ଏବଂ କୁଶାଗ୍ର ପଟୱାରୀ ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ସମସ୍ତ ଡାକ୍ତର, ରକ୍ତଦାତା, ସହଯୋଗୀ ମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହ ସାମାଜିକ ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ ଏବଂ ମାନବୀୟ ସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲା। କାର୍ଯ୍ୟକ୍ରମରେ ସହଯୋଗ ପାଇଁ ବାଲକିଶନ ପାଟୱାରୀ ଟ୍ରଷ୍ଟ ତରଫରୁ 'ବୈଦ୍ୟ ବିକାଶ ହସ୍ପିଟାଲ୍'ର ଅଧ୍ୟକ୍ଷ ଭାସ୍କର ରାଓଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଟ୍ରଷ୍ଟ ସଦସ୍ୟ ଅରୁଣ ପଟୱାରୀ କହିଛନ୍ତି, ବିକାଶ ହସ୍ପିଟାଲ ସହ ମିଶି ଗତ ୬ ବର୍ଷ ଧରି ବାପାଙ୍କ ଜୟନ୍ତୀ ଅବସରରେ ଏହି ସେବା କାର୍ଯ୍ୟ କରିଆସୁଛନ୍ତି। ଟ୍ରଷ୍ଟ ପକ୍ଷରୁ ମୁଖ୍ୟତଃ ଶିକ୍ଷା ଓ ସ୍ୱାସ୍ଥ୍ୟ ଦିଗରେ ସହାୟତା ପ୍ରଦାନ କରାଯାଉଛି। ଚଳିତବର୍ଷ ନୂତନ ଭାବେ ସର୍ଭିକାଲ କ୍ୟାନସର ଯାଞ୍ଚ ଓ ଟିକାକରଣ ମାଗଣା ଶିବିର କରାଯାଉଛି, ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସୁବିଧାକୁ ସମ୍ବଲପୁରବାସୀ ଉପଯୋଗ କରିବା ପାଇଁ ଶ୍ରୀ ପଟୱାରୀ ଅନୁରୋଧ କରିଛନ୍ତି।

# ମୁଦିପଡ଼ାରେ ଡ୍ରେନ୍ ଉପରେ ଜବରଦଖଲ ଉଚ୍ଛେଦ



ସମ୍ବଲପୁର, ୪।୮ (ସମିସ) : ସମ୍ବଲପୁର ସହରର ମୁଦିପଡ଼ାସ୍ଥିତ ଦୁର୍ଗାମନ୍ଦିର ନିକଟରେ ଡ୍ରେନ୍ ଉପରେ ହୋଇଥିବା ବେଆଇନ ଜବରଦଖଲ ଆଜି ମହାନଗର ନିଗମ ପକ୍ଷରୁ ଉଚ୍ଛେଦ କରାଯାଇଛି। ସହରର ଜଳନିଷ୍କାସନ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳିତ କରିବା ଉଦ୍ଦେଶ୍ୟରେ ଏହି ମିଳିତ ଅଭିଯାନ କରାଯାଉଛି। ସମ୍ବଲପୁର ମହାନଗର ନିଗମର ନିର୍ଦ୍ଦେଶରେ ଆୟୋଜିତ ସ୍ୱତନ୍ତ୍ର ଅଭିଯାନରେ ସମ୍ବଲପୁର ମହାନଗର ନିଗମର ସ୍ୱଚ୍ଛତା ଟିମ୍ "ନିର୍ମଳ', ଟାଟା ପାୱାର, ୱାଟ୍‌କୋ ଏବଂ ସ୍ଥାନୀୟ କେବୁଲ୍ ଅପରେଟରମାନେ ସାମିଲ ହୋଇଥିଲେ। ଏହି ଅଭିଯାନ ସମୟରେ ଡ୍ରେନ୍‌ର ସ୍ୱାଭାବିକ ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ବିଭିନ୍ନ ଅସ୍ଥାୟୀ ନିର୍ମାଣ ଓ ବେଆଇନ ଜବରଦଖଲଗୁଡ଼ିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବା ସହ ସଫେଇ କରାଯାଇଥିଲା। ସମ୍ବଲପୁର ମହାନଗର ନିଗମର "ନିର୍ମଳ' ଟିମ୍ ଡ୍ରେନ୍ ଭିତରେ ଜମା ହୋଇରହିଥିବା ଆବର୍ଜନା, ପ୍ଲାଷ୍ଟିକ୍ ପରିତ୍ୟକ୍ତ ଓ ପଙ୍କ ସଫାକରି ବର୍ଷାଜଳ ପ୍ରବାହ ସୁନିଶ୍ଚିତ କରିଛନ୍ତି। ଏହାସହିତ ରାସ୍ତାଘାଟରେ ସାଧାରଣ ନାଗରିକଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଅନାବଶ୍ୟକ ତଥା ବିପଜ୍ଜନକ ବିଦ୍ୟୁତ ଖୁଣ୍ଟ, ଟେଲିଫୋନ୍ ଓ କେବୁଲ ତାର ଏବଂ ପାନୀୟଜଳ ପାଇପ୍‌ଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ସମନ୍ୱୟରେ ତୁରନ୍ତ ସ୍ଥାନାନ୍ତର ଓ ଅପସାରଣ କରାଯାଇଛି। ସହରରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା, ପରିମଳ ପରିଚାଳନା ଏବଂ ସ୍ୱଚ୍ଛ ପରିବେଶ ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ଏହି ଅଭିଯାନ ଆଗାମୀ ଦିନରେ ଜାରି ରହିବ ବୋଲି ଡେପୁଟି କମିଶନର ତଥା ଏନ୍‌ଫୋର୍ସମେଣ୍ଟ ଅଫିସର ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି। ଅତିରିକ୍ତ ତହସିଲଦାର ପ୍ରତାପ ଶଙ୍କର ଦାସଙ୍କ ସହ ରାଜସ୍ୱ, ମହାନଗର ନିଗମ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ସମ୍ବଲ' ପକ୍ଷରୁ ୨ ଅଜଣା ଶବ ସତ୍କାର

ସମ୍ବଲପୁର, ୪।୮ (ସମିସ) : ଆଜି ପୁଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଲ' ପକ୍ଷରୁ ଦୁଇଟି ଅଜଣା ଶବ ସତ୍କାର କରାଯାଇଛି। ଅନୁଷ୍ଠାନକୁ ରେଳବାଇ ପୁଲିସ ତରଫରୁ ଜଣେ ୪୦ ରୁ ୪୫ ବର୍ଷ ବୟସ୍କା ମହିଳାଙ୍କ ଶବ ଏବଂ ବୁର୍ଲା ମେଡିକାଲ ଫାଣ୍ଡି ତରଫରୁ ଜଣେ ୬୫ ବର୍ଷ ବୟସ୍କଙ୍କ ଶବ ହସ୍ତାନ୍ତର କରାଯାଇଥିଲା। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ୯୬ ଘଣ୍ଟା ଫ୍ରିଜର୍‌ରେ ରଖିଲା ପରେ ମଧ୍ୟ କେହି ଆତ୍ମୀୟସ୍ୱଜନ ନ ଆସିବାରୁ 'ସମ୍ବଲ' ପରିବାରକୁ ଶବ ସତ୍କାର ପାଇଁ ଲିଖିତ ଭାବେ ଅନୁରୋଧ କରାଯାଇଥିଲା। ଖବରପାଇ 'ସମ୍ବଲ'ର ଆନନ୍ଦ ଅଜାଡ଼ିୱାଲ ଏବଂ ରାମଦାସ ପଣ୍ଡା ମନ୍ଦଲିଆସ୍ଥିତ ରାଜଘାଟରେ ସମ୍ମାନର ସହ ଶବ ସତ୍କାର କରିଥିଲେ।

# ବନ୍ୟାଜନିତ ମୃତ୍ୟୁ ଓ କ୍ଷୟକ୍ଷତିର ତଥ୍ୟକୁ ଲୁଚାଯାଉଛି: ବିଜେଡି ସାଧାରଣ ସମ୍ପାଦକ

ସମ୍ବଲପୁର, ୪।୮ (ସମିସ)

ବର୍ତ୍ତମାନ ଲଘୁଚାପ ଓ ଲଗାଣ ବର୍ଷା ଯୋଗୁଁ ସମ୍ବଲପୁର ଜିଲ୍ଲାରେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟିଥିବା ବେଳେ ଜିଲ୍ଲା ପ୍ରଶାସନ ପ୍ରକୃତ ବନ୍ୟାଜନିତ ମୃତ୍ୟୁ ଓ କ୍ଷୟକ୍ଷତିର ତଥ୍ୟକୁ ଚାପି ଦେବାକୁ ଉଦ୍ଦେଶ୍ୟମୂଳକ ପ୍ରୟାସ କରୁଥିବା ଅଭିଯୋଗ କରିଛନ୍ତି ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି। ଏହି ପ୍ରସଙ୍ଗରେ ଶ୍ରୀ ମହାନ୍ତି ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ଏକ ବିସ୍ତୃତ ଦାବିପତ୍ର ପ୍ରଦାନ କରିଥିବାବେଳେ ଏହାର ନକଲ ରାଜସ୍ୱ ବିଭାଗର ପ୍ରମୁଖ ସଚିବ, ଏସ୍‌ଆର୍‌ସି ଏବଂ ସମ୍ବଲପୁର ଜିଲ୍ଲାପାଳଙ୍କୁ ମଧ୍ୟ ପଠାଇଛନ୍ତି। ଦାବିପତ୍ରରେ ସେ ଦର୍ଶାଇଛନ୍ତି ଯେ ରେଙ୍ଗାଲି ବ୍ଲକ ଅନ୍ତର୍ଗତ ସାଲଡ଼ ଗ୍ରାମର ୬୪ ବର୍ଷୀୟା ବୁଦୁନୀ ମୁଣ୍ଡାଙ୍କର ଗତ ୨୯ ଜୁଲାଇରେ ଲଗାଣ ବର୍ଷା ସମୟରେ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ମୃତ୍ୟୁ ଘଟିଥିଲା। କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଳ କରି ଏହି ମୃତ୍ୟୁକୁ ବନ୍ୟାଜନିତ ମୃତ୍ୟୁଭାବେ ସ୍ୱୀକୃତି ଦିଆଯାଇନଥିବାରୁ ତାଙ୍କ ପରିବାର ସରକାରୀ ଆର୍ଥିକ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏହି ଘଟଣାରେ ମନ୍ତ୍ରୀ ବ୍ୟକ୍ତିଗତ ହସ୍ତକ୍ଷେପ କରି ତୁରନ୍ତ ସହାୟତା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

ଶ୍ରୀ ମହାନ୍ତି ଆହୁରି କହିଛନ୍ତି ଯେ ଜିଲ୍ଲା ପ୍ରଶାସନ କେବଳ ପଟ୍ଟାଧାରୀଙ୍କ ଘରର କ୍ଷୟକ୍ଷତି ଆକଳନ କରି ୬୭ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘରର ରିପୋର୍ଟ ଏସ୍‌ଆର୍‌ସିଙ୍କ ନିକଟକୁ ପଠାଇଛି। ଅଥଚ ପଟ୍ଟାବିହୀନ ଗରିବ ପରିବାର ଓ ବସ୍ତି ଅଞ୍ଚଳର ଅନେକ ଲୋକଙ୍କ ଘର ଭୁଶୁଡ଼ି ପଡ଼ିଥିଲେ ମଧ୍ୟ ସେମାନଙ୍କ କ୍ଷତିକୁ ସରକାରୀ ତଥ୍ୟରେ ସାମିଲ କରାଯାଇନାହିଁ। ଫଳରେ ପ୍ରକୃତ କ୍ଷୟକ୍ଷତି ସରକାରୀ ରିପୋର୍ଟଠାରୁ ବହୁ ଅଧିକ ଥିବା ସନ୍ଦେହ ସୃଷ୍ଟି ହେଉଛି। ସେ ପ୍ରଶ୍ନ କରିଛନ୍ତି ଯେ, ସରକାର ବାରମ୍ବାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଇଥିବା ଦାବି କରୁଥିବାବେଳେ ଏତେ ସଂଖ୍ୟାରେ ଦୁର୍ବଳ ଓ କଚ୍ଚା ଘର କେଉଁଠୁ ଆସିଲା ଏବଂ ବର୍ଷାରେ କିପରି ଭୁଶୁଡ଼ି ପଡ଼ିଲା? ଏହା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତା ଓ ହିତାଧିକାରୀ ଚୟନ ପ୍ରକ୍ରିୟା ଉପରେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ସମ୍ବଲପୁର ରାଜସ୍ୱ ମନ୍ତ୍ରୀଙ୍କ ନିଜ ଜିଲ୍ଲା ହୋଇଥିବାରୁ ସେ ଏଠାକାର ବାସ୍ତବ ସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ତେଣୁ ସେ ବ୍ୟକ୍ତିଗତ ଭାବେ ଏହି ସମସ୍ତ ପ୍ରସଙ୍ଗର ତଦାରଖ କରି ପ୍ରକୃତ ବନ୍ୟାଜନିତ ମୃତ୍ୟୁ ଓ କ୍ଷୟକ୍ଷତିର ସଠିକ୍ ଆକଳନ ସହ ସମସ୍ତ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି।

**ରାଜସ୍ୱ ମନ୍ତ୍ରୀ ନିଜ ଜିଲ୍ଲାର ବନ୍ୟାସ୍ଥିତି ଉପରେ ଆଇନ ସହିତ ମାନବିକତା ଦୃଷ୍ଟିରୁ ସମୀକ୍ଷା କରିବାକୁ ଦାବି**

ଏଥିସହ ସେ ବୁଦୁନୀ ମୁଣ୍ଡାଙ୍କ ମୃତ୍ୟୁକୁ ବନ୍ୟାଜନିତ ମୃତ୍ୟୁ ଭାବେ ସ୍ୱୀକୃତି ଦେଇ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ, ସମ୍ବଲପୁରରେ ବନ୍ୟାଜନିତ ମୃତ୍ୟୁ ଓ ଘର କ୍ଷୟକ୍ଷତିର ନିରପେକ୍ଷ ତଦନ୍ତ ଏବଂ ପଟ୍ଟାବିହୀନ ପରିବାରଙ୍କୁ ମଧ୍ୟ ସରକାରୀ ସହାୟତାରେ ସାମିଲ କରିବା ପାଇଁ ନିୟମ କୋହଳ କିମ୍ବା ସଂଶୋଧନ କରିବାକୁ ଦାବି କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ପଟ୍ଟା ନଥିବାରୁ ପ୍ରକୃତ କ୍ଷତିଗ୍ରସ୍ତ ପରିବାରମାନେ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ସମସ୍ୟା କେବଳ ସମ୍ବଲପୁରରେ ସୀମିତ ନୁହେଁ, ବରଂ ସମଗ୍ର ରାଜ୍ୟର ଏକ ଗୁରୁତର ସମସ୍ୟା। ତେଣୁ ସରକାର ତୁରନ୍ତ ଏହି ନିୟମର ପୁନଃ ସମୀକ୍ଷା କରି ଆବଶ୍ୟକ ସଂଶୋଧନ ଆଣିବା ଉଚିତ, ଯାହାଫଳରେ କେବଳ ପଟ୍ଟା ନଥିବା କାରଣରୁ କୌଣସି ପ୍ରକୃତ ବିପର୍ଯ୍ୟସ୍ତ ପରିବାର ସରକାରୀ ସହାୟତାରୁ ବଞ୍ଚିତ ନ ହୁଅନ୍ତୁ। ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନ ବ୍ୟବସ୍ଥାର ପୁନଃସମୀକ୍ଷା କରି ପ୍ରକୃତ ଯୋଗ୍ୟ ପରିବାରଙ୍କୁ ପକ୍କା ଘର ଯୋଗାଇବାକୁ ମଧ୍ୟ ସେ ଦାବି କରିଛନ୍ତି।

# ବାହାର ରାଜ୍ୟର ଫେରିବାଲା ଓ ମିସ୍ତ୍ରିଙ୍କୁ ଚିହ୍ନଟ କରାଯାଉ

ରେଢ଼ାଖୋଲ,୪।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳରେ ବାହାର ରାଜ୍ୟର ଠିକାଦାର ଓ ମିସ୍ତ୍ରୀ ଦିନକୁ ଦିନ ବଢୁଛନ୍ତି। ଫଳରେ ସେମାନଙ୍କ ଗୁଣ୍ଡାଗର୍ଦ୍ଦି ବୃଦ୍ଧି ପାଉଛି। ତେଣୁ ଏମାନଙ୍କୁ ଚିହ୍ନଟ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନା ଅନୁସାରେ, ଗତଶନିବାର ରାତିରେ ସଂଘବଦ୍ଧ ଭାବରେ ବଙ୍ଗାଳୀ ମିସ୍ତ୍ରୀ ମାନେ ଜେଣେ ସ୍ଥାନୀୟ ଶ୍ରମିକଙ୍କ ତଣ୍ଟି କାଟିଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉକ୍ତ ଶ୍ରମିକଙ୍କ ନାମ ଟୁନା ମହାର। ଏମାନେ ଝାରଖଣ୍ଡ ଓ ବାଂଲାଦେଶରୁ ଆସି ସ୍ଥାନୀୟ ଅଞ୍ଚଳର ଜଙ୍ଗଲ ସଫାକରି ରହି ଏଠାରେ ନିଜ କାୟା ବିସ୍ତାର କରିବାରେ ଲାଗିଛନ୍ତି। କେତେକ ଫେରିବାଲା, ରାଜମିସ୍ତ୍ରୀ କାମକରି ରାତିହେଲେ ଚୋରି କରୁଛନ୍ତି। ରାଜମିସ୍ତ୍ରୀ ପାଖରେ ଶ୍ରମିକ ଭାବରେ କାମ କରୁଥିବା ସ୍ଥାନୀୟ ମହିଳା ଓ ଝିଅଙ୍କୁ ପ୍ରେମ ଜାଲରେ ଫସାଉଛନ୍ତି। ଏବଂ ତାଙ୍କ ଠାରୁ ସନ୍ତାନ ଜନ୍ମ ହେଲା ପରେ ଛାଡ଼ି ଚାଲିଯାଉଛନ୍ତି। ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ। ତେଣୁ ସେମାନଙ୍କୁ ଚିହ୍ନଟ କରି ତଡ଼ିପାର କରାଯାଉ ବୋଲି ଦାବି କରାଯାଇଛି। ରେଢ଼ାଖୋଲ ଉପଖଣ୍ଡ ଓ ସହରରେ ବାହାର ଲୋକଙ୍କୁ ଘରଭଡା ଦେଉଥିବା ଘର ମାଲିକଙ୍କଠାରୁ ସମ୍ପୂର୍ଣ ସୂଚନା ଗ୍ରହଣ କରାଯାଉ ବୋଲି ଆଜି ଏକ ପ୍ରେସ୍ ବିବୃତିରେ ବିଜେପି ବିଧାନସଭା ଗଣମାଧ୍ୟମ ସଂଯୋଜକ ଅନିଲ ପୃଷ୍ଟି ପ୍ରଶାସନ ପାଖରେ ଦାବି କରିଛନ୍ତି।

● ୬ ମାସ ହେଲା ଭତ୍ତା ବନ୍ଦ

## ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ଶାନ୍ତି



ଖଡ଼ିଆଳ, ୪।୮(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ନେହେନା ଗ୍ରାମର ବିଧବା ବୃଦ୍ଧା ଶାନ୍ତି ସୁନାନୀ (୮୨)ଙ୍କୁ ଗତ ଛଅମାସ ଧରି ବିଧବା ଭତ୍ତା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏହି ୩୫୦୦ ଟଙ୍କା ଭତ୍ତାହିଁ ତାଙ୍କର ଜୀବନ ନିର୍ବାହର ମୁଖ୍ୟଆଧାର ହୋଇଥିବା ବେଳେ, ଦୀର୍ଘଛଅ ଧରି ଏହା ବନ୍ଦ ରହିବାରୁ ସେ ଆର୍ଥିକସଙ୍କଟ ମଧ୍ୟରେ ରହି ଦୁର୍ଦ୍ଦିନରେ ଜୀବନ କାଟୁଛନ୍ତି। ଶାନ୍ତି ସୁନାନୀ ଭତ୍ତା ପୁନଃଚାଲୁ କରିବା ପାଇଁ ସମ୍ପୃକ୍ତ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି। ବୃଦ୍ଧାବସ୍ଥାରେ ଖାଦ୍ୟ, ଔଷଧ ଓ ଦୈନନ୍ଦିନ ଖର୍ଚ୍ଚ ବହନ କରିବା ତାଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡ଼ିଛି। ତେଣୁ ପ୍ରଶାସନ ତୁରନ୍ତ ତାଙ୍କର ବକେୟା ଭତ୍ତା ପ୍ରଦାନ ସହ ନିୟମିତ ଭାବେ ଭତ୍ତା ଯୋଗାଇବାକୁ ସ୍ଥାନୀୟଲୋକେ ଦାବି କରିଛନ୍ତି।

## ମିଡିଆ କ୍ଲବ୍ ପକ୍ଷରୁ ଓଡ଼ିଆ ସାମ୍ବାଦିକ ଦିବସ



ଜୁନାଗଡ଼, ୪।୮(ସମିସ): ଜୁନାଗଡ଼ ଆର୍‌ଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ମିଡ଼ିଆ କ୍ଲବ୍ ପକ୍ଷରୁ ଓଡ଼ିଆ ସାମ୍ବାଦିକ ଦିବସ ପାଳିତ ହୋଇଛି। ସଂଘର ସଭାପତି ଆଦିତ୍ୟ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା, ଅସୁବିଧା ଏବଂ ସାମ୍ବାଦିକତାର ବର୍ତ୍ତମାନ ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମୁକେଶ୍ ଅଗ୍ରୱାଲ୍ ଯୋଗଦେଇ ସାମ୍ବାଦିକମାନଙ୍କ ସମସ୍ୟାର ସମାଧାନ, ସାମ୍ବାଦିକତାର ନୈତିକତା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ନିଜର ମତାମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ସଂଘର ସମ୍ପାଦକ ବିନୟ ଭୂଷଣ ଦଣ୍ଡସେନା, ଉପସଭାପତି ପୂର୍ଣ୍ଣ ପାଣିଗ୍ରାହୀ, ସହ-ସମ୍ପାଦକ ବାଲେଶ୍ୱର ସୁନାନୀ, କୋଷାଧ୍ୟକ୍ଷ ସ୍ୱଚ୍ଛଦୀପ ଆଦିତ୍ୟଙ୍କ ସମେତ ଜିତେନ୍ଦ୍ର ମେହେର, ଲାବଣ୍ୟ ନାଏକ, ସପ୍ତସ୍ୱର ପାଢ଼ୀ, ସୁରେଶ ବାଗ, ଦୁଲେନ୍ଦ୍ର ମେହେର ଏବଂ କାଳିଆ କନ୍ଦପାନ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନାବେଡ଼ା ରାସ୍ତାରେ ବାଘ

କୋମନା, ୪।୮(ସମିସ): ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ସୁନାବେଡ଼ା-ଜାମଗାଁ ରାସ୍ତାରେ ସୋମବାର ସନ୍ଧ୍ୟାରେ କିଛିଲୋକ କୋମନାରୁ ସୁନାବେଡ଼ା ଯାଉଥିବାବେଳେ ଏକ କଲରପତରିଆ ବାଘ ଦେଖିବାକୁ ପାଇଥିଲେ। ପ୍ରତାକ୍ଷ୍ୟଦର୍ଶୀଙ୍କ କହିବା ଅନୁସାରେ



୨ଟି ବାଘ ଥିଲେ। ଗୋଟିଏ କ୍ୟାମେରାରେ କୈଦ ହୋଇ ଥିବା ବେଳେ ଅନ୍ୟ ଏକ ବାଘ ଅନ୍ଧାରରେ ରହି ଯାଇଥିଲା। ସୁନାବେଡ଼ା ଅଭୟାରଣ୍ୟରେ ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ବଢୁଥିବାରୁ ସେହି ଅନୁପାତରେ ମାଂସାସୀ ବିଶେଷ କରି କଲରାପତରିଆ ବାଘ ସଂଖ୍ୟା ବୃଦ୍ଧି ପାଉଛି। ସୁନାବେଡ଼ା ଅଭୟାରଣ୍ୟର ଅନେକ ସମୟରେ ରାତିରେ ବାଘ ଦେଖାଯାଇ ଥାଏ। ବାଘର ଗତିବିଧି ବନ୍ୟଜନ୍ତୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ସନ୍ଧ୍ୟା ସମୟରେ ସୁନାବେଡ଼ା ଅଭୟାରଣ୍ୟ ଭିତରକୁ ନ ଯିବାକୁ ବାରଣ କରାଯାଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ



ସିନାପାଲି, ୪। ୮(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଗୋର୍ଲା ପଞ୍ଚାୟତ ପତିଆଲପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଶିକ୍ଷକ ଓ ଛାତ୍ରଛାତ୍ରୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ପତିଆଲପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ କୁମାର ରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ପ୍ରଦାନ କରାଗଲା। ପ୍ରଧାନଶିକ୍ଷକ ଧନେଶ୍ୱର ବଞ୍ଜାରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ କାହ୍ନୁଚରଣ ନାଏକ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲା ପ୍ରାଥମିକ ସିଟି ଶିକ୍ଷକ ସଂଘ ସଭାପତି ପଞ୍ଚାନନ ଖମାରୀ, ସିନାପାଲି ମିଳିତ ଶିକ୍ଷକ ସଂଘ ସଭାପତି ପ୍ରଶନ୍ନ ମାଝୀ, ସମ୍ପାଦକ ବାଲାଜୀ ହରିଜନ, ପତିଆଲପଡ଼ା କ୍ଲଷ୍ଟର ସିଆରସିସି ଖଗେଶ୍ୱର ବାଗ, ମୁଖ୍ୟବକ୍ତା ଭାବେ ନିଲଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଲଳିତ କୁମାର ସୁନାରି, ବିଦାୟୀ ଶିକ୍ଷକ ଶ୍ରୀ ରାୟ, ଖିପ୍ରିମାଲ ସ୍କୁଲପ୍ରଧାନ ଶିକ୍ଷକ ଶୋଭାରାମ ଜଗତ, ମାଲପଡ଼ା ସ୍କୁଲ ପ୍ରଧାନଶିକ୍ଷକ ବୈଦ୍ୟନାଥ ବିଶି ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଲୋମସ ସା ସଭା ପରିଚାଳନା କରିଥିଲେ।

ତୁର୍କେଲ ପୋଲ ନିର୍ମାଣ ପ୍ରସଙ୍ଗ

# ଶାସକ ଦଳର ଅହଙ୍କାରର ଜବାବ ଦେବେ ଜନତା : ବିଧାୟକ

ଭବାନୀପାଟଣା, ୪।୮(ସମିସ)

ତୁର୍କେଲ ବ୍ରିଜ୍ ନିର୍ମାଣ ଦାବୀରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ୧୦୦ଦିନରେ ପହଞ୍ଚିଛି। ଅର୍ଥ ମଞ୍ଜୁର ସରିଛି କିନ୍ତୁ ଫାଇଲ ଘୁଞ୍ଚୁନାହିଁ। ଭବାନୀପାଟଣା ସଦରର ଯୁବ ବିଧାୟକ ସାଗର ଚରଣ ଦାସ ଆନ୍ଦୋଳନକୁ ଭିନ୍ନ ରୂପ ଦେଇଛନ୍ତି। ଶହଶହ କଂଗ୍ରେସ ନେତା ଓ କର୍ମୀ, ଛାତ୍ର ସମାଜ ଏବଂ କଂଗ୍ରେସ ସମର୍ଥିତ ସ୍ଥାନୀୟ ଜନସାଧାରଣଙ୍କ ଗହଣରେ ରହି ବିଧାୟକ ସାଗର ଦାସ ତୁର୍କେଲ ବ୍ରିଜ୍‌ଠାରୁ ୪୦ କିମି ଭବାନୀପାଟଣା ପର୍ଯ୍ୟନ୍ତ ପ୍ରତିରୋଧ ପଦଯାତ୍ରାରର ନେତୃତ୍ୱ ନେଇଥିଲେ। ସନ୍ଧ୍ୟାରେ ପଦଯାତ୍ରାରେ ଆସି ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ପ୍ରାୟ ଏକବର୍ଷ ଧରି ଏହି ବ୍ରିଜ୍ ମରାମତି ପାଇଁ ବିଧାୟକ ଆନ୍ଦୋଳନ ଗାଲି କରି ପୂର୍ତ୍ତବିଭାଗ ତଥା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିବା ସତ୍ତ୍ୱେ ସମସ୍ତେ ନିରବିଯିବା ଆଶ୍ଚର୍ଯ୍ୟର ବିଷୟ ହୋଇଛି। ବିଧାୟକ କହିଛନ୍ତି ଯେ ଟେକ୍ନିକାଲ ଟେଣ୍ଡର ଚୂଡାନ୍ତ ହୋଇ ନ ପାରିବା କାରଣରୁ ଫାଇଲ ଅଟକି ଥିବା ଯାହା କୁହାଯାଉଛି ତା ପଛରେ ରାଜ୍ୟ ବିଜେପି ସରକାରର ଏକ ହୀନ ଉଦ୍ଦେଶ୍ୟ କେବଳ କାର୍ଯ୍ୟ କରୁଛି। କାରଣ ବ୍ରିଜର ଗୋଟିଏ ସ୍ଲାବ୍ ମରାମତି ପାଇଁ ୧୬କୋଟି ୭୫ଲକ୍ଷ ଟଙ୍କା ମଞ୍ଜୁର ହେବା ପରେ ଟେଣ୍ଡରକୁ ଆଳ କରି ନିର୍ମାଣ କାର୍ଯ୍ୟ ଅଗ୍ରଗତି ନହେବା ଦୁର୍ଭାଗ୍ୟଜନକ। ଗଣଧାରଣା ଠାରୁ ଆରମ୍ଭ କରି ପ୍ରତିବାଦ ସଭାରେ କଂଗ୍ରେସ ବିଧାୟକ ନେତୃତ୍ୱ ନେଉଥିବାରୁ ବିଜେପିର ମୁଣ୍ଡ ବିଗିଡ଼ି ଯାଇଛି। କାଳେ କଂଗ୍ରେସ ସମସ୍ତ ଶ୍ରେୟ ନେଇଯିବା ଡର ସେମାନଙ୍କ ମନକୁ ଆନ୍ଦୋଳିତ କରୁଛି ବୋଲି ବିଧାୟକ ଦାସ କହିଛନ୍ତି। ଫାଇଲ ମୁଖ୍ୟ ଯନ୍ତ୍ରୀ (ଇଆଇସି)ଙ୍କ ଟେବୁଲରେ ପଡ଼ି ରହିବାର ନିର୍ଦ୍ଦିଷ୍ଟ କାରଣ ଟେଣ୍ଡର ପ୍ରକ୍ରିୟା ନା ରାଜନୈତିକ ଷଡ଼ଯନ୍ତ୍ର ସେ ସମ୍ପର୍କରେ କେହି ମୁହଁ ଖୋଲୁ ନାହାନ୍ତି। ଫାଇଲଅଟକା ଯାଇଛିବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଗତ ମେ'ମାସ ୧୨ତାରିଖରେ ସଦର ବିଧାୟକ ସାଗର ଦାସଙ୍କ ବାପା ତଥା ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ଗଣଧାରଣାସ୍ଥଳକୁ ଯାଇଥିଲେ। ସରକାରଙ୍କୁ କଡା ସମାଲୋଚନା କରିଥିଲେ। ଆଗାମୀ ଦିନରେ ଏହି ବ୍ରିଜର ମରାମତିର ଦିନ ଗଡ଼ିଲେ ପୂର୍ତ୍ତ ବିଭାଗ ତଥା ସରକାରଙ୍କ ପାଇଁ ଅଡୁଆ ହୋଇପାରେ ବୋଲି କୁହାଯାଇଛି। ଭବାନୀପାଟଣା ସଦର ନିର୍ବାଚନ ମଣ୍ଡଳୀର ମିଳକି ଅଞ୍ଚଳ ସବୁବେଳେ ପ୍ରତି ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଏହି ବ୍ରିଜ ଉପରେ ଯାନବାହାନ ଚଳାଚଳ ବନ୍ଦ ହେବା ଦ୍ୱାରା ବୋର୍ଡା ତଥା ମିଳକି ଅଞ୍ଚଳ ଭବାନୀପାଟଣା ଠାରୁ ବିଚ୍ଛିନ୍ନ ହୋଇପଡ଼ିଛି। ରାସ୍ତା ବନ୍ଦ ହେବାପରେ ଖରିଆର୍ ଏପରିକି ଛତିଶଗଡ଼ ରାଜ୍ୟକୁ ଯିବାପାଇଁ ଅଧିକା ୩୦ରୁ୪୦କି.ମି ବୁଲି ଯିବାକୁ ପଡୁଛି। ଚାଷୀ ଠାରୁ ଆରମ୍ଭ କରି ଛାତ୍ର ଛାତ୍ରୀଙ୍କ ଘୋର ଅସୁବିଧା ହେଉଛି। ଗୁରୁତର ରୋଗୀଙ୍କୁ ଭବାନୀପାଟଣା ଆଣିବା ଏବଂ ଭବାନୀପାଟଣାରୁ ଗୁରୁତରଙ୍କୁ ରାୟପୁର ନେବା କଷ୍ଟଦାୟକ ହୋଇଛି। ଶାସକ ଦଳର ଅହଙ୍କାରର ଜବାବ ଜନତା ଦେବେ ବୋଲି ବିଧାୟକ କହିଛନ୍ତି। ଆଜିର ପଦଯାତ୍ରା କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାୟକ, ଯୁବ ସଭାପତି ମହମ୍ମଦ ସାହେବ୍, ବ୍ଲକ ସଭାପତି ସୁବାସ ବାବୁ ଏବଂ ଧନୁର୍ଦ୍ଧର ଗହିରଙ୍କ ସମେତ ବହୁ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।



କଂଗ୍ରେସର ପଦଯାତ୍ରା ଓ ବିକ୍ଷୋଭ

## କଂଗ୍ରେସର କର୍ମୀ ସମ୍ମିଳନୀ ଓ ବିଏଲ୍‌ଏ-୨ ତାଲିମ୍ ଶିବିର



ଖଡ଼ିଆଳ, ୪।୮(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ କଲ୍ୟାଣ ମଣ୍ଡପ-୨ ଠାରେ ଖଡ଼ିଆଳ କଂଗ୍ରେସ ନିର୍ବାଚନ ମଣ୍ଡଳୀସ୍ତରୀୟ ସମ୍ମିଳନୀ ଓ ବିଏଲଏ-୨ଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଉପଯୁକ୍ତ ଭୋଟର ତାଲିକା ପ୍ରସ୍ତୁତି ହିଁ ନିର୍ବାଚନୀ ଲଢ଼େଇର ମୁଖ୍ୟ ଆଧାରବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ନଗର ସଭାପତି ପ୍ରବୀଣ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଯୁବ କଂଗ୍ରେସ ସଦସ୍ୟ ଅଙ୍କିତ ସିଘାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି, ଆଦିବାସୀ ନେତା ରତନ ମାଝୀ, ଦଳିତ ନେତା ବଂଶୀଧର ଜଗତ, ବ୍ଲକ ଯୁବ ସଭାପତି ପ୍ରଦୀପ ବେହେରା ଏବଂ ଖରିଆରରୋଡ ନଗର ସଭାପତି ପବନଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ଭୋଟର ତାଲିକାରେ ଯୋଗ୍ୟ ମତଦାତାଙ୍କ ନାମ ସଠିକ୍ ଭାବେ ସାମିଲ କରିବା, ତ୍ରୁଟି ସଂଶୋଧନ ଏବଂ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ସଂଗଠନକୁ ଆହୁରି ମଜଭୁତ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ପାର୍ଟି ସମସ୍ତ ଜିଲ୍ଲା ପରିଷଦ ଓ ବ୍ଲକ ଅଧ୍ୟକ୍ଷ ପଦ ରଖିବା ତେଣୁ ଏବେଠାରୁ ଆମକୁ କଠିନ ପରିଶ୍ରମ କରିବାକୁ ପଡ଼ିବବୋଲି ସମସ୍ତ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ।

## 'ଆରୁ କେଉଁଁ' ପୁସ୍ତକ ଲୋକାର୍ପଣ



ଖଡ଼ିଆଳ, ୪।୮(ସମିସ): ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ନୂଆପଡ଼ା ଖଡ଼ିଆଳ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ନାଟ୍ୟକାର ତଥା ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଲିଙ୍ଗରାଜ ସାହୁଙ୍କ ରଚିତ ସମ୍ବଲପୁରୀ, କୋଶଳି ଭାଷାର ନାଟକ ସଂକଳନ ଆରୁ କେଉଁର ଲୋକାର୍ପଣ ହୋଇଯାଇଛି। ସମୀକ୍ଷକ ଭାବରେ ନେପାଳ ଚନ୍ଦନ ଯୋଗଦେଇ ନାଟକର ଆଟିକ ଓ ଆଙ୍ଗିକ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଇଂରାଜୀ ବିଭାଗର ମୁଖ୍ୟ ରାଜେଶ କୁମାର ପାତ୍ର ଓ ମାନବ ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଡ. ଶିବକୁମାର ଯୋଗଦେଇ ନାଟକ ପୁସ୍ତକରେ ନିହିତ ଥିବା ସାମାଜ ସଚେତନର ବାର୍ତ୍ତା ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଜୟଶଙ୍କର ଭୋଇ ସାରସ୍ୱତ ସଭାର ଆଭିମୁଖ୍ୟ, ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଡ. ଉତ୍ତମ କୁମାର ମଣ୍ଡଳ, ଡ. ସୁବାସ ଚନ୍ଦ୍ର ବିଶ୍ୱାଳ, ପ୍ରହଲ୍ଲାଦ ମାଝୀ, ଡ. ପ୍ରଦୀପ କାମିଲା, ଆଧ୍ୟପକ ମାଧବ ପଣ୍ଡା ପ୍ରମୁଖ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୋନାଲି ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

● ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ବୈଠକ

## ୧୫ ସୁଦ୍ଧା ୧୩୮ ପୋଖରୀର ଗ୍ରାସ୍ ଟର୍ଫିଂ କାମ ଶେଷ କରିବାକୁ ନିର୍ଦ୍ଦେଶ



ସିନାପାଲି, ୪।୮(ସମିସ): ନୂଆପଡ଼ା ଜିଲ୍ଲାରମୃତ୍ତିକା ସଂରକ୍ଷଣଓଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ (ଜଳବିଭାଜିକା) ସନ୍ତୋଷ କୁମାର ରଥ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା, ବୃଷ୍ଟିପୃଷ୍ଟ ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ, ଜଳଧାରା ଯୋଜନା, ଭିବିଜି-ରାମଜୀ ଯୋଜନା ଓ କୃଷି ବନୀକରଣ ଯୋଜନା ଅଧୀନରେ ଚଳିତ ଆର୍ଥିକ ବର୍ଷରେ ୩୭ ହେକ୍ଟର ଅଞ୍ଚଳରେ ଚାରାରୋପଣ ସହ ଅଦ୍ୟାବଧି ହୋଇଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ଅବଗତ କରାଇଥିଲେ। ସମୀକ୍ଷା ବେଳେ ଜିଲ୍ଲାପାଳ ଜଳଧାରା ଯୋଜନା ଅଧୀନରେ ୧୩୮ଟି ପୋଖରୀର ଗ୍ରାସ୍ ଟର୍ଫିଂ କାର୍ଯ୍ୟକୁ ଚଳିତ ବର୍ଷ ଅଗଷ୍ଟ ୧୫ ସୁଦ୍ଧା ସମ୍ପୂର୍ଣ୍ଣ କରିବା ସହ ବକେୟା ରହିଥିବା ଚାରାରୋପଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭିବିଜି-ରାମଜୀ ଯୋଜନା ଅଧୀନରେ ନୂତନ ପ୍ରକଳ୍ପ ପ୍ରସ୍ତାବ ସୋମବାର ସୁଦ୍ଧା ଦାଖଲ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବୈଠକରେ ସହକାରୀ ନିର୍ଦ୍ଦେଶକ (ମୃତ୍ତିକା ସଂରକ୍ଷଣ) ଦେବବ୍ରତ ବିଶ୍ୱାଳ, ସହକାରୀ ନିର୍ଦ୍ଦେଶକ (ମୃତ୍ତିକା ସଂରକ୍ଷଣ) ସ୍ୱୟଂପ୍ରଭା ସିଂହ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦେବପ୍ରିୟ ପାଣିଗ୍ରାହୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦେବେନ୍ଦ୍ର କୁମାର ନାୟକଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଧର୍ମଗଡ଼ରେ ବିଜେଡିର ଆଲୋଚନା ଚକ୍ର

## ଯୁବଗୋଷ୍ଠୀ ଏକତ୍ରିତ ହେବାକୁ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଆହ୍ୱାନ



ଧର୍ମଗଡ଼, ୪।୮(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସ୍ଥିତ ହୋଟେଲ ରୟାଲ ପ୍ୟାଲେସଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଯୁବ ଓ ଛାତ୍ର ବିଜୁ ଜନତା ଦଳ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ସିଂହଦେଓ ଯୁବ ଶକ୍ତି ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ବର୍ତ୍ତମାନ ଦେଶର ଯୁବଗୋଷ୍ଠୀ ସଚେତନ ହେଲେଣି। ସେମାନେ ଏକତ୍ରିତ ହୋଇ ବର୍ତ୍ତମାନର ସରକାରଙ୍କ ବିଫଳତା, ଦୁର୍ନୀତି ଓ ଏକତରଫା ନୀତି ବିରୋଧରେ ସଜାଗ ହେବା ସହ ଏହାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ। ଦିଲ୍ଲୀର ଜନ୍ତରମନ୍ତର ଆନ୍ଦୋଳନରୁ ଏହାର ପ୍ରତିଫଳନ ସ୍ପଷ୍ଟ ଦେଖାଯାଉଛି। ବର୍ତ୍ତମାନର ସରକାର ସବୁ କ୍ଷେତ୍ରରେ ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି ଏବଂ ଦେଶକୁ ରସାତଳକୁ ନେଇଯାଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ଧର୍ମଗଡ଼ ବ୍ଲକ ସଭାପତି ଡାକେ ଲହଜଳ, ସଭାନେତ୍ରୀ ମମତାରାଣି ଗୋପାଳ, ପୂର୍ବତନ ଏନଏସି ଅଧ୍ୟକ୍ଷା ହୀରା ବାଗ, କ୍ଷୀରୋଦ ବାଗ ଓ ଅଶୋକ ପଟ୍ଟଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୁଝାରୀ, ଜିଲ୍ଲାପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ପ୍ରଣବ ପ୍ରକାଶ ଭଇଁସାଲ, ଶଙ୍କର ପ୍ରସାଦ ଜୁଏଡ଼, ହେମନ୍ତ ମାଝୀ, ସରପଞ୍ଚ ମନୋଜ କୁମାର ନାଏକ, ଜଗତରାମ ବାଗ, ରତନ ନାଏକ, ପ୍ରଶାନ୍ତ ତିୱାରୀ, ସନ୍ତୋଷ ପାଢ଼ୀ, ଏବଂ ଯୁବ ନେତା ଭବାନୀ ଶଙ୍କର ବଣିଆ, ସୁନୀଲ ଭଇଁସାଲ, ରାଜେନ୍ଦ୍ର ଭୋଇ, ଏନ୍‌ଏସି ସଭାପତି ଜୟନ୍ତ ନାଏକ, ଭବେଶ ଗଇଁତା ଓ ସରପଞ୍ଚ ଅର୍ଜୁନ ବାଗ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଅନେକ ଯୁବକ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇ ଦଳୀୟ ସଦସ୍ୟତା ଗ୍ରହଣ କରିଛନ୍ତି। ଯୁବଗୋଷ୍ଠୀଙ୍କ ଏହି ଯୋଗଦାନ ଆଗାମୀ ଦିନରେ ଅଞ୍ଚଳରେ ଦଳୀୟ ସଂଗଠନକୁ ଆହୁରି ମଜବୁତ କରିବ ବୋଲି ନେତୃବୃନ୍ଦ ଆଶା ପ୍ରକଟ କରିଛନ୍ତି।

## ଶିକ୍ଷକ ଅଭାବ; ସ୍କୁଲ୍ ଗେଟ୍‌ରେ ତାଲା ପକାଇଲେ ଛାତ୍ରଛାତ୍ରୀ

ଗୋଲାମୁଣ୍ଡା, ୪।୮(ସମିସ)




କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ କେଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ପ୍ରତିବାଦରେ ମଙ୍ଗଳବାର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଆଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କୁ ବୁଝାଇ ଗେଟ ଖୋଲାଇଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ମାତ୍ର ୪ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ନିଯୁକ୍ତ ଅଛନ୍ତି। ସେଥିମଧ୍ୟରୁ ୨ ଜଣ ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବାରୁ ବର୍ତ୍ତମାନ କେବଳ ୨ ଜଣ ଶିକ୍ଷକଙ୍କ ଉପରେ ସମସ୍ତ ଶ୍ରେଣୀର ଦାୟିତ୍ୱ ରହିଛି। ଫଳରେ ନିୟମିତ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ କରି ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଗେଟରେ ତାଲାପକାଇ ପ୍ରତିବାଦ କରିଥିଲେ। ବିଦ୍ୟାଳୟର ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ଗେଟ ଖୋଲି ବିଦ୍ୟାଳୟକୁ ପ୍ରବେଶ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ପ୍ରାୟ ଏକ ଘଣ୍ଟା ଧରି ଗେଟ ସମ୍ମୁଖରେ ଅଡ଼ି ରହିଥିଲେ। ଏହି ସମୟରେ ଉପଜିଲ୍ଲାପାଳ ପ୍ରେକ୍ଷା ଆଗ୍ରୱାଲଙ୍କ ଗାଡ଼ି ସେଠାରେ ପହଞ୍ଚିବା ପରେ ଛାତ୍ରଛାତ୍ରୀମାନେ ତାଙ୍କୁ ଅଟକାଇ ନିଜ ସମସ୍ୟା ଜଣାଇଥିଲେ। ଉପଜିଲ୍ଲାପାଳ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ବିଦ୍ୟାଳୟରେ ରହି ଶିକ୍ଷକ ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କମ୍ ଦିନ ମଧ୍ୟରେ ଶିକ୍ଷକ ସମସ୍ୟାର ସମାଧାନ କରାଯିବ ବୋଲି ସେ ଛାତ୍ରଛାତ୍ରୀଙ୍କୁ ଆଶ୍ୱାସନ ଦେଇଥିଲେ। ଏହା ସହ ବିଦ୍ୟାଳୟରେ ଥିବା ପାନୀୟ ଜଳ ଓ ଅନ୍ୟାନ୍ୟ ଭିତ୍ତିଭୂମିଗତ ସମସ୍ୟାର ମଧ୍ୟ ସମୀକ୍ଷା କରିଥିଲେ। ଗୋଲାମୁଣ୍ଡା ବିଡିଓ ବିଶ୍ୱନାଥ ରାଉତଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଘଟଣାସ୍ଥଳକୁ ଡାକି ଯଥାଶୀଘ୍ର ସମସ୍ତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଉପଜିଲ୍ଲାପାଳ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସହ ବସି ମଧ୍ୟାହ୍ନଭୋଜନ ଗ୍ରହଣ କରିଥିଲେ। ତାଙ୍କର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

## ନିଶାମୁକ୍ତି ଶପଥ ମହାଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ସିନାପାଲି, ୪।୮(ସମିସ): 'ନିଶାମୁକ୍ତ ଭାରତ ଅଭିଯାନ' ଓ 'ମିଶନ ସ୍ପନ୍ଦନ' ଅନ୍ତର୍ଗତ '୧୦ କୋଟି ନିଶାମୁକ୍ତି ଶପଥ ମହାଅଭିଯାନ'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଜି ସ୍ଥାନୀୟ ସଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜଯୋଗ ଏଜୁକେସନ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେସନର ମେଡିକାଲ ୱିଙ୍ଗ ପକ୍ଷରୁ ଆୟୋଜିତ ଏହି ଅଭିଯାନର ଲକ୍ଷ୍ୟ ହେଉଛି ଦେଶର ୧୦ କୋଟି ନାଗରିକଙ୍କୁ ନିଶାମୁକ୍ତ ଜୀବନଶୈଳୀ ଗ୍ରହଣ ପାଇଁ ପ୍ରେରିତ କରିବା। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ରହ୍ମକୁମାରୀ ଅନୀତା ଓ ବ୍ରହ୍ମକୁମାରୀ ସୁମତୀ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ନିୟମିତ ରାଜଯୋଗ ଧ୍ୟାନ ଓ ଯୋଗାଭ୍ୟାସ ମାଧ୍ୟମରେ ଆଧଶକ୍ତି ବୃଦ୍ଧି ସହ ନିଶା ଅଭ୍ୟାସରୁ ମୁକ୍ତି ମିଳିପାରିବ ବୋଲି ସେମାନେ କହିଥିଲେ। ଏହି ଅବସରରେ ନିଶାମୁକ୍ତ ଭାରତ ସମ୍ପର୍କିତ ଏକ ସଚେତନତା ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ପରେ ଉପସ୍ଥିତ ସମସ୍ତେ ନିଶାମୁକ୍ତ ଭାରତ ଗଠନରେ ସକ୍ରିୟ ଭୂମିକା ନିର୍ବାହ କରିବା ସହ ନିଜ ପରିବାର, ସମାଜ ଓ କାର୍ଯ୍ୟକ୍ଷେତ୍ରରେ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବାକୁ ଶପଥ ଗ୍ରହଣ କରିଥିଲେ। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଦ୍ୱାରିକାନାଥ ଶତପଥୀ, ବ୍ରହ୍ମକୁମାରୀ ଅନୀତା, ବ୍ରହ୍ମକୁମାରୀ ସୁମତୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼େଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବହୁ ସଂଖ୍ୟକ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ମଣିଷର ନିର୍ବୋଧତାକୁ ହେୟଜ୍ଞାନ କରାଯାଇପାରିବ ନାହିଁ।
-ୟୁଭାଲ୍ ନୋ ହରାରି

## 'ଜୟ ଜଗନ୍ନାଥ' କହିବା ଛାଡ଼ିଦିଅନ୍ତୁ!

ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ୍ ହେବାର ପୁଣି ଏକ ଆଶା ସଞ୍ଚାର ହୋଇଛି। ବିଳମ୍ବରେ ହେଲେ ମଧ୍ୟ ଶେଷରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ଙ୍କୁ ଗତ ୧ ତାରିଖରେ ଚିଠି ଲେଖିଛନ୍ତି। ପୁରୀ ଶ୍ରୀମନ୍ଦିର ପ୍ରଶାସନ ଏହି ମର୍ମରେ ଯେଉଁ ଆବେଦନ କରିଛନ୍ତି ତାହାର ବିଚାର ଯେପରି ତ୍ୱରାନ୍ୱିତ ହୋଇପାରିବ ସେ ବିଷୟରେ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି। ଏହା ସର୍ବାଦୌ ସ୍ୱାଗତଯୋଗ୍ୟ।

ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଘୋଷଣାନାମାରେ ସ୍ୱାକ୍ଷର କରିଥିବାରୁ ଭାରତ ସରକାର ବିଭିନ୍ନ ରାଜ୍ୟର ସର୍ବାଦୃତ ସାଂସ୍କୃତିକ ଐତିହ୍ୟଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ବା ତାଲିକାଭୁକ୍ତ କରିବା ପାଇଁ ସୁପାରିସ କରିବାର ବିଧିବ୍ୟବସ୍ଥା ରହିଛି। ରାଜ୍ୟମାନଙ୍କର ସୁପାରିସକ୍ରମେ ୟୁନେସ୍କୋକୁ ଏହି ତାଲିକା ପଠାଇବାର ଦାୟିତ୍ୱ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର। ଏହାପରେ ୟୁନେସ୍କୋ ପ୍ରତିନିଧି ପ୍ରତ୍ୟକ୍ଷ ଭାବେ ମହତ୍ତ୍ୱ ଉପଲବ୍ଧି କରିବା ପରେ ଉକ୍ତ ଐତିହ୍ୟକୁ ମାନ୍ୟତା ଦେଇଥା'ନ୍ତି। ହୁଏତ ଦଳୀୟ ରାଜନୀତି ଦୃଷ୍ଟିରୁ ହେଉ କିମ୍ବା ଆଞ୍ଚଳିକ ଅସୂୟା ଯୋଗୁଁ ଅନେକ ସମୟରେ ରାଜ୍ୟ ସରକାରମାନଙ୍କର ସୁପାରିସ କେନ୍ଦ୍ରରେ କ୍ଷମତାସୀନ ଦଳର ପ୍ରଚ୍ଛନ୍ନ ଇଙ୍ଗିତରେ କାଟ୍ ଖାଇଯାଏ। ଏହାର ଉଦାହରଣ ମଧ୍ୟ ବହୁଳ। ଶ୍ରୀଜଗନ୍ନାଥଙ୍କୁ ପ୍ରସଙ୍ଗ କରି କ୍ଷମତାକୁ ଆସିଥିବା ଡବଲ୍ ଇଞ୍ଜିନ ସରକାର ଏ ଦିଗରେ ସୁପାରିସକୁ ଅଗ୍ରାଧିକାର ଦେଇଥିଲେ ଭଲ ହୋଇଥା'ନ୍ତା। ଗତବର୍ଷ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ କାଳରେ ଏକ ପ୍ରଶ୍ନୋତ୍ତର ଛଳରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ କଟକ ବାଲିଯାତ୍ରା ଓ ବରଗଡ଼ ଧନୁଯାତ୍ରାକୁ ୟୁନେସ୍କୋ ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ(ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍) ତାଲିକାରେ ସାମିଲ୍ କରିବା ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ଦେଇଥିଲେ। କିନ୍ତୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା କଥା ସରକାର ଭୁଲିଗଲେ।

ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଆଞ୍ଚଳିକ ପରମ୍ପରା ଓ ରୀତିନୀତିରେ ସୀମିତ ନୁହେଁ। ଏହା ସାମ୍ୟତା, ସର୍ବଧର୍ମ-ସମ୍ପ୍ରଦାୟ ସମନ୍ୱୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ସାହିତ୍ୟ, ବିଜ୍ଞାନ, ଭୂଗୋଳ, ଇତିହାସର ଅପୂର୍ବ ସମନ୍ୱୟରେ ରୁଦ୍ଧିମନ୍ତ। ବିଶ୍ୱର ଅନେକ ରାଷ୍ଟ୍ରରେ ରଥଯାତ୍ରା ପାଳିତ ହୋଇଆସୁଛି। ଅନ୍ୟ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇ ସନାତନ ଧର୍ମ ସ୍ୱତଃ ଗ୍ରହଣ କରୁଛନ୍ତି। ରଥଯାତ୍ରାର ସାଙ୍ଗୀତିକତା, ଚିତ୍ରକଳା, ନୃତ୍ୟ ତତ୍ତ୍ୱ ମୌଳିକ ଓ ଶାସ୍ତ୍ରସମ୍ମତ। ବିଶ୍ୱ ପର୍ଯ୍ୟଟନରେ ମଧ୍ୟ ପୁରୀ ରଥଯାତ୍ରା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନଦଣ୍ଡର ଏପରି କୌଣସି ବିଭାଗ ନାହିଁ, ଯାହା ରଥଯାତ୍ରାରେ ସନ୍ନିହିତ ହୋଇନାହିଁ। ତଥାପି କାହିଁକି ଯେ ରଥଯାତ୍ରା ଏହି ତାଲିକାରୁ ଏତେଦିନ ଧରି ବଞ୍ଚିତ ହୋଇରହିଛି ତାହାର ଉତ୍ତର କିଏ ଦେବା ଉଚିତ ତାହା ଆଉ ଅଧିକ ବୁଝାଇ କହିବା ଆବଶ୍ୟକ ନାହିଁ।

ଓଡ଼ିଶାର ସୌଭାଗ୍ୟ, ଗର୍ବ ଓ ଗୌରବ ଯେ ଭାରତର ରାଷ୍ଟ୍ରମୁଖ୍ୟ ଜଣେ ଓଡ଼ିଆ। ପୁରୀର ସାଂସଦ କେନ୍ଦ୍ର ସରକାରୀ ଦଳରେ ଗୁରୁତ୍ୱପୂର୍ଣ୍ଣ ପଦ ମଣ୍ଡନ କରୁଛନ୍ତି; ବିଧାୟକ ମଧ୍ୟ ରାଜ୍ୟ ଶାସକ ଦଳର। ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳର ଶାସନ ଚାଲିଛି। 'ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷ'ର ସର୍ବୋଚ୍ଚ ପଦରେ ଜଣେ ଓଡ଼ିଆ ଗତ ଦୀର୍ଘବର୍ଷ ଧରି ଅଧିଷ୍ଠିତ। ପିଏମ୍‌ଓର ମୁଖ୍ୟ ସଚିବ ମଧ୍ୟ ଓଡ଼ିଆ। ଏଭଳି ଅପୂର୍ବ ସଂଯୋଗ ଓ ସୁଯୋଗ କେବେ ଆସି ନଥିଲା କି ଆଉ ଆସିବ ନାହିଁ। ବୋଧହୁଏ ଏହି ବିରଳ ସଂଯୋଗ ଓଡ଼ିଆ ପ୍ରାଣର ଆରାଧ୍ୟ ଦେବତା ଏବଂ ଓଡ଼ିଶାର ସର୍ବୋଚ୍ଚ ଓ ସର୍ବମାନ୍ୟ ନେତା ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ସୃଷ୍ଟି ହୋଇଛି। ଏହି ସୁଯୋଗର ସଦୁପଯୋଗ କରିବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ। ଅବହେଳା କଲେ ଇତିହାସ ଆମକୁ କ୍ଷମା ଦେବ ନାହିଁ; ବିଶେଷକରି ସେମାନଙ୍କୁ, ଯେଉଁମାନେ ସାମର୍ଥ୍ୟ, କ୍ଷମତା, ଅଧିକାର ଥିବା ସତ୍ତ୍ୱେ ଜଗନ୍ନାଥଙ୍କ କାମକୁ ହତାଦର କରିଛନ୍ତି।

ଯେକୌଣସି କେନ୍ଦ୍ରୀୟ ନେତୃମଣ୍ଡଳୀ ଓଡ଼ିଶା ଗସ୍ତରେ ଆସିଲେ 'ଜୟଜଗନ୍ନାଥ' ଶବ୍ଦରୁ ଭାଷଣ ଆରମ୍ଭ କରନ୍ତି। ଏପରିକି ଶ୍ରୀଜଗନ୍ନାଥଙ୍କୁ ନାବ କରି ନିର୍ବାଚନୀ ବୈତରଣୀ ପାର ହେଉଛନ୍ତି। କିନ୍ତୁ ଜଗନ୍ନାଥଙ୍କ କାମ ବେଳେ, ସେ ପରିକ୍ରମା ପ୍ରକଳ୍ପ ହେଉ କି ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ହେଉ, ହୁଏତ ବିରୋଧ କିମ୍ବା ହତାଦର କରୁଛନ୍ତି। ଅଧିକାର ମାଗିବାରେ ଆମେ ଆମ ଦୁର୍ବଳତା ପ୍ରଦର୍ଶନ କରିଆସୁଥିବା ବେଳେ ପ୍ରଶ୍ନ ପଚାରିବାର ସାହସ ମଧ୍ୟ ବୋଧହୁଏ ହରେଇ ବସିଛୁ। ତେଣୁ ଆମର ଏହି ଦୁର୍ବଳତା ଓ ଅଜଣା ବାଧ୍ୟବାଧକତାର ସୁଯୋଗ ନେଇ ୟୁନେସ୍କୋର ଉପରୋକ୍ତ ସମ୍ମାନଜନକ ତାଲିକାର ପରବର୍ତ୍ତୀ ସଂସ୍କରଣରେ ସ୍ଥାନ ଦେବା ଲାଗି ରଥଯାତ୍ରାକୁ ପୁଣି ଥରେ ଉପେକ୍ଷା କରି ବିହାର 'ଛଟ୍ ପୂଜା'କୁ ସୁପାରିସ କରାଯାଇଛି। ଅର୍ଥାତ୍ ୨୦୨୯ ପର୍ଯ୍ୟନ୍ତ ରଥଯାତ୍ରା ଏହି ତାଲିକାରେ ସାମିଲ୍ ହେବାର ସମ୍ଭାବନା ନାହିଁ। ବିଡ଼ମ୍ବନା ହେଉଛି ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବେଦନ କରିବାର ବହୁ ପରେ 'ଛଟ ପୂଜା' ପାଇଁ ଆବେଦନ ହେଲା; ଅଥଚ ଏହା ୨୦୨୬-୨୭ ପାଇଁ 'ଛଟ୍ ପୂଜା' ଯୋଗ୍ୟ ବିବେଚିତ ହୋଇଗଲା। ଏହା ପଛର ରାଜନୀତି ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଅଛପା ନାହିଁ।

ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସାଂସଦମାନେ ଦଳୀୟ ରାଜନୀତିର ବାଧ୍ୟବାଧକତାରୁ ଊର୍ଦ୍ଧ୍ୱକୁ ଉଠି ଓଡ଼ିଶାର ବୃହତ୍ତର ସ୍ୱାର୍ଥ, ସ୍ୱାଭିମାନ ଓ ସମ୍ମାନ ସମ୍ବଳିତ ଏହି ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ଆଗରେ ଉପସ୍ଥାପନ କରନ୍ତୁ। ଓଡ଼ିଶା ଆଉ କେତେଦିନ ଅବହେଳିତ ହୋଇ ରହିବ - ଏ ଅସ୍ମିତା ବିଜଡ଼ିତ ପ୍ରଶ୍ନ ପଚାରନ୍ତୁ। 'ଛଟ୍ ପୂଜା' ଠାରୁ ରଥଯାତ୍ରା କ'ଣ ଅର୍ବାଚୀନ? ଏବେ ଦଳମତ ନିର୍ବିଶେଷରେ ଏହି ପ୍ରଶ୍ନ ମଧ୍ୟ ଉଠିବା ଜରୁରୀ। ସଂସଦର ମୌସୁମୀ ଅଧିବେଶନ ଜାରି ରହିଥିବାରୁ ଏ ପ୍ରଶ୍ନ ସମଗ୍ର ଦେଶରେ ଗୁଞ୍ଜରିତ ହୋଇପାରିବ। ସରକାର ଚାହିଁଲେ ରଥଯାତ୍ରା ମଧ୍ୟ ଛଟ୍ ପୂଜା ସହିତ ୨୦୨୬-୨୭ ପାଇଁ ଯୁଗ୍ମ ତାଲିକାରେ ସ୍ଥାନିତ ହୋଇପାରିବ। କେବଳ ଆନ୍ତରିକତା ଆବଶ୍ୟକ।

ଶେଷ କଥାଟି ହେଉଛି, ବିଳମ୍ବ ହେଉ ପଛେ ଯେଉଁ ପଦକ୍ଷେପଟି ଆରମ୍ଭ ହୋଇଛି ତାହା କେବଳ ଲୋକଦେଖାଣିଆ ହୋଇ ରହି ନ ଯାଉ। ଆନ୍ତରିକତା ରହିଲେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ସବୁ କାମ ଜଗନ୍ନାଥଙ୍କ ଉପରେ ଛାଡ଼ି ଦେଇ ବସିଗଲେ ଚଳିବ ନାହିଁ। ଅନିଚ୍ଛା ସତ୍ତ୍ୱେ କ୍ଷମାପ୍ରାର୍ଥନା ସହିତ ଏହି କଠୋର ବାକ୍ୟ କହିବାକୁ ପଡୁଛି ଯେ - ଯେଉଁମାନେ ସମ୍ଭାଷଣରେ 'ଜୟ ଜଗନ୍ନାଥ' ଉଚ୍ଚାରଣ କରୁଛନ୍ତି; ଅଥଚ ଜଗନ୍ନାଥଙ୍କ କାମ କରୁନାହାନ୍ତି ସେମାନେ ବରଂ ସେହି ଛଳନା ବିଜଡ଼ିତ ଲୋକଦେଖାଣିଆ ଅଭ୍ୟାସଟି ଛାଡ଼ି ଦିଅନ୍ତୁ। କାରଣ ଜଗନ୍ନାଥ ସବୁ ସହିପାରନ୍ତି, କପଟାଚରଣ ନୁହେଁ।

## ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନ

**ଡ.ବିମଳ ଷଡ଼ଙ୍ଗୀ**

ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ତାହାର ସମ୍ବିଧାନ, ସ୍ୱାଧୀନ ନ୍ୟାୟପାଳିକା, ନିରପେକ୍ଷ ନିର୍ବାଚନ ବ୍ୟବସ୍ଥା, ସ୍ୱାଧୀନ ଗଣମାଧ୍ୟମ ଓ ଉତ୍ତରଦାୟୀ ସରକାର। କୌଣସି ଦେଶର ଉନ୍ନତି କେବଳ ଜଣେ ନେତାଙ୍କ ଲୋକପ୍ରିୟତା ବା ନିର୍ବାଚନ ଫଳାଫଳ ଉପରେ ନିର୍ଭର କରେନାହିଁ, ବରଂ ଅନ୍ୟାନ୍ୟ ସ୍ୱାଧୀନ ପ୍ରତିଷ୍ଠାନଗୁଡ଼ିକର ସ୍ୱଚ୍ଛତା ଓ ସ୍ଥାୟୀତ୍ୱ ଉପରେ ନିର୍ଭର କରିଥାଏ। ଭାରତର ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଦକରଙ୍କ ଅନୁସାରେ 'ସମ୍ବିଧାନ କେତେ ଭଲ ହେଉନା କାହିଁକି, ଯଦି ତାହାକୁ ପରିଚାଳନା କରୁଥିବା ଲୋକମାନେ ଭଲ ହୋଇ ନ ଥିବେ, ତେବେ ସେହି ସମ୍ବିଧାନ କେବେ ବି ଉତ୍ତମ ଭଲ ଫଳ ଦେଇପାରିବ ନାହିଁ।' ସେହିପରି ଆବ୍ରାହାମ ଲିଙ୍କନଙ୍କ ପ୍ରସିଦ୍ଧ ଉକ୍ତି 'ଲୋକଙ୍କର, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ସରକାର' ହିଁ ଗଣତନ୍ତ୍ରର ପ୍ରକୃତ ପରିଚୟ। ଇତିହାସ କହେ, ମହାନ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ କୌଣସି ବ୍ୟକ୍ତିଙ୍କ ଦ୍ୱାରା ନୁହେଁ, ବରଂ ଶକ୍ତିଶାଳୀ ପ୍ରତିଷ୍ଠାନ, ସକ୍ରିୟ ଓ ସଚେତନ ନାଗରିକ ଏବଂ ସମ୍ବିଧାନିକ ମୂଲ୍ୟବୋଧ ଦ୍ୱାରା ତିଷ୍ଠି ରହିଥାଏ। ଭାରତର ଆଗାମୀ ବର୍ଷର ଯାତ୍ରା ମଧ୍ୟ ଏହି ମୂଲ୍ୟବୋଧକୁ କେତେ ସୁଦୃଢ଼ କରିପାରୁଛି ତାହା ମୁଖ୍ୟ ଆଲୋଚ୍ୟର ବିଷୟ।

ଭାରତ ସ୍ୱାଧୀନତାର ପରବର୍ତ୍ତୀ ଇତିହାସ ଦେଖିଲେ ଜଣାପଡ଼େ ଯେ, ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ଚାପ କୌଣସି ଗୋଟିଏ ଦଳ କିମ୍ବା ଗୋଟିଏ ଯୁଗର ସମସ୍ୟା ନୁହେଁ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସରକାର ନିଜ ନିଜର ରାଜନୈତିକ ଫାଇଦା ଅନୁସାରେ ସମ୍ବିଧାନ, ଆଇନ ଓ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରଭାବିତ କରିବାର ଚେଷ୍ଟା କରିଛନ୍ତି ଏବଂ ଏବେ ବି ଚେଷ୍ଟା ଚାଲିଛି। ଏହି ସତ୍ୟକୁ ସ୍ୱୀକାର କରିବା ହିଁ ଗଣତାନ୍ତ୍ରିକ ପରିପକ୍ୱତାର ପ୍ରଥମ ପଦକ୍ଷେପ। ଭାରତୀୟ ସମ୍ବିଧାନ ନାଗରିକଙ୍କୁ କେବଳ ଭୋଟ ଦେବାର ଅଧିକାର ଦେଇନାହିଁ; ଏହା ମତପ୍ରକାଶ, ସମାଲୋଚନା ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ମଧ୍ୟ ଦେଇଛି।

ନିକଟରେ ବମ୍ବେ ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ସ୍ମରଣ କରାଇଥିଲେ ଯେ, ପ୍ରତିବାଦ କରିବା ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଦୁଃଖର ବିଷୟ, ଦେଶରେ ଯେତେବେଳେ କୌଣସି ପ୍ରତିବାଦ ହୁଏ, ସରକାରର ସମର୍ଥକ ନେତା, ପ୍ରବକ୍ତାମାନେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରତିବାଦକାରୀଙ୍କୁ ବଦନାମ କରିବାରେ ଲାଗିପଡ଼ନ୍ତି। କୃଷକମାନେ କୃଷି ଆଇନ ବିରୋଧରେ ଦୀର୍ଘ ସମୟ ଧରି ଆନ୍ଦୋଳନ କରିଥିବା ବେଳେ ସେମାନଙ୍କୁ ଦେଶଦ୍ରୋହୀ, ଖାଲିସ୍ତାନୀ ଓ ରାଷ୍ଟ୍ରବିରୋଧୀ ବୋଲି କୁହାଯାଇଥିଲା। ବାସ୍ତବରେ ଶାସନ କ୍ଷମତାରେ ରହିଥିବା ବ୍ୟକ୍ତିମାନେ ସେମାନଙ୍କୁ ଆଲୋଚନା ପାଇଁ ଡାକି ସେମାନଙ୍କ କଥା ଶୁଣିବାର ଆବଶ୍ୟକତା ଥିଲା। ତାହା କାହିଁକି ହେଲା ନାହିଁ, ଆଜି ମଧ୍ୟ ଅସ୍ପଷ୍ଟ।

ଗତ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି କକ୍ରୋଚ ଜନତା ପାର୍ଟିର ନେତା ଓ ସମର୍ଥକମାନେ ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅତୀତରେ ମହାନ ରାଷ୍ଟ୍ର ନେତା ଲାଲ ବାହାଦୁର ଶାସ୍ତ୍ରୀ ଗୋଟିଏ ରେଳ ଦୁର୍ଘଟଣାରେ ନିଜକୁ ଦାୟୀ କରି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ, ଯାହାକୁ କୁହାଯାଏ ସଂବେଦନଶୀଳ ଉତ୍ତରଦାୟୀ। ମାତ୍ର ଆଜି ସେପରି ସଂବେଦନଶୀଳତାର ଅଭାବ ପରିଲକ୍ଷିତ। ଯେ କୌଣସି ଘଟଣା ବା ଦୁର୍ଘଟଣା ପାଇଁ ଶାସନତନ୍ତ୍ର ନିଜକୁ ଦାୟୀ କରିବାକୁ କୁଣ୍ଠିତ। ସୋନମ ୱାଙ୍ଗଚୁକଙ୍କ ଅନଶନ ଭଳି ପଦକ୍ଷେପ ଆଜିର ପରିସ୍ଥିତିରେ ବିଶେଷ ପ୍ରଭାବଶାଳୀ ନୁହେଁ ବୋଲି ହୃଦବୋଧ ହୁଏ। ଆଜିର ଯୁବପିଢ଼ି ଦେଶର ଶିକ୍ଷା ବ୍ୟବସ୍ଥାର ଦୟନୀୟ ଅବସ୍ଥା ଏବଂ ଶିକ୍ଷା ପାଇବା ପରେ ମଧ୍ୟ ଚାକିରିର ଭୟଙ୍କର ଅଭାବ ପ୍ରତି କ୍ଷୁବ୍ଧ ହେବାର ପୂର୍ଣ୍ଣ ଅଧିକାର ରଖିପାରିବେ। ତା' ବ୍ୟତୀତ ଦୁର୍ନୀତି, ସ୍ୱାସ୍ଥ୍ୟ, ଗମନାଗମନ, ପରିବେଶ, ବିଜୁଳି, ପାନୀୟଜଳ, ପୋଷଣଯୁକ୍ତ ଖାଦ୍ୟ, ଭିତ୍ତିଭୂମି ନିର୍ମାଣ ଓ ଅତିରିକ୍ତ ଘରୋଇକରଣ ବ୍ୟବସ୍ଥାର ପ୍ରୟୋଗ ଆଦି ଅନେକ ଅବ୍ୟବସ୍ଥିତ କାର୍ଯ୍ୟ ପାଇଁ ନିଜର ଅଭିବ୍ୟକ୍ତି ରଖିପାରିବାର ଅଧିକାର ରହିଛି। କାରଣ ସେମାନେ ହିଁ ଦେଶର ଭବିଷ୍ୟତ।

ଆମ ଗଣତନ୍ତ୍ରକୁ ଆଉ ଗୋଟିଏ ବଡ଼ ବିପଦ ହେଉଛି ବ୍ୟକ୍ତିପୂଜାର ସଂସ୍କୃତି। ଅନେକ ରାଜନେତା ନିଜର ଛବିକୁ ବିଦ୍ୟୁତ୍ ଖୁଣ୍ଟ, ପେଟ୍ରୋଲ ପମ୍ପ, ସରକାରୀ ବିଜ୍ଞାପନ, ସମ୍ବାଦପତ୍ର ଓ ଟେଲିଭିଜନ ଆଦି ସ୍ଥାନରେ ପ୍ରଚାର କରିବାକୁ ଆଗ୍ରହୀ, ଯାହା ଗଣତନ୍ତ୍ର ପାଇଁ କେବେ ବି ସ୍ୱାସ୍ଥ୍ୟକର ନୁହେଁ। ଏପରି ଆତ୍ମପ୍ରଚାର ଆଉ ଗୋଟିଏ କଥା ପ୍ରମାଣ କରେ ଯେ ବିକାଶ ଓ ଆଧୁନିକତାର ଦାବି ସତ୍ତ୍ୱେ ଆମେ ଏପର୍ଯ୍ୟନ୍ତ ଏପରି ଗୋଟିଏ ସମାଜରେ ବାସ କରୁଛୁ, ଯେଉଁଠାରେ ନିର୍ବାଚିତ ନେତାମାନେ ରାଜାଙ୍କ ଭଳି ବ୍ୟବହାର କରିବାକୁ ଆଗଭର।

ସେହିପରି ଗଣତନ୍ତ୍ରରେ ସଂଳାପର କୌଣସି ବିକଳ୍ପ ନାହିଁ। ଯଦି ଲକ୍ଷ ଲକ୍ଷ ଲୋକ ବିଭିନ୍ନ ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଆସୁଛନ୍ତି, ତେବେ ତାହାକୁ କେବଳ ଆଇନ-ଶୃଙ୍ଖଳାର ସମସ୍ୟା ଭାବେ ନଦେଖି, ଜନଅସନ୍ତୋଷର ସଙ୍କେତ ଭାବେ ଗ୍ରହଣ କରିବା ଦରକାର। ଶାସନର ଶକ୍ତି ନିରବତାରେ ନୁହେଁ, ଶୁଣିବାର କ୍ଷମତାରେ ପ୍ରକାଶ ପାଏ। ଭାରତର ଶିକ୍ଷା ବ୍ୟବସ୍ଥା ଆଜି ଅନେକ ପ୍ରଶ୍ନର ସମ୍ମୁଖୀନ। ପରୀକ୍ଷା ପରିଚାଳନାରେ ତ୍ରୁଟି, ନିଯୁକ୍ତିରେ ବିଳମ୍ବ, ଗବେଷଣାର ଦୁର୍ବଳତା, ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ଉପରେ ବିତର୍କ, ଘରୋଇ ଶିକ୍ଷାୟତନଗୁଡ଼ିକର ପରିଚାଳନାଗତ ଓ ଭିତ୍ତିଭୂମିର ଅନିୟମିତତା ତଥା ଅତ୍ୟଧିକ ପଢ଼ା ଖର୍ଚ୍ଚ ଏବଂ ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ଯୁବପିଢ଼ିକୁ ନିରାଶ କରୁଛି। ତେଣୁ ସେମାନଙ୍କ କ୍ରୋଧକୁ କେବଳ ରାଜନୈତିକ ପ୍ରାୟୋଜିତ ବୋଲି ଅବହେଳା କରିବା ସମାଧାନ ନୁହେଁ। ସେମାନଙ୍କ ଆଶଙ୍କାର ଯଥାର୍ଥ ସମାଧାନ ହିଁ ସରକାରର ପ୍ରକୃତ ଦାୟିତ୍ୱ।

ଆମେରିକାର ସାମ୍ପ୍ରତିକ ରାଜନୀତି ମଧ୍ୟ ଦେଖାଇଛି ଯେ ଲୋକପ୍ରିୟ ନେତୃତ୍ୱ ଓ ଗଣତାନ୍ତ୍ରିକ ଅନୁଷ୍ଠାନ ମଧ୍ୟରେ କେବେ କେବେ ତୀବ୍ର ସଂଘର୍ଷ ହୋଇପାରେ। କିନ୍ତୁ ଶେଷ ପର୍ଯ୍ୟନ୍ତ ଯଦି ସମ୍ବିଧାନ, ନ୍ୟାୟପାଳିକା, ନିର୍ବାଚନ ବ୍ୟବସ୍ଥା ଓ ସ୍ୱାଧୀନ ଗଣମାଧ୍ୟମ ସଠିକ ଭାବରେ ନିଜ ଭୂମିକା ପାଳନ କରନ୍ତି, ତେବେ ଗଣତନ୍ତ୍ର ସୁରକ୍ଷିତ ହୋଇପାରେ। ଭାରତ ପାଇଁ ମଧ୍ୟ ଏହି ଶିକ୍ଷା ସମାନ ଭାବେ ପ୍ରଯୁଜ୍ୟ। ଗଣତନ୍ତ୍ରର ଭବିଷ୍ୟତ କୌଣସି ଜଣେ ନେତା, ଗୋଟିଏ ଦଳ କିମ୍ବା ଗୋଟିଏ ନିର୍ବାଚନ ଉପରେ ନିର୍ଭର କରେନାହିଁ। ଏହା ନିର୍ଭର କରେ ଆମର ଅନୁଷ୍ଠାନ କେତେ ସ୍ୱାଧୀନ, ଆମର ନାଗରିକ କେତେ ସଚେତନ ଏବଂ ଆମର ଶାସକମାନେ ସମାଲୋଚନାକୁ କେତେ ସହଜତାର ସହ ଗ୍ରହଣ କରିପାରୁଛନ୍ତି।

ଗଣତନ୍ତ୍ରର ସବୁଠାରୁ ବଡ଼ ଶତ୍ରୁ ବିରୋଧୀ ଦଳ ନୁହେଁ; ବରଂ ଅସହିଷ୍ଣୁତା, ଭ୍ରାନ୍ତ ସୂଚନା, ବ୍ୟକ୍ତିପୂଜା, ପ୍ରତିଷ୍ଠାନ ପ୍ରତି ଅବିଶ୍ୱାସ ଏବଂ ନାଗରିକଙ୍କ ସମସ୍ୟା ପ୍ରତି ଉଦାସୀନତା। ଆଜି ଭାରତରେ କିଛି ଚିନ୍ତାଜନକ ପ୍ରବୃତ୍ତି ଦେଖାଯାଉଛି। ରାଜନୀତିର ଅତ୍ୟଧିକ ବ୍ୟକ୍ତିକେନ୍ଦ୍ରିକ, ସଂସଦରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ଆଲୋଚନା ହ୍ରାସ, ସାମାଜିକ ଗଣମାଧ୍ୟମରେ ଅନେକ ଭ୍ରାନ୍ତ ସୂଚନା ଓ ଆପତ୍ତିଜନକ କଥୋପକଥନ, ରାଜନୈତିକ ଭାଷାରେ ଶାଳୀନତାର ଅବକ୍ଷୟ, ସରକାର ଓ ବିରୋଧୀଙ୍କ ମଧ୍ୟରେ ସଂଳାପର ଅଭାବ ଆଦି ନିନ୍ଦନୀୟ। ଗଣତନ୍ତ୍ରର ପ୍ରକୃତ ପରୀକ୍ଷା ନିର୍ବାଚନ ସମୟରେ ହୁଏନାହିଁ; ବରଂ ସେତେବେଳେ ହୁଏ, ଯେତେବେଳେ ଶାସନ କ୍ଷମତାରେ ରହିଥିବା ସରକାର ସମାଲୋଚନାର ସମ୍ମୁଖୀନ ହୁଏ। ଯେଉଁ ରାଷ୍ଟ୍ର ପ୍ରତିବାଦକୁ ଶୁଣିବା ଶିଖାକରେ, ସ୍ୱାଧୀନ ଅନୁଷ୍ଠାନଗୁଡ଼ିକୁ ସମ୍ମାନ ଦିଏ ଏବଂ ସମ୍ବିଧାନକୁ ସର୍ବୋଚ୍ଚ ସ୍ଥାନରେ ରଖେ, ସେହି ରାଷ୍ଟ୍ରର ଗଣତନ୍ତ୍ର ଦୀର୍ଘଜୀବୀ ହୁଏ। ବ୍ୟକ୍ତିର ଲୋକପ୍ରିୟତା କ୍ଷଣସ୍ଥାୟୀ, କିନ୍ତୁ ଶକ୍ତିଶାଳୀ ଅନୁଷ୍ଠାନ ହିଁ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ଥାୟୀ ସମ୍ପଦ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ପରିବା ଚାଷୀଙ୍କ ଦୁଃଖ

**ଅମର ପଟ୍ଟନାୟକ**

ଏବେ ପରିବା ବଜାରରେ ନିଆଁ। ସପ୍ତାହକରେ ବିଭିନ୍ନ ପରିବା ଦର ପ୍ରାୟ ଦୁଇଗୁଣା ବଢ଼ିଛି। ବାଇଗଣ, ଜହ୍ନି, ଝୁଡ଼ୁଙ୍ଗ, କଲରା ଭଳି ପରିବା ୮୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ତେବେ 'ଗଛରେ ବେଲ ପାଚିଲେ କାଉର କି ଯାଏ' ନ୍ୟାୟରେ ଏହି ଦରବୃଦ୍ଧିର ଲାଭ ଆମ ରାଜ୍ୟର ଚାଷୀ ପାଇପାରୁନାହାନ୍ତି। ଅସ୍ୱାଭାବିକ ମୌସୁମୀ ବର୍ଷା ଯୋଗୁଁ ରାଜ୍ୟର ଉତ୍ତର ଓ ଉପକୂଳ ନଦୀମାନଙ୍କରେ ବନ୍ୟା ଆସିବା ସହିତ ଅନେକ ସ୍ଥାନ ଜଳବନ୍ଦୀରେ ରହିଛି। ତେଣୁ ପରିବା ଚାଷ ଗୁରୁତର ପ୍ରଭାବିତ ହୋଇଛି। କିନ୍ତୁ ଏହା କେବଳ ସାମୟିକ ବା ସାମ୍ପ୍ରତିକ ସମସ୍ୟା ନୁହେଁ। ଓଡ଼ିଶାର ଚାଷୀ ପ୍ରାୟତଃ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଅମଳ ସମୟରେ ପରିବା ଦର କମ୍ ରହୁଥିବାରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ତିରୋଟ ସମୟରେ ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆମଦାନୀ କରୁଥିବା ବେଳେ ଆମ ଚାଷୀଙ୍କ ଜମିରେ ପରିବା ରହୁନାହିଁ। ଏହି ସ୍ଥିତିରେ ଆନ୍ଧ୍ର, ମହାରାଷ୍ଟ୍ର, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି ରାଜ୍ୟର ବ୍ୟବସାୟୀ ଲାଭବାନ ହେଉଛନ୍ତି।

ଓଡ଼ିଶା ସରକାରଙ୍କ 'କୃଷକ ଓଡ଼ିଶା ପୋର୍ଟାଲ'ର ତଥ୍ୟ ଅନୁଯାୟୀ ରାଜ୍ୟରେ ୭୮ ଲକ୍ଷ ୭୮ ହଜାର ପଞ୍ଜିକୃତ ଚାଷୀ ରହିଛନ୍ତି। କିନ୍ତୁ ଅଣପଞ୍ଜିକୃତ ଚାଷୀଙ୍କ ହିସାବ ଏଥିରେ ନାହିଁ। ବେସରକାରୀ ଭାବେ ଏହି ସଂଖ୍ୟା କୋଟିଏରୁ ଅଧିକ। ମୋଟ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୯୩ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନେ ସରକାରୀ ସୁବିଧାରୁ ବଞ୍ଚିତ। ସେ ଦୃଷ୍ଟିରୁ ଦେଖିଲେ ରାଜ୍ୟରେ ପରିବା ଚାଷ ଉପରେ ନିର୍ଭର କରୁଥିବା ଚାଷୀଙ୍କ ସଂଖ୍ୟା ଆନୁମାନିକ ୬୦-୭୦ ଲକ୍ଷ ଏବଂ ରାଜ୍ୟରେ ପରିବା ଚାଷ ହେଉଥିବା ଜମିର ପରିମାଣ ପ୍ରାୟ ୭ ଲକ୍ଷ ୯ ହଜାର ହେକ୍ଟର। ବିଡ଼ମ୍ବନା ହେଉଛି ଯେତେବେଳେ ବିଲାତି ବାଇଗଣ ଭଳି ପରିବା ଦର ବଢ଼େ ସେତେବେଳେ ବେଙ୍ଗାଲୁରୁ କିମ୍ବା ନାସିକ ଭଳି ଅଞ୍ଚଳର ଫାର୍ମ ଉତ୍ପାଦନ ଅଧିକ ଦାମରେ ଆମ ବଜାରରେ ମିଳେ। କିନ୍ତୁ ଆମ ଚାଷୀ ବିଲାତି ବାଇଗଣ ଉତ୍ପାଦନ କଲା ବେଳେ ଅଭାବୀ ବିକ୍ରିର ସାମ୍ନା କରନ୍ତି କିମ୍ବା କ୍ଷୋଭରେ ନିଜ ଫସଲ ଉପରେ ଟ୍ରାକ୍ଟର ଚଳାଇ ଦିଅନ୍ତି। ସେତେବେଳେ ସଂପୃକ୍ତ ଚାଷୀଙ୍କୁ ସେମାନଙ୍କ ତୋଳା ମଜୁରୀ ମଧ୍ୟ ମିଳିପାରେ ନାହିଁ।

ଆଜିର ବଜାର ଦର ଆମ ରାଜ୍ୟର ପରିବା ଚାଷୀଙ୍କୁ ଲାଭ ଦେବା ପରିବର୍ତ୍ତେ ଚିନ୍ତାରେ ପକାଇଛି। ବିଲରେ ଫସଲ ନାହିଁ, ଏଣେ ଚଢ଼ା ଦରରେ ପରିବା କିଣିବାକୁ ପକେଟରେ ପଇସା ନାହିଁ। ଏହି ପରିସ୍ଥିତିରେ ପ୍ରଚୁର ଲାଭବାନ ହେଉଛନ୍ତି ବ୍ୟବସାୟୀ ବା ମଧ୍ୟସ୍ଥି ଗୋଷ୍ଠୀ। ଆମଦାନୀ ପରିବା ହେଉ କିମ୍ବା ଘରୋଇ, ସେଥିରେ ସେମାନଙ୍କ ବିଶେଷ କିଛି ଫରକ ନାହିଁ। ପରିବହନ ଖର୍ଚ୍ଚ ଯିବା ପରେ ଯାହା ପାଇକାରୀ ଦର ସ୍ଥିର ହୁଏ ସେ ଅନୁଯାୟୀ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରାଯାଏ। ଖୁଚୁରା ପାଇକାରୀ ବ୍ୟବସାୟୀ ସାଧାରଣ ଗ୍ରାହକଙ୍କୁ ନିଜର ଲାଭ ରଖି ବିକ୍ରି କରିଥା'ନ୍ତି। ଏହି ବ୍ୟବସ୍ଥାରେ ନା ଚାଷୀ ଲାଭ ପାଏ ନା ଖାଉଟି କିଛି ସୁବିଧା ପାଏ। ମାତ୍ର ୧୫ ଦିନ ତଳେ ପୋଟଳ ଖାଉଟିଙ୍କ ପାଖରେ ୪୦ ଟଙ୍କାରୁ କମ୍ ଦାମ୍‌ରେ ମିଳୁଥିବା ବେଳେ ବର୍ତ୍ତମାନ ସ୍ଥାନବିଶେଷରେ ୬୦ ଟଙ୍କାରୁ ୮୦ ଟଙ୍କା ବିକ୍ରି ହେଉଛି। ପୋଟଳ ପାଇଁ ଏବେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଉପରେ ନିର୍ଭର କରିବାକୁ ପଡୁଛି, ଯାହାକୁ ଲୋକେ ଚାଲାଣ ପୋଟଳ କହୁଛନ୍ତି। ଓଡ଼ିଶା ଖାଉଟି ଏହା ଖାଇବାକୁ ବାଧ୍ୟ।

ଆମ ରାଜ୍ୟରେ ପରିବା ଚାଷ କ୍ଷେତ୍ରରେ ଜଳସେଚନ ପ୍ରମୁଖ ସମସ୍ୟା। ଅଣଜଳସେଚିତ ଅଞ୍ଚଳରେ ଲୋକେ ପମ୍ପ ଲଗାଇ ନିକଟସ୍ଥ ଜଳ ଉତ୍ସରୁ କ୍ଷେତକୁ ପାଣି ମଡ଼ାଇଥା'ନ୍ତି। ଓଡ଼ିଶାରେ ଏଭଳି ଅଞ୍ଚଳ ମଧ୍ୟ ରହିଛି ଯେଉଁଠାରେ ଚାଷୀ ଟେଣ୍ଡା ଏପରିକି ପାଣି ଗରା କିମ୍ବା ବାଲ୍ଟିରେ ବୋହି ଜମିରେ ପାଣି ମଡ଼ାଇବାକୁ ବାଧ୍ୟ ହୁଅନ୍ତି। ଅନେକ ଆଦିବାସୀ ଅଞ୍ଚଳରେ ଝରଣା ପାଣି ପରିବା ଚାଷ ପାଇଁ ଜଳସେଚନର ମୁଖ୍ୟ ମାଧ୍ୟମ। ଉପକୂଳ ଜିଲ୍ଲାମାନଙ୍କରେ ବର୍ଷା ଯୋଗୁଁ ପନିପରିବା ଉତ୍ପାଦନ ବାଧାପ୍ରାପ୍ତ ହେଲେ ବରଗଡ଼, ବଲାଙ୍ଗୀର ଓ କୋରାପୁଟ ଭଳି ଜିଲ୍ଲାରୁ ପରିବା ଆସିଥାଏ। ରାଜଧାନୀ ଭୁବନେଶ୍ୱର ଓ କଟକର ବର୍ଷାଦିନିଆ ପରିବା ବଜାର ମୁଖ୍ୟତଃ ଆଠଗଡ଼ ଉପରେ ନିର୍ଭରଶୀଳ। ଜହ୍ନି, କଲରା, କାକୁଡି, ଝୁଡ଼ଙ୍ଗ, ବାଇଗଣ ଓ ଭେଣ୍ଡି ଆଠଗଡ଼ରୁ ଆସେ। ତେବେ ଚଳିତ ଥରର ଲଘୁଚାପ, ମୌସୁମୀ ବର୍ଷା ଓ ପରେ ପରେ ବନ୍ୟା ସ୍ଥିତି ସେଠାକାର ପରିବା ଉତ୍ପାଦନକୁ ପ୍ରଭାବିତ କରିଛି। ତେଣୁ ଦର ଉଚ୍ଚା ରହିଛି।

ଏହାଛଡ଼ା ବର୍ଷ ତମାମ ସାରାରାଜ୍ୟରେ ପରିବା ଚାଷୀଙ୍କ ପାଇଁ ମୁଖ୍ୟ ସମସ୍ୟା ହେଉଛି ଉପଯୁକ୍ତ ବଜାର। ପ୍ରାୟ ଗ୍ରାମାଞ୍ଚଳରେ ପରିବା ଚାଷ ହେଉଥିବା ବେଳେ ସେଠାକାର ଚାଷୀ ପାଇକାରୀ ବଜାର କିମ୍ବା ମଣ୍ଡିର ସୁବିଧା ପାଇନଥା'ନ୍ତି। ଆମ ରାଜ୍ୟ ସରକାରଙ୍କ ଆରଏମ୍‌ସିଏସ୍ ବିଭିନ୍ନ ହାଟ ବଜାରରୁ ମାହାସୁଲ ଆଦାୟ କରେ ଏବଂ କିଛି କିଛି ଭିତ୍ତିଭୂମି ନିର୍ମାଣ କରେ। କିନ୍ତୁ ଆନ୍ଧ୍ରପ୍ରଦେଶ ଓ ତେଲାଙ୍ଗାନା ଢାଞ୍ଚାରେ ପନିପରିବା ଓ ଫଳ ବିପଣନ ସୁଗମ ବ୍ୟବସ୍ଥା ଆମ ରାଜ୍ୟରେ ନାହିଁ। ଉଦାହରଣ ସ୍ୱରୂପ ବିଶାଖାପାଟଣା ମଣ୍ଡଳରେ କଞ୍ଚା ଆମ୍ବ କିମ୍ବା ବିଲାତି ବାଇଗଣ ଉତ୍ପାଦନ ଅଧିକ ହୋଇ ଦର କମିଯାଏ। ସ୍ଥାନୀୟ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ପୂର୍ବରୁ ଚାଷୀଙ୍କଠାରୁ ଉପଯୁକ୍ତ ମୂଲ୍ୟରେ କିଣି ସେଠାକାର ରୟତ ବଜାର ବ୍ୟବସ୍ଥାରେ ବଜାର ଦର ଠିକ ଥିବା ହାଇଦ୍ରାବାଦ ଭଳି କିଛି ସହରକୁ ସେହି ପରିବା କିମ୍ବା ଫଳକୁ ଚାଲାଣ କରାଯାଏ। ଏଭଳି ବ୍ୟବସ୍ଥିତ ବିପଣନ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଆମ ରାଜ୍ୟରେ ହୋଇପାରିନାହିଁ। ଫଳରେ ଆମ ଚାଷୀ ଋତୁକାଳୀନ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଆସୁଛନ୍ତି।

ଗୁଜୁରାଟ, ତାମିଲନାଡୁ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ରାଜ୍ୟରେ ଫଳ ଓ ପନିପରିବାର ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଉଛି। ଫଳରେ ଜୁସ୍, ଆଚାର, ସସ୍, ଜାମ୍, ଜେଲି ଓ ଚିପ୍ସ ଭଳି ବଜାର ଚାହିଦା ଥିବା ସାମଗ୍ରୀ ସେମାନେ ଉତ୍ପାଦନ କରୁଛନ୍ତି ଏବଂ ସେଠାକାର ଚାଷୀ ଅପେକ୍ଷାକୃତ ଭଲ ମୂଲ୍ୟ ପାଇପାରୁଛନ୍ତି। ସେମାନେ ପ୍ରାୟତଃ ଆମ ରାଜ୍ୟ ଭଳି ଅଭାବୀ ବିକ୍ରିର ସମ୍ମୁଖୀନ ହେଉନାହାନ୍ତି। ଆମ ମାଟିରେ ଆଳୁ, ପିଆଜ ଭଲ ଉତ୍ପାଦନ ହେଉଥିଲେ ମଧ୍ୟ ଉପଯୁକ୍ତ ସଂରକ୍ଷଣ ଭିତ୍ତିଭୂମିର ଅଭାବ ଯୋଗୁଁ ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିଭଳି କଦଳୀ ଉତ୍ପାଦନ ପାଇଁ ଆମ ମାଟି ଓ ଜଳବାୟୁ ଅନୁକୂଳ। କିନ୍ତୁ ଆମ ବଜାରରେ ଆନ୍ଧ୍ର ଓ ମହାରାଷ୍ଟ୍ର କଦଳୀର ଆଧିପତ୍ୟ ଜାରି ରହିଛି। ତେଣୁ କେଉଁଠି ତ୍ରୁଟି ରହୁଛି ଦେଖିବାର ସମୟ ଆସିଛି।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠାକାର ବ୍ୟବସ୍ଥା କୃଷି ଓ କୃଷକ ଅନୁକୂଳ ହେବା ନିହାତି ଜରୁରୀ। ଆନୁସଙ୍ଗିକ ଭିତ୍ତିଭୂମି ଏବଂ ଆବଶ୍ୟକ ବଜାର ବ୍ୟବସ୍ଥା କଲେ ଅଧିକରୁ ଅଧିକ କର୍ମନିଯୁକ୍ତି ସହିତ ସାଧାରଣ ଲୋକଙ୍କ ଅର୍ଥନୀତି ସୁଦୃଢ଼ ହୋଇପାରନ୍ତା।

(ଭଣ୍ଡାରିଡିହା, କେନ୍ଦୁଝର,
ମୋ:୭୯୭୮୫୨୮୧୪୫)

## ରାଜା ଗାଲ ମାଧବ

### ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଗତ ଅଧ୍ୟାୟରେ ଆମେ ଶ୍ରୀମନ୍ଦିର ପ୍ରତିଷ୍ଠା ପାଇଁ ଇନ୍ଦ୍ରଦ୍ୟୁମ୍ନଙ୍କ ବ୍ରହ୍ମଲୋକ ଗମନ ଏବଂ ପ୍ରତ୍ୟାବର୍ତ୍ତନ ବୃତ୍ତାନ୍ତ ବିଷୟରେ ପଢ଼ିଥିଲେ। ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଲୋକରେ ବେଦବର ବ୍ରହ୍ମାଙ୍କ ସାକ୍ଷାତ ଅପେକ୍ଷାରେ ଥିବା ବେଳେ ମର୍ତ୍ତ୍ୟରେ ହଜାର ହଜାର ବର୍ଷ ବିତି ଯାଇଥିଲା। ସେହି କାଳଖଣ୍ଡରେ ଉତ୍କଳରେ ଗାଲମାଧବ ନାମକ ଜଣେ ରାଜା ରାଜୁତି କରୁଥିଲେ। ସେ ଥରେ ଘୋଡ଼ା ଚଢ଼ି ଶିକାର କରିବା ପାଇଁ ଯାଉଥିବା ବେଳେ ନୀଳାଚଳ ପାଦଦେଶର ବାଲୁକା ପରିପୂର୍ଣ୍ଣ କ୍ଷେତ୍ରରେ ଘୋଡ଼ାର ଖୁରା ପୋତି ହୋଇଥିବା ମନ୍ଦିରର ନୀଳଚକ୍ରରେ ବାଜିଲା। ରାଜା ଘୋଡ଼ାରୁ ଓହ୍ଲେଇ ନୀଳଚକ୍ରକୁ ଦେଖି ବାଲି କାଢ଼ି ଦେଉଳକୁ ଉଦ୍ଧାର କଲେ। ରାଜା ଭାବିଲେ ଯେ ତାଙ୍କର ପୂର୍ବପୁରୁଷମାନେ ଏ ମନ୍ଦିର ନିର୍ମାଣ କରିଥିଲେ। ଏହାପରେ ରାଜା ଦେବତା ପ୍ରତିଷ୍ଠା ପାଇଁ ଆୟୋଜନରେ ଲାଗିପଡ଼ିଲେ।

ତେଣେ ବ୍ରହ୍ମାଙ୍କର ତର୍ପଣ ସରିବା ପରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ସାକ୍ଷାତ ଦେଇ କହିଲେ, 'ତୁମେ ମୋ ପାଇଁ ଅପେକ୍ଷା କରିଥିବା ବେଳେ ଗାଲମାଧବ ନାମକ ଜଣେ ରାଜା ଉତ୍କଳରେ ଶାସନ କରୁଛନ୍ତି। ସେ ମନ୍ଦିରକୁ ନିଜ ଅଧିକାରକୁ ନେଇ ସାରିଛନ୍ତି। ତେଣୁ ମନ୍ଦିରର ମାଲିକାନା ସ୍ୱତ୍ତ୍ୱ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ମୁଁ ତା'ର ପ୍ରତିଷ୍ଠା କରିପାରିବି ନାହିଁ।' ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ଗାଲ ମାଧବଙ୍କ ପାଖକୁ ଯାଇ ମନ୍ଦିର ସେ ନିର୍ମାଣ କରିଥିବା କଥା କହିଲେ। କିନ୍ତୁ ଗାଲ ମାଧବ ରାଜି ହେଲେ ନାହିଁ। ଦୁହିଁଙ୍କ ଭିତରେ ମନ୍ଦିରର ମାଲିକାନାକୁ ନେଇ ବିବାଦ ତୀବ୍ର ହେବାରୁ ବ୍ରହ୍ମା ସେଠାରେ ପହଞ୍ଚି ମନ୍ଦିର ନିର୍ମାଣ ବେଳର କେହି ସାକ୍ଷୀ ଅଛନ୍ତି କି ବୋଲି ଗାଲ ମାଧବଙ୍କୁ ପଚାରିଲେ। ମନ୍ଦିର ନିର୍ମାଣର ସାକ୍ଷୀ ଆବଶ୍ୟକ ନାହିଁ ବୋଲି ଗାଲ ମାଧବ କହିଲେ। ଅପରପକ୍ଷରେ ରାଜା ଇନ୍ଦ୍ରଦ୍ୟୁମ୍ନ ନିଜ ସପକ୍ଷରେ ସାକ୍ଷୀ ଦେବା ପାଇଁ ସମ୍ମତ ହେଲେ।

ଏହାପରେ ବ୍ରହ୍ମା ଓ ଗାଲ ମାଧବଙ୍କୁ ସାଙ୍ଗରେ ନେଇ ଇନ୍ଦ୍ରଦ୍ୟୁମ୍ନ କଳ୍ପବଟ ପାଖରେ ପହଞ୍ଚିଲେ। ସେ ଗଛର ଡାଳରେ ଭୂଷଣ୍ଡ କାକ ବସିଥିଲେ। ସେହି କାକ ତାଙ୍କର ସାକ୍ଷୀ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନ କହିବାରୁ ବ୍ରହ୍ମା କାକକୁ ସେ ବିଷୟରେ ପଚାରିଲେ। ଭୂଷଣ୍ଡ କାକ ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରିଥିବା କହିଲେ। କିନ୍ତୁ ଗାଲ ମାଧବ ତାହା ମାନିବାକୁ ପ୍ରସ୍ତୁତ ନ ଥିଲେ। ଏହାପରେ ଇନ୍ଦ୍ରଦ୍ୟୁମ୍ନ ଉଭୟଙ୍କୁ ନେଇ ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ପହଞ୍ଚିଲେ। ପୋଖରୀରେ ବାସ କରୁଥିବା କଇଁଛମାନେ ତାଙ୍କ ଦେଉଳ ନିର୍ମାଣର ସାକ୍ଷୀ ବୋଲି ସେ ବ୍ରହ୍ମାଙ୍କୁ କହୁ କହୁ କଇଁଛମାନେ ପାଣି ଭିତରେ ଲୁଚିବାକୁ ଚାଲିଗଲେ। ଏହା ଦେଖି ଇନ୍ଦ୍ରଦ୍ୟୁମ୍ନ କହିଲେ-

- 'ବ୍ରହ୍ମା ଡାକନ୍ତି କୁର୍ମେ ହୋ ପଳାଅ କାହିଁ କି?, ସାକ୍ଷୀ ତୁମ୍ଭେ ଅଟ ଆମ୍ଭେ ଆସିଛୁ ତହିଁକି।'

ବ୍ରହ୍ମାଙ୍କୁ ଦେଖି କଇଁଛମାନେ ଆଶ୍ୱସ୍ତ ହୋଇ କହିଲେ, 'ରାଜା ଇନ୍ଦ୍ରଦ୍ୟୁମ୍ନ ସେମାନଙ୍କୁ ମନ୍ଦିର ନିର୍ମାଣ ପାଇଁ ପଥର ବୋହିବା କାମରେ ନିଯୁକ୍ତି ଦେଇଥିଲେ। ଏହି କଷ୍ଟକର କାମରେ ସେମାନଙ୍କ ଅନେକ ବଂଶଧର ନିପାତ ହୋଇଥିଲେ। ଆହୁରି ଅନେକଙ୍କ ଶାରୀରିକ ପୀଡ଼ା ଏ ପର୍ଯ୍ୟନ୍ତ ରହିଛି। ତେଣୁ ସେମାନେ ରାଜାଙ୍କୁ ଦେଖି ଲୁଚି ଯାଇଥିଲେ।'

'ବ୍ରହ୍ମା ବୋଇଲେ ଦେଉଳ ଅଟଇ କାହାର,
କୁର୍ମେ ବୋଇଲେ ଦେଉଳ ଇନ୍ଦ୍ରଦ୍ୟୁମନର / ଦେଉଳ ଗଢ଼ାକୁ ଆମ୍ଭେ ବୋହିଛୁ ପଥର, ସ୍ୱରୂପ କହିଲୁ ଆମ୍ଭେ ଶୁଣ ବେଦବର / ଦେଉଳ ତୋଳିଣ ରାଜା ତୋତେ ଆଣିଗଲା, ଗାଲ ମାଧବ ଯେ ତହିଁ ବାଲି କଢ଼ାଇଲା।

'ଦେଉଳ ନିର୍ମାଣ କିଏ କରିଥିଲା' ଆଉ ତାହାର ପ୍ରମାଣ ଆବଶ୍ୟକ ନଥିଲା। ଶେଷରେ ଗାଲମାଧବ ସତ୍ୟ ସ୍ୱୀକାର କଲେ। ବ୍ରହ୍ମା ଅସନ୍ତୋଷ ପ୍ରକାଶ କରି ଗାଲ ମାଧବଙ୍କୁ କଳିଯୁଗରେ ଅପୂଜା ରହିବା ପାଇଁ ଅଭିଶାପ ଦେଲେ। ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମାଙ୍କୁ ନିବେଦନ କଲେ।

ବ୍ରହ୍ମା କହିଲେ, 'ରାଜା ହୋଇଲୁ କି ବାଇ, କ୍ଷେତ୍ରପାଳ ପ୍ରତିଷ୍ଠାକୁ ମୋର କ୍ଷମ ନାହିଁ। କ୍ଷେତ୍ରମାନଙ୍କରେ ବର ଶ୍ରୀପୁରୁଷୋତ୍ତମ, ଏହା ପ୍ରତିଷ୍ଠା କରିବା କାହାର ଯେ କ୍ଷମ।' ଏହା ଶୁଣି ରାଜା ବ୍ରହ୍ମାଙ୍କୁ ସବିନୟ ବାରମ୍ବାର ନିବେଦନ କରିବାରୁ ବେଦବର କହିଲେ-'ବ୍ରହ୍ମା ବୋଇଲେ ରାଜା ଏ କଥା ଏମନ୍ତ, ମୂର୍ତ୍ତିମନ୍ତ ହୋଇଣ ବସିବେ ଜଗନ୍ନାଥ। ଦେଉଳର ପ୍ରତିଷ୍ଠାକୁ ମୋର କ୍ଷମ ନାହିଁ, ଏହା କଥାରେ ପ୍ରତିଷ୍ଠା କରିବଇଁ ମୁହିଁ। ଚକ୍ରର ଉପରେ ମୁହିଁ ବାନ୍ଧିଗଲେ ନେତ, ଦୂରୁ ଦେଖି ଲୋକମାନେ ହୋଇବେ ମୁକତ।'

(ଆଧାର- କୃଷ୍ଣ ଦାସଙ୍କ 'ଦେଉଳ ତୋଳା')

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ଅନିୟମିତତା

# ଅଗଷ୍ଟ ୧୧ରେ ବିଧାୟକଙ୍କୁ ଶେଷ ସୁଯୋଗ

କଟକ,୪।୮(ସମିସ): ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାରେ ବିଧାୟକ କେ. ଅନିଲ କୁମାରଙ୍କୁ ଜେରା ପାଇଁ ହାଜର ହେବାକୁ ହାଇକୋର୍ଟ ଶେଷ ସୁଯୋଗ ପ୍ରଦାନ କରିଛନ୍ତି। ଜେରା ପାଇଁ ଆସନ୍ତା ଅଗଷ୍ଟ ୧୧ ତାରିଖରେ କୋର୍ଟରେ ବିଧାୟକ କୌଣସି କାରଣରୁ ଅନୁପସ୍ଥିତ ରହନ୍ତି, ତେବେ ତାଙ୍କ ସାକ୍ଷ୍ୟକୁ କୋର୍ଟ ନଥିରୁ ବାଦ୍ ଦିଆଯିବ ବୋଲି କହିଛନ୍ତି ହାଇକୋର୍ଟ। ମନୋଜ କୁମାର ପଣ୍ଡାଙ୍କ ତରଫରୁ ଦାୟର ହୋଇଥିବା ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ବିଧାୟକଙ୍କୁ ଜେରା ପ୍ରକ୍ରିୟା ଆରମ୍ଭ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ମାତ୍ର ବିଧାୟକଙ୍କ ପକ୍ଷରୁ ଗୋଟିଏ ସପ୍ତାହର ସମୟ ଲୋଡି ଏକ ଅନ୍ତରୀଣ ଆବେଦନ ଦାଖଲ କରାଯାଇଥିଲା। ଆବେଦନରେ ଦର୍ଶାଯାଇଥିଲା ଯେ ବ୍ରହ୍ମପୁରରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ସ୍ଥାନୀୟ ବିଧାୟକ ଭାବେ ସେ ସେଠାରେ ଉପସ୍ଥିତ ରହିବା ଆବଶ୍ୟକ, ଯେଉଁଥିପାଇଁ ସେ ଆଜି କୋର୍ଟରେ ହାଜର ହୋଇପାରିନାହାନ୍ତି। ଅପରପକ୍ଷରେ, ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ଏହି ଆବେଦନକୁ ଦୃଢ଼ ବିରୋଧ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ବିଧାୟକ ଇଚ୍ଛାକୃତ ଭାବେ କୋର୍ଟରେ ହାଜର ହେବାରୁ ଓହରି ଯାଉଛନ୍ତି, ଯେତେବେଳେ କି ସେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ଆଜି ମଧ୍ୟ ସେ ବ୍ରହ୍ମପୁରଠାରେ ଏକ ଆଧାର କେନ୍ଦ୍ରର ଉଦଘାଟନ କରିଛନ୍ତି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଆବେଦନକୁ ଗ୍ରହଣ କରିଥିଲେ ସୁଦ୍ଧା ଆଉ କୌଣସି ପରିସ୍ଥିତିରେ ବିଧାୟକଙ୍କୁ ଅଧିକ ସମୟ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

## ପୁରୁଣା ନିୟମରେ ପେନ୍‌ସନ୍‌ର ହକ୍‌ଦାର ଅସ୍ଥାୟୀ କର୍ମଚାରୀ

# ରାଜ୍ୟ ସରକାରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୪।୮(ସମିସ): ୨୦୦୫ ପେନସନ ନିୟମ ସଂଶୋଧନ ପୂର୍ବରୁ କାର୍ଯ୍ୟରତ ଅସ୍ଥାୟୀ (ଏନଏମଆର) କର୍ମଚାରୀଙ୍କ ପାଇଁ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୫ ପୂର୍ବରୁ ନିଯୁକ୍ତି ପାଇ ପରବର୍ତ୍ତୀ ସମୟରେ ନିୟମିତ ହୋଇଥିବା କର୍ମଚାରୀମାନେ ୧୯୯୨ର ପୁରୁଣା ପେନସନ ନିୟମ ଅଧୀନରେ ପେନସନ ପାଇବାକୁ ହକ୍‌ଦାର ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର କରାଯାଇଥିବା ରିଟ୍ ଅପିଲ୍‌କୁ ହାଇକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଏଥିସହ ପ୍ରତିପକ୍ଷ ରବୀନ୍ଦ୍ର କୁମାର ଜେନାଙ୍କୁ ୧୯୯୨ ପେନସନ ନିୟମ ଅନୁସାରେ ସମସ୍ତ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାକୁ ଆସନ୍ତା ୮ ସପ୍ତାହ ମଧ୍ୟରେ ଶେଷ କରି ଭୁବନେଶ୍ୱରର ଆରଆଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ନିଷ୍ପତ୍ତି ହୋଇସାରିଥିବା ସତ୍ତ୍ୱେ ସରକାରୀ ଅଧିକାରୀମାନେ କର୍ମଚାରୀଙ୍କୁ ଅନାବଶ୍ୟକ ଆଇନଗତ ଲଢେଇ ଭିତରକୁ ଠେଲି ଦେଉଛନ୍ତି, ଯାହାକି ଆଶ୍ଚର୍ଯ୍ୟଜନକ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ସମ୍ବଲପୁର ଜିଇଡି ଅଧୀନରେ ୧୯୮୧ ନଭେମ୍ବର ୧୩ରୁ ଏନ୍‌ଏମ୍‌ଆର୍ ୱାୟାରମ୍ୟାନ୍ ଭାବେ ନିଯୁକ୍ତି ପାଇଥିଲେ ପ୍ରତିପକ୍ଷ ରବୀନ୍ଦ୍ର କୁମାର ଜେନା। ଦୀର୍ଘ ଦିନର ସେବା ପରେ ୨୦୦୯ ଅକ୍ଟୋବର ୩୧ରେ ତାଙ୍କ ଚାକିରି ନିୟମିତ ହୋଇଥିଲା ଏବଂ ୩୯ ବର୍ଷର ନିରବଚ୍ଛିନ୍ନ ସେବା ପରେ ୨୦୨୧ ଜୁନ ୩୦ରେ ସେ ଅବସର ଗ୍ରହଣ କରିଥିଲେ। ଅବସର ପରେ ପେନସନ ସୁବିଧା ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ଡିସେମ୍ବର ୭ରେ ଜଣିକିଆ ବିଚାରପତି ତାଙ୍କ ସପକ୍ଷରେ ରାୟ ଦେଇ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

କ୍ରମିକ ନଂ. ୧: • ଟେଣ୍ଡର ନଂ.: E-IND-WLII-2026-A-RT • କାର୍ଯ୍ୟର ନାମ ଓ ସ୍ଥାନ: ଅଣ୍ଡରସ୍ଲଙ୍ଗ ଏବଂ ଓଭରହେଡ୍ ପାଣି ଟାଙ୍କି ଥିବା କୋଚ୍‌ଗୁଡ଼ିକ ପାଇଁ ଜଳସ୍ତର ସୂଚକ ବ୍ୟବସ୍ଥା। • କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ. ୫,୧୪,୭୨,୫୦୬.୬୦/- • ଜମା କରିବାକୁ ଥିବା ଅମାନତ ରାଶି (E M D): ଟ. ୧୦,୨୯,୫୦୦/- • କାର୍ଯ୍ୟ ସମାପ୍ତି ଅବଧି: ସ୍ୱୀକୃତି ପତ୍ର (LOA) ଜାରି ତାରିଖଠାରୁ ୦୧ ବର୍ଷ। • ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟର ଠିକଣା: ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟ, ପଶ୍ଚିମ ରେଳବାଇ, ରତଲାମ ଡିଭିଜନ। • ଦାଖଲର ତାରିଖ ଓ ସମୟ: ୨୭.୦୮.୨୦୨୬ ଅପରାହ୍ନ ୧୫:୦୦ ଘଣ୍ଟା। • ୱେବସାଇଟ୍ ବିବରଣୀ ଓ ନୋଟିସ୍ ବୋର୍ଡ ସ୍ଥାନ: ଟେଣ୍ଡର ଦସ୍ତାବିଜଗୁଡ଼ିକ IREPS ୱେବସାଇଟ୍ (www.ireps.gov.in) ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ। ଟେଣ୍ଡରଦାତାଙ୍କୁ ଆବଶ୍ୟକ ଅନ୍ୟ କୌଣସି ସୂଚନା କାର୍ଯ୍ୟ ସମୟ ମଧ୍ୟରେ ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରିପାରିବେ। V/0186

Like us on: facebook.com/WesternRly


**AFFIDAVIT**

I, Jagadish Prasad Agarwalla(48), S/o-Late Prabhu Dayal Agarwal, resident of At-Purnachandrapur, Ward No-26, Grand Road, Po/Ps-Bhanjpur, Dist-Myurbhanj, Pin No-757002, Odisha, declared by this affidavit No-80, dated 04-08-2026 that now onwards I shall be known as **JAGADISH AGARWAL** for all future purposes.

**JAGADISH AGARWAL**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1084, Dtd. 04.08.2026, I, JASOBANTA SAHU, Son of - Bhagaban Sahu, permanent resident of Village - Mentri, PO - Mentri, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from JASHABANTA SAHU to JASOBANTA SAHU. Henceforth, I shall be known as **JASOBANTA SAHU** for all purposes.

**Sd/- Jasobanta Sahu**

**AFFIDAVIT**

I, SACHI, aged about 19 years D/o- ARUN KUMAR TRIPATHI, Resident of AT/PO-BLOCK NO-7, FLAT NO-7-B, SPRINGVILLE HOMES, NEAR MANPUR OVERBRIDGE, DANAGADI, JAJPUR ROAD, JAJPUR, PIN-755026, declared by this Affidavit No.881/2026, Dated. 04.08.2026, That now onwards I shall Be Known as **SACHI TRIPATHI** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 803, Dated 27-07-2026, I, JAGANANTH BHATRA, S/o - Debo Bhatara, permanent resident of Village - Purniguda, PO - Sindhigaon, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Daughter from HABITS BHATARA to BABITA BHATRA. Henceforth, she shall be known as **BABITA BHATRA** for all purposes.

**Sd/- Jagananth Bhatra**

**AFFIDAVIT**

By virtue of an affidavit before the Executive Magistrate, Baramba Vide Affidavit No-3151/Dt. 5.6.2026 I, Jayanti Jena W/o Gurubari Jena of Vill/Po-Ratapata, Ps-Baramba, Dist-Cuttack declare that I have changed my minor son's name from ON JENA to OMM JENA. Henceforth he shall be known as **OMM JENA** for all propose.

**Jayanti Jena**

**AFFIDAVIT**

By virtue of an affidavit (CF No.01, date: 24/07/2026) sworn before the Executive Magistrate, Padampur. I, Abdul Rasul Khan, S/o Abdul Khan, permanent & current resident of At: Padampur, PO: Rajborasambar, PS: Padampur, Dist: Bargarh, State: Odisha, PIN: 768036 declare that I have changed my name from Abdur Rasul Khan (Old name)to Abdul Rasul Khan. Henceforth, I shall be known as **Abdul Rasul Khan** (new name) for all purposes.

**AFFIDAVIT**

I, SHAIK SABIR TULLAHA, aged about 43 years S/o-SHAIK RAJAQ TULLAHA, Resident of AT/PO-GOP, PATHANA MAHALA, PS-GOP, DIST-PURI, PIN-752110, ODISHA, declared by this Affidavit No.880/2026, Dated.03.08.2026, That now onwards I shall Be Known as **SEK SABIR TULLA** That for all future Purposes.

**AFFIDAVIT**

By virtue of an affidavit no 1015, dtd-01.08.2026 sworn before Executive Magistrate, Rairakhol, I, Kshirod Raul, resident of Village Ghosaramal, P.S. Rairakhol, Dist. Sambalpur, Odisha, hereby declare that my minor daughter's name has been changed from Santos I Roul to Santoshi Raul. Both names refer to one and the same person. Henceforth she shall be known as **Santoshi Raul** for all purposes.

**Kshirod Raul**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 813, dated 28-07-2026, I, SANJUKTA NAG, W/o - Sanjay Nag, permanent resident of Village - Khaliguda, PO - Patri, PS - Dabugam, Dist - Nabarangpur, Odisha, Pin - 764071, declare that I have changed the name of my Son from ABI NAG to SAYAN KUMAR NAG. Henceforth, he shall be known as **SAYAN KUMAR NAG** for all purposes.

**Sd/- Sanjukta Nag**

**AFFIDAVIT**

I, Amit Kumar Agrawla, S/o-Ramnibash Agrawal, R/o-Vill./Po./Ps.- Sohela, Dist.-Bargarh state vide affidavit no.4841 dtd.20.08.2013 that, in my voter id card no. FJB1295146 my name has been wrongly mentioned as Amita Kumar Agrawal, S/o-Rama Nibash Agrawala. My correct name is **Amit Kumar Agrawla**, S/o-Ramnibash Agrawal.

Sd/- Amit Kumar Agrawla

**AFFIDAVIT**

By virtue of an affidavit sworn before the Executive Magistrate, Bargarh vide affidavit no 465 dated 04.08.2026 I, Debajani Nayak, W/o- Ashish Kumbhar resident of At/Po-Chhuriapali, PS- Sohela, Dist - Bargarh, Pin -768033 declare that now onwards I shall be known as **Debajani Nayak** for all future purposes.

**ODISHA HYDRO POWER CORPORATION LTD.**

O/o Sr. GENERAL MANAGER, HIRAKUD HYDRO ELECTRIC PROJECT
ADMINISTRATIVE OFFICE BUILDING, NEAR BURLA POWER HOUSE,
BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2910721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

4001/239/2627

No. HHEP PUR-110, Vol-I / 5945 Date: 03.08.2026

**TENDER CALL NOTICE NO. HHEP-63/2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturer / authorized dealer or distributor/ reputed firms/ agency/ order suppliers only for supply of the following materials to HHEP, Burla as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|
| Supply of AC-DC/ DC converters to HHEP, Burla | Rs. 7080/- (Rs. 6000/- + GST@18%) | 17,100.00 |

- Sale of tender paper : 10.08.2026 (10.00AM) to 24.08.2026 upto 05:30 PM
- Receipt of tender paper : 25.08.2026 upto 03:30 PM
- Date & time of opening of tender : 25.08.2026 at 04:00 PM

Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpc.co.in

Sd/-
C & P Head, HHEP, Burla

OIPR-4001/4007/1/26-27/0021

**OFFICE OF THE SR. GENERAL MANAGER (ELECTRICAL)**
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: serge.uihep@ohpcltd.com

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & WC Building, Vanivihar Chhak, Janpath, Bholanagar, Bhubaneswar-751022,
Tel: 91-0674-2542983, 2542801, 2545286, Fax:2542802, E-Mail: mdce.corp@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

32001/643/2627

**'e'-Procurement Notice**

**NOTICE INVITING TENDER NO.UIHEP/16/2026-27 DATED.29.07.2026**

The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Fabrication of railing over parapet wall including aluminium partition room at roof top of Erectors Hostel of UIHEP, Mukhiguda. | 10,62,774/- (Excluding GST) | 10,630/- | 'D' & 'C' Class Contractor registered with State Govt./Central Govt. / MES / Railways. | 6,000/- + GST @18% = 7,080/- | Three (03) calendar months |

Availability of tender document in the portal: From 06.08.2026 (10:00 Hrs) to 17.08.2026 (up to 13:00 Hrs.)
Last date & time of submission of tenders in the portal: 17.08.2026 up to 13:00 Hrs.
The date & time of opening of the bid: 17.08.2026 at 16:30 Hrs (Only Technical Bid)
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal 'https://tendersodisha.gov.in'.

Unit Head
UIHEP, Mukhiguda

OIPR-32001/32136/1/26-27/0015

E-Mail:eonacbalimela@gmail.com

**OFFICE OF THE NOTIFIED AREA COUNCIL, BALIMELA**
Odisha, Pin-764051

**ନିବେଦନ**

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧ ॥ ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୨ ॥ କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ।
୦୩ ॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା:- ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪ ॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License ) ବିଜ୍ଞାପିତ ଅଞ୍ଚଳ, ବାଲିମେଳା ଠାରୁ ଗ୍ରହଣ କରିବା ନିତ୍ୟାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ।
୦୫ ॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।
୦୬ ॥ ପଲିଥିନ ବ୍ୟାଗ ବ୍ୟବହାର ଠାରୁ ଦୂରେଇ ରୁହନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା
ଅଧକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା

**OFFICE OF THE ROURKELA MUNICIPAL CORPORATION**
Uditnagar, Rourkela Dist.-Sundargarh (Odisha) Pin-769012
Website: www.rmc.myrourkela.in EmailId: rourkelamunicipality@gmail.com

No. 10424 Date: 04/08/26
13001/1413/2627

**TENDER CALL NOTICE**

Sealed tenders are invited from the reputed firms /Agencies for **"Overall Management of Table Tennis & Volley Ball/Lawn Tennis Court in side BPIS, Panposh on outsource Basis".**

Detail technical specifications, along with terms & conditions etc. may be seen from the Web site of Rourkela Municipal Corporation i.e. www.rmc.nic.in. Date of issue of tender documents from dtd.

The last date for receipt of sealed tender is 17.08.26 till 1:00 P.M. through Speed Post/ Regd. Post /Courier/ or by hand in the office address of the undersigned.

Commissioner
Rourkela Municipal Corporation

OIPR-13001/13131/1/26-27/0048

Phone No. (06854) 241159 / 232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 1907 / P&S / 2026-27 / Date 04/08/2026

**QUOTATION CALL NOTICE**

Sealed quotations are invited from the intending registered firm for procurement of Standard fire, Burglary, Cash and fidelity guarantee master insurance policy for LAMPCS/ MPCS affiliated to Koraput Central Cooperative Bank Ltd., Jeypore for a period of one year i.e., from Dt.11.08.2026 to 10.08.2027 (Mid-night).

The interested vendors /agencies are requested to submit their sealed quotations before the undersigned on or before Dt.07.08.2026 (3.30 P.M) latest as per following table and the same will be opened on the same date at 4.00 P.M in presence of the members or their authorized representatives.

(Rs. In Lakhs)

| Sl. No. | No. of LAMPCS/ MPCS | Content in Premises | Money in Premises | Money in Transit | Dishonesty of Employees of the LAMPCS/ MPCS | Total Coverage (Sum Assured) |
|---|---|---|---|---|---|---|
| 1 | 55 | 136.00 | 925.00 | 1355.00 | 140.00 | 2556.00 |

The quotation received incomplete or after the scheduled date shall be rejected and will not be entertained by the Bank. The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

Contact to Sri Jaya Pradeep Patnaik, P&S, KCC Bank Ltd., Head Office, Jeypore. Mobile No. : 97775 19964.

Secretary,
KCC Bank Ltd., Jeypore.

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨, ପଶ୍ଚିମ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍: ୦୬୭୪-୨୫୪୦୦୩୨, ଇ-ମେଲ: bhubaneswar-samd@iob.bank.in

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

4001/239/2627

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ(ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ର ନିୟମ ୯(୧) ବ୍ୟବସ୍ଥା ଅନ୍ତର୍ଗତ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର / ଅସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଗଠନାତ୍ମକ / ଭୌତିକ / ସାଙ୍କେତିକ ଦଖଲ ନିଆଯାଇଛି,ଯାହାକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ /ସୁରକ୍ଷିତ ଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ । ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **କଟକ ଶାଖା, ଫୋନ.: ୯୦୪୩୪୫୦୦୨୨ /** **ଋଣଗ୍ରହୀତା / ବନ୍ଧକଦାତା: ଶ୍ରୀ ସୁରେନ୍ଦ୍ର ସେନ,** ପିତା: କୈଳାସ ସେନ୍ / **ଗ୍ୟାରେଣ୍ଟିଦାତା: ଶ୍ରୀ ଉପେନ୍ଦ୍ର ସେନ,** ପିତା: କୈଳାସ ସେନ୍, ଉଭୟଙ୍କ ଠିକଣା ସା: ପ୍ଲଟ୍ ନଂ.: ୩୫୬/୩୭୪୬, ପୁରୁଣା ରାଉସପାଟଣା, ହରିପୁର, ଜିଲ୍ଲା: କଟକ, ଓଡ଼ିଶା - ୭୫୩୦୦୧ | **ଶ୍ରୀ ସୁରେନ୍ଦ୍ର ସେନଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୫୬/୩୭୪୬, ଖାତା ନଂ.: ୧୨୦୫/୮୮୩, କ୍ଷେତ୍ର: ଏକର ୦.୦୦୭୫ ଡିସିମିଲି ଏବଂ ପ୍ଲଟ୍ ନଂ.: ୩୫୬/୩୪୦୪, ଖାତା ନଂ.: ୧୨୦୫/୫୩୪, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୨୨୫ ଡିସିମିଲି,** ମୌଜା: ସାମନ୍ତସାହି, ୟୁନିଟ୍ ନଂ.: ୨୩, ଥାନା: ପୁରୀଘାଟ, ପୋ: ବକ୍ସି ବଜାର, ତହସିଲ: କଟକ, ଜିଲ୍ଲା: କଟକ, ଓଡ଼ିଶା - ୭୫୩୦୦୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ନାଗିନ୍ ସେନ୍, ପଶ୍ଚିମ: ସର୍ବସାଧାରଣ ଗଳି ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ଉପେନ୍ଦ୍ର ସେନ୍ | ୧୪.୦୭.୨୦୨୬ ସୁଦ୍ଧା ଟ.୧୬,୨୨,୩୧୭.୬୨ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୪୨,୭୭,୦୦୦/-<br>ଟ.୪,୨୭,୭୦୦/- |
| **ରସୁଲଗଡ ଶାଖା, ଫୋନ.: ୮୯୨୫୯୫୧୬୭୬/** **ଋଣଗ୍ରହୀତା: ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା,** ସ୍ୱାମୀ: ଶ୍ରୀ ବିଭୂତି ଭୂଷଣ ପ୍ରଧାନ, **ସ୍ଥାୟୀ ଠିକଣା:** ସା/ପୋ: ତାଳଜଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, **ଯୋଗାଯୋଗ ଠିକଣା- (କ)** ପ୍ଲଟ୍ ନଂ.: ୪୪୪/୨୮୬୧, ଫେଜ୍-୨, ଲିଙ୍ଗିପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୨୦୦୨, **(ଖ)** ପ୍ଲଟ୍ ନଂ.: ୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ୍-ଏ, **"ଶ୍ରେୟାସ୍ ଶ୍ରୀ ବାଲାଜୀ ସିଟି",** ମୌଜା: ବାଲିପଡା, ଥାନା: ପିପିଲି, ପୁରୀ - ୭୫୨୧୦୪ | **ଶ୍ରୀମତୀ ସନ୍ଧ୍ୟାରାଣୀ ଜେନାଙ୍କ** ନାମରେ ଥିବା ବାସୋପଯୋଗୀ ଫ୍ଲାଟର ସମସ୍ତ ଅଂଶବିଶେଷ ଯାହାର ସୁପର ବିଲ୍ଟ ଅପ୍ ଏରିଆ: ୯୨୫ ବର୍ଗଫୁଟ, ଫ୍ଲାଟ୍ ନଂ.: ୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ୍-ଏ, **"ଶ୍ରେୟାସ୍ ଶ୍ରୀ ବାଲାଜୀ ସିଟି",** ମୌଜା: ବାଲିପଡା, ଥାନା: ପିପିଲି, ପୁରୀ - ୭୫୨୧୦୪, ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୦୧୧, ଦକ୍ଷିଣ: ଖୋଲା ଡକ୍ ଏରିଆ, ପୂର୍ବ: ସର୍ବସାଧାରଣ କରିଡର, ପଶ୍ଚିମ: ଖୋଲା ଜମି / ରାସ୍ତା | ୧୮.୦୭.୨୦୨୬ ସୁଦ୍ଧା ଟ.୨୮,୬୧,୮୪୩.୧୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୨୨,୮୬,୦୦୦/-<br>ଟ.୨,୨୮,୬୦୦/- |
| **ବାଲେଶ୍ୱର ଶାଖା, ଫୋନ.: ୮୯୨୫୯୫୦୮୩୨ /** **ଋଣଗ୍ରହୀତା: ମେସର୍ସ ଶ୍ରୀ ଭଗବତୀ କ୍ରିଏସନ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦିଲ୍ଲିପ କୁମାର ଦାଶ,** ସା: ୫୭, ଭାସ୍କରଗଞ୍ଜ-ଏ, ଏଫ୍.ଏମ୍ ସର୍କଲ, ବାଲେଶ୍ୱର, ଓଡ଼ିଶା - ୭୫୬୦୦୧ / **ବନ୍ଧକଦାତା: ଶ୍ରୀ ଦିଲ୍ଲିପ କୁମାର ଦାଶ,** ପିତା: ଶ୍ରୀ ନିରଞ୍ଜନ ଦାଶ, ସା: ଦୁର୍ଗାପୁର, ପୋ: ନରସିଂହପୁର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ନିରଞ୍ଜନ ଦାଶ,** ସା: ଦୁର୍ଗାପୁର, ପୋ: ନରସିଂହପୁର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦ | **ଶ୍ରୀ ଦିଲ୍ଲିପ କୁମାର ଦାସଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୨୬/୧୬୩୯, ଖାତା ନଂ.: ୧୩୭, ଜମିର କ୍ଷେତ୍ର: ଏକର ୦.୧୮୦ ଡିସିମିଲି, ମୌଜା: ଦୁର୍ଗାପୁର, ପୋ: ନରସିଂହପୁର, ଥାନା/ତହସିଲ: ନୀଳଗିରି, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୩୪ ଏବଂ ୧୨୫୮, ଦକ୍ଷିଣ: ପ୍ଲଟ୍ ନଂ.: ୧୨୪୯ ଏବଂ ୧୨୫୦, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୨୪୧ ଏବଂ ୧୨୪୫ | ୩୦.୦୭.୨୦୨୬ ସୁଦ୍ଧା ଟ.୧୭,୮୯,୨୪୭.୫୧ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୯,୭୭,୦୦୦/-<br>ଟ.୯୭,୭୦୦/- |
| **କଟକ ଶାଖା, ଫୋନ.: ୯୦୪୩୪୫୦୦୨୨ /** **ଋଣଗ୍ରହୀତା: ମେସର୍ସ ସିଦ୍ଧି ଗଣେଷ ମେଟାଲ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବ୍ରଜ କିଶୋର ଦାସ,** ଷ୍ଟେସନ ବଜାର, ଜଗତ୍‌ପୁର, କଟକ-୭୫୪୦୨୧/**ଋଣଗ୍ରହୀତା ଏବଂ ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବ୍ରଜ କିଶୋର ଦାସ,** ପିତା: ବାବାଜୀ ଦାସ, ସା: ପାଇକସ୍ତା, ପୋ: ବୋରିଖି, ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୪୦ | **ଶ୍ରୀ ବ୍ରଜ କିଶୋର ଦାସଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୬୫, ଖାତା ନଂ.: ୭୬୯/୧୭୭, ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୫୦ ଡିସିମିଲି ମୌଜା: ପାଇକସ୍ତା, ଥାନା: କୁଜଙ୍ଗ, ତହସିଲ: କୁଜଙ୍ଗ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିଷ୍ଣୁ ଓଝା, ଦକ୍ଷିଣ: ନିଜ ପ୍ଲଟ୍, ପୂର୍ବ: ରାସ୍ତା, ପଶ୍ଚିମ: ପିତାମ୍ବର ଖୁଣ୍ଟିଆ | ୦୮.୦୩.୨୦୧୬ ସୁଦ୍ଧା ଟ.୪୩,୮୪,୦୦୦/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୩,୨୪,୦୦୦/-<br>ଟ.୩୨,୪୦୦/- |
| **ଦଶରଥପୁର ଶାଖା, ଫୋନ.: ୮୯୨୫୯୫୨୬୩୦ /** **ଋଣଗ୍ରହୀତା: ମେସର୍ସ ବାଦଶାହା ରେଷ୍ଟୁରାଣ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଧର୍ମରାଜ ଧିର,** ପ୍ଲଟ୍ ନଂ.: ୧୭୮୩, ଖାତା ନଂ.: ୩୩୪, ସା: ଓଡେଇ, ଦଶରଥପୁର, ଯାଜପୁର, ଓଡ଼ିଶା-୭୫୫୦୦୬ / **ବନ୍ଧକଦାତା: ଶ୍ରୀ ଧର୍ମରାଜ ଧିର,** ପିତା: ଶ୍ରୀ ବାବୁଲି ଧିର, ସା/ପୋ: ଦଶରଥପୁର, ଥାନା: ଦଶରଥପୁର, ଯାଜପୁର, ଓଡ଼ିଶା-୭୫୫୦୦୬ | **ଶ୍ରୀ ଧର୍ମରାଜ ଧିରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୮୩, ଖାତା ନଂ.: ୩୩୪, ପ୍ଲଟ୍‌ର କ୍ଷେତ୍ର: ଏକର ୦.୧୬୦୦ ଡିସିମିଲି ମୌଜା: ଓଡେଇ, ତହସିଲ: ଦଶରଥପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୬, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୭୮୫ (ରାସ୍ତା, ମାଲିକ-ସର୍ବସାଧାରଣ), ଦକ୍ଷିଣ: ପ୍ଲଟ୍ ନଂ.: ୧୭୮୨ (ଗୋପୀନାଥ ବାରିକ), ପୂର୍ବ: ପ୍ଲଟ୍ ନଂ.: ୧୭୮୪ (ପୂର୍ଣ୍ଣ ଚନ୍ଦ୍ର ସାହୁ), ପଶ୍ଚିମ: ପ୍ଲଟ୍ ନଂ.: ୧୭୭୨ (ରାମ ସାହୁ ଏବଂ ଅନ୍ୟମାନେ) | ୩୧.୦୭.୨୦୨୬ ସୁଦ୍ଧା ଟ.୧୪,୮୦,୬୭୮.୯୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୩୬,୨୪,୦୦୦/-<br>ଟ.୩,୬୨,୪୦୦/- |
| **ଧୁରୁକୁଡିଆ ଶାଖା, ଫୋନ.: ୮୯୨୫୯୫୧୧୨୪/** **ଋଣଗ୍ରହୀତା: ମେସର୍ସ ସର୍ବେଶ୍ୱର ଡାଲ ମିଲ, ସ୍ୱତ୍ତ୍ୱାଧିକାରୀ: ବିଜୟ କୁମାର ସ୍ୱାଇଁ,** ସା: ଶ୍ରୀରଙ୍ଗପୁର, ପୋ: ଧୁରୁସିଆ, ଭାୟା: ଚଷାପଡା, କଟକ, ଓଡ଼ିଶା - ୭୫୪୦୨୭ / **ସ୍ୱତ୍ତ୍ୱାଧିକାରୀ ଏବଂ ବନ୍ଧକଦାତା: ଶ୍ରୀ ବିଜୟ କୁମାର ସ୍ୱାଇଁ,** ପିତା: ଏ ଉମାକାନ୍ତ ସ୍ୱାଇଁ, ସା: କଟକିଆସାହି, ପୋ: ବଳରାମପୁର, ଥାନା: ଆଠଗଡ, କଟକ, ଓଡ଼ିଶା - ୭୫୪୦୨୯ | ୧) **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର ୦.୮୩ ଡିସିମିଲି, ପ୍ଲଟ୍ ନଂ.: ୧, ଅନୁରୂପ ହାଲ ବନ୍ଦୋବସ୍ତ ପ୍ଲଟ୍ ନଂ.: ୫, ଖାତା ନଂ.: ୧, ମୌଜା: ଶ୍ରୀରଙ୍ଗପୁର, ପୋ: ଧୁରୁସିଆ, ଥାନା: ଗୁରୁଡିଝାଟିଆ, ତହସିଲ: ଆଠଗଡ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨, ଦକ୍ଷିଣ: ପ୍ଲଟ୍ ନଂ.: ପ୍ଲଟ୍ ନଂ.: ୧ର ଅଂଶ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୮୨ ୨) ସ୍ଥାପିତ ହୋଇଥିବା କଳକବ୍ଜା ଏବଂ ଯନ୍ତ୍ରପାତି ଯାହାର ପ୍ଲଟ୍ ନଂ.: ୦୫, ଖାତା ନଂ.: ୦୧, ମୌଜା: ଶ୍ରୀରଙ୍ଗପୁର, ଥାନା: ଗୁରୁଡିଝାଟିଆ, ପୋ: ଧୁରୁସିଆ, ଜିଲ୍ଲା: କଟକ, ଓଡ଼ିଶା - ୭୫୪୦୨୭ (କଳକବ୍ଜା ଏବଂ ଯନ୍ତ୍ରପାତିର ବିବରଣୀ: Fatka, worm, pocular machine with machine, pocular connect elemetre, stoner, dryer section, elemtre 5 nos, brofler, blower, Rola with motor (10 HP), Thukar Chala with motor, 4 chala with motor)। **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ରେକର୍ଡଭୁକ୍ତ କଳକବ୍ଜା ଓ ଯନ୍ତ୍ରପାତି ଯାହା ଆଇଓବି, ଧୁରୁକୁଡିଆ ଶାଖାକୁ ବନ୍ଧକ ଦିଆଯାଇଛି। | ୦୩.୦୬.୨୦୨୬ ସୁଦ୍ଧା ଟ.୬୧,୮୩,୦୨୯.୨୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୨୬,୯୦,୦୦୦/-<br>ଟ.୨,୬୯,୦୦୦/- |

**ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା.୨୫.୦୮.୨୦୨୬ ରିଖ ଅପରାହ୍ନ ୬.୦୦ ଘଟିକା ସୁଦ୍ଧା**

**ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ତା.୨୫.୦୮.୨୦୨୬ ରିଖ ଅପରାହ୍ନ ୬.୦୦ ଘଟିକା ସୁଦ୍ଧା**

**ଇ-ନିଲାମ ତାରିଖ ଓ ସମୟ: ୨୬.୦୮.୨୦୨୬ ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୨.୦୦ ଘଟିକା** (୫ ମିନିଟ୍ ସ୍ୱତଃ ବର୍ଦ୍ଧିତ ସମୟ ସହିତ)

**ନିୟମ ଏବଂ ସର୍ତ୍ତାବଳୀ :**

୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ : **https://baanknet.com/eauction-psb/bidder-registration** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇଚ୍ଛୁକ ବିଡ୍‌ଧାରୀ/କ୍ରେତାଙ୍କୁ ଅନୁରୋଧ କରାଯାଉଛିକି ସେମାନେ ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ମାଧ୍ୟମରେ ପୋର୍ଟାଲ **https://baanknet.com/eauction-psb/bidder-registration**ରେ ରେଜିଷ୍ଟର କରନ୍ତୁ ଏବଂ **KYC** କାଗଜପତ୍ର ଅପ୍‌ଲୋଡ କରନ୍ତୁ। (୩) ବିଡ୍‌ଗୁଡିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ" ମାଧ୍ୟମରେ ପୋର୍ଟାଲ **https://baanknet.com/eauction-psb/bidder-registration** ମାଧ୍ୟମରେ ଅମାନତ ରାଶି ଦାଖଲର ପ୍ରାମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ପାନ୍‌କାର୍ଡ/ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସହିତ ଉପର ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ। (୪) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡିକ **UPI / Net Banking / NEFT / RTGS PSB Alliance (baanknet.com)** ର ୱାଲେଟ୍ ମାଧ୍ୟମରେ ଇ-ନିଲାମ ସାଇଟ୍ **https://baanknet.com/eauction-psb/bidder-registration** ମାଧ୍ୟମରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। ନିଲାମଧାରୀମାନଙ୍କ ଦ୍ୱାରା ଅମାନତ ରାଶି **PSB Alliance (baanknet.com)** ଦ୍ୱାରା ପ୍ରଦତ୍ତ ନିଜର ୱାଲେଟ୍ ମାଧ୍ୟମରେ ଜମା କରାଯିବ ଯାହାକି ଇ-ନିଲାମ ୱେବ୍‌ସାଇଟ୍: **https://baanknet.com/eauction-psb/bidder-registration** ଦ୍ୱାରା **UPI / Net Banking / NEFT / RTGS** ମାଧ୍ୟମରେ ଦାଖଲ କରାଯିବ। (୫) ଅମାନତ ରାଶି ବିନା ପ୍ରସ୍ତାବଗୁଡିକ ବାତିଲ କରାଯିବ। (୬) ଅନ୍‌ଲାଇନ୍ ନିଲାମ ବିକ୍ରୟ ସ୍ୱୟଂଚାଳିତ ଭାବରେ ଏବଂ ଉପରୋକ୍ତ ସମୟରେ ଆରମ୍ଭ ହେବ। ନିଲାମ/ବିକ୍ରୟର ସ୍ୱତଃ ବର୍ଦ୍ଧିତ ସମୟ ଶେଷ ୫ ମିନିଟ୍ ସହିତ ପ୍ରାରମ୍ଭିକ ଭାବେ ୧୮୦ ମିନିଟ୍ ସମୟ ଅବଧି ପାଇଁ ଆରମ୍ଭ ହେବ। (୭) ଉପର ଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି: **ଟ.୨୦,୦୦୦/-,** ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବା ପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର **୨୫%** (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର **୨୫%** ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ / ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ୍ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି। (୧୨) ସମ୍ପତ୍ତିଗୁଡିକ **"ଯେଉଁଠାରେ ଯେପରିଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତୀତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡାନ୍ତ ହେବ। (୧୫) ସମ୍ପତ୍ତିଗୁଡିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ- ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ / ଅଧିକାର / ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ-ଏ ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟି ଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ହିସାବ କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥି ନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। ପଚାଶ ଲକ୍ଷରୁ ଅଧିକ ମୂଲ୍ୟର ସ୍ଥାବର ସମ୍ପତ୍ତି ହସ୍ତାନ୍ତର କ୍ଷେତ୍ରରେ ବିକ୍ରୟ ମୂଲ୍ୟର ୧% ଆୟକର ଟ୍ରାନ୍ସଫରି (ହସ୍ତାନ୍ତରିତ ବ୍ୟକ୍ତି) ବହନ କରିବେ। (୧୮) **ଇ-ନିଲାମ / ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା Authorized Officer, Indian Overseas Bank, Regional Office, Bhubaneswar, Phone No.: 0674-2540032, E-mail: bhubaneswar-samd@iob.bank.in or visit website: https://baanknet.com/eauction-psb/bidder-registration.** (୧୯) **ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ୧୫ ଦିନିଆ ନୋଟିସ୍ ଅଟେ ।** (୨୦) ଉପର ଦର୍ଶିତ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ / ଗଠନାତ୍ମକ ଦଖଲରେ ଅଛି ଏବଂ ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ ନିମନ୍ତେ ଦିଆଯାଇଛି। କେବଳ ସମ୍ପତ୍ତିର ହସ୍ତାନ୍ତର ଏବଂ ସୁରକ୍ଷିତ ସମ୍ପତ୍ତିର ଭୌତିକ ଦଖଲର ହସ୍ତାନ୍ତର ଏବଂ ନିଲାମଧାରୀଙ୍କ ପାଇଁ ସମ୍ପତ୍ତି, ବ୍ୟାଙ୍କ ଦ୍ୱାରା କେବଳ ଆଇନ ଅନୁଯାୟୀ ଭୌତିକ ଦଖଲ ପାଇବା ପରେ ଏବଂ ସେହି ତାରିଖ କିମ୍ବା ବିଳମ୍ବରେ କର୍ତ୍ତୃପକ୍ଷ / କୋର୍ଟ / ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଦାନ କରାଯିବ। ସଫଳ ନିଲାମଧାରୀମାନଙ୍କୁ ସେହି ତାରିଖ ସୁଦ୍ଧା ସେମାନଙ୍କର ଅମାନତ ରାଶି / ଚୂଡାନ୍ତ ବିଡ୍ ରାଶି ଉପରେ କୌଣସି ସୁଧ/ ଦାବୀ / କ୍ଷତିପୂରଣ ଦିଆଯିବ ନାହିଁ। (୨୧) ଯଦି ଉପରୋକ୍ତ ଇ-ନିଲାମ ବିକ୍ରୟକୁ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଇତ୍ୟାଦି ପୂର୍ବରୁ ଅନୁମୋଦନ କରାଯାଏ ତେବେ ବିକ୍ରୟ /ନିଲାମର ଚୂଡାନ୍ତ କେବଳ ଉପରୋକ୍ତ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ଏବଂ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ପର୍ଯ୍ୟନ୍ତ, ନିଲାମଧାରୀମାନଙ୍କୁ ଅମାନତ ରାଶି/ଚୂଡାନ୍ତ ବିଡ୍ ରାଶି ଉପରେ ବ୍ୟାଙ୍କ କୌଣସି ପ୍ରକାରର ସୁଧ/ଦାବୀ/କ୍ଷତିପୂରଣ ଇତ୍ୟାଦି ପ୍ରଦାନ କରିବ ନାହିଁ।

ସ୍ଥାନ : ଭୁବନେଶ୍ୱର
ତାରିଖ: ୦୪.୦୮.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ଜଳବନ୍ଦୀରେ ପ୍ରାଣୀ ସମ୍ପଦ; ସୁରକ୍ଷା ଦାବି



ବଲାଙ୍ଗିର,୪।୮ (ସମିସ): ମାଗୁରବେଡା ଲୋୟର ସୁକତେଲ ଡ୍ୟାମ୍ ଦ୍ୱାରା ମଣିଷ ବିସ୍ଥାପିତ ହୋଇଛନ୍ତି । .ଷ ଜମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । .ଷୀଙ୍କ ହକ୍ ପାଇଁ ବିଭିନ୍ନ ସମୟରେ ବିରାଟ ଆନ୍ଦୋଳନ ହୋଇଛି । ଏବେ ଡ୍ୟାମ୍‌ରେ ପାଣି ରହିଥିବାରୁ ଜୀବଜନ୍ତୁ ରାସ୍ତାରେ ବୁଲୁଛନ୍ତି । ଜଙ୍ଗଲ ନଷ୍ଟ ହୋଇଯିବାରୁ ଏମାନଙ୍କର ଆଶ୍ରୟ ସ୍ଥଳ ନାହିଁ । ବାର୍‌ହା, କୁଟୁରା, ଠେକୁଆ, ମୟୂର ଇତ୍ୟାଦିକୁ ଲୋୟର ସୁକତେଲ ଡ୍ୟାମ୍ ପାଖରେ ଦେଖିବାକୁ ମିଳୁଛି । ଏମାନଙ୍କ ସୁରକ୍ଷା ପାଇଁ ଆଜି ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିର ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଛି । ଏସିଏଫ୍ ମାନସ ରଂଜନ ବେହେରା ଦାବିପତ୍ର ଗ୍ରହଣ କରିଛନ୍ତି । କମିଟି ୪ଟି ପ୍ରସ୍ତାବ ଦେଇଛି । ଜଳବନ୍ଦୀ ହୋଇ ରହିଥିବା ଜୀବଜନ୍ତୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଉ । ଲୋୟର ସୁକତେଲ ଡ୍ୟାମ୍ .ରି ପାଶ୍ୱର୍ରେ ସଚେତନତା ବୋର୍ଡ ଲଗାଯାଉ । ଜାତୀୟ ପକ୍ଷୀ ମୟୁର ଓ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ପାଇଁ କରିଡର ନିର୍ମାଣ କରାଯାଉ । ବେଧଡକ ଶିକାର କରୁଥିବା ଶିକାରୀଙ୍କୁ ଧରାଯାଉ । ଏକ ସଚେତନା ସଭା ମଧ୍ୟ କରାଯାଉ ବୋଲି ଦାବିପତ୍ରରେ ଦିଆଯାଇଛି । ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସଂପାଦକ ପ୍ରଶାନ୍ତ ମହାକୁର, ଅର୍ଜୁନ ସାହୁ, ସହ ସଂପାଦକ ଶମ୍ଭୁ ପ୍ରସାଦ ଶତପଥୀ, କୋଷାଧ୍ୟକ୍ଷ ଭବାନୀଶଙ୍କର ଭୋଇ, ରିଣ୍ଟୁସାହୁ, ସତ୍ୟନାରାୟଣ ତ୍ରିପାଠି ପ୍ରମୁଖ ଏହି ଦାବିପତ୍ର ଦେଇଥିଲେ ।

# ଅଭିଭାବକ-ଶିକ୍ଷକ ବୈଠକ



ଖପ୍ରାଖୋଲ,୪।୮ (ସମିସ): ସ୍ଥାନୀୟ ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ-ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଇସ୍ୱାଲ ସୁନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ, ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ଶିକ୍ଷା ଓ ସୁରକ୍ଷାକୁ ନେଇ ଅଭିଭାବକମାନଙ୍କୁ ବୁଝାଇ ଥିଲେ । ଏହା ସହିତ ବର୍ତ୍ତମାନ ସମୟରେ ମୋବାଇଲ ବ୍ୟବହାର କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମାନସିକ ଓ ଶାରୀରିକ ବିକାଶର ଅଧୋପତନ ଘଟୁଛି । ଏଣୁ ଛାତ୍ରଛାତ୍ରୀଙ୍କୁ ମୋବାଇଲ ବ୍ୟବହାରରୁ କିପରି ନିବୃତ୍ତ କରି ପାରିବେ ସେ ନେଇ ଅଭିଭାବକ ଅଭିଭାବିକାଙ୍କୁ ଶିକ୍ଷକ, ଶିକ୍ଷୟିତ୍ରୀ ବୁଝାଇ ଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର ଭୋଇ ଉପସ୍ଥିତ ଥିଲେ ।

# ଶିକ୍ଷା କେବଳ ପରୀକ୍ଷାରେ ସଫଳତା ପାଇଁ ନୁହେଁ




ଲୋଇସିଂହା,୪।୮ (ସମିସ): ବୁର୍ଡାସ୍ଥିତ ପ୍ରଶାନ୍ତି ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର +୨ କଳା ଓ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଆଦିକନ୍ଦ ଡାଙ୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଲୋଇସିଂହା ଏସ୍‌ବିଆଇର ଶାଖା ପରିଚାଳକ ଶାଳିନୀ କୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷା କେବଳ ପରୀକ୍ଷାରେ ସଫଳତା ପାଇଁ ନୁହେଁ । ଜଣେ ସୁନାଗରିକ ଭାବେ ଗଢ଼ିଉଠିବାର ମୂଳ ଆଧାର ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ନୀତାରାଣୀ ପୁଟେଲ, ରଞ୍ଜିତା ପଧାନ, ଶାଳିନୀ ସାଗର, ରାହେଲ କୁମ୍ଭାର, ପ୍ରିୟଙ୍କା ଚୌଧୁରୀ, ପ୍ରଭାସିନୀ ବେହେରା ଏବଂ ଦିବ୍ୟାଂଶୁ ମିଶ୍ର ପ୍ରମୁଖ ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇଥିଲେ । ଶେଷରେ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଶୁଭଶ୍ରୀ ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।

# ସହଜରେ ଋଣ ଦେବାର ପ୍ରଲୋଭନ ଦେଖାଇ ଠକେଇ




ବଲାଙ୍ଗିର,୪।୮ (ସମିସ): ସହଜରେ ଅନଲାଇନ୍ ଋଣ ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକିବା ଅଭିଯୋଗରେ ପୁଇଁତଳା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଉଛି ଖଇରମାଲ ଗ୍ରାମର ଅଞ୍ଜନ ନାଗ (୩୬) । ଲୋକଙ୍କୁ ସହଜରେ ଋଣ ମଞ୍ଜୁର କରାଇଦେବାର ପ୍ରତିଶ୍ରୁତି ଦେଇ ସେ ଆଧାର, ପ୍ୟାନ୍, ବ୍ୟାଙ୍କ ଖାତା ସମ୍ବନ୍ଧୀୟ ସୂଚନା ଓ ଓଟିପି ହାସଲ କରୁଥିଲା । ପରେ ସେହି ସୂଚନା ବ୍ୟବହାର କରି ଅନଲାଇନ୍‌ରେ ଋଣ ଆବେଦନ କରି ହଡପ କରିଥିବା ଅଭିଯୋଗ ହୋଇଥିଲା । ଏନେଇ ପୁଇଁତଳା ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ପୁଲିସ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ସହ ବିଭିନ୍ନ ଦସ୍ତାବିଜ ଓ ଡିଜିଟାଲ ପ୍ରମାଣ ସଂଗ୍ରହ କରିଥିଲା । ପରେ ତା ଘରେ ଚଢ଼ଉ କରି ପୁଲିସ ୧୫ଟି ଏଟିଏମ୍ କାର୍ଡ, ୭ଟି ବ୍ୟାଙ୍କ ପାସ୍‌ବୁକ୍, ୨ଟି ଚେକ୍ ବୁକ୍ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦଲିଲ ଜବତ କରିଛି । ତେବେ ମାମଲାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସଞ୍ଜୟ ରାଉତରାୟ ସୂଚନା ଦେଇଛନ୍ତି ।

## ଚର୍ଚ୍ଚାରେ ବୁଣାକାର ସୁରୁବାବୁ ମେହେର

# ସମ୍ବଲପୁରୀ ବାନ୍ଧ ଶାଢ଼ୀରେ ସମ୍ବିଧାନର ୨୨ ଭାଷା

ବୌଦ୍ଧ, ୪।୮ (ସମିସ)



ବୌଦ୍ଧ ଜିଲ୍ଲା ବାଉଁଶୁଣୀ ପଞ୍ଚାୟତ ବଉଦିଆପଡ଼ା ଗ୍ରାମର ପ୍ରତିଭାବାନ ବୁଣାକାର ସୁରୁବାବୁ ମେହେର ନିଜର କଳାନୈପୁଣ୍ୟ ବଳରେ ଏକ ବିରଳ କୀର୍ତ୍ତି ସ୍ଥାପନ କରିଛନ୍ତି । ଭାରତର ସମ୍ବିଧାନ ଦ୍ୱାରା ମାନ୍ୟତା ପ୍ରାପ୍ତ ୨୨ଟି ଭାଷାକୁ ସୂକ୍ଷ୍ମ ସୂତାରେ ସୁନ୍ଦର ଭାବେ ଖଞ୍ଜି ସେ ଏକ ସ୍ୱତନ୍ତ୍ର ଶାଢ଼ୀ ତିଆରି କରିଛନ୍ତି । ଶାଢ଼ୀର ନାମ ରଖାଯାଇଛି ଭାଷା ବନ୍ଧନ । ତନ୍ତର ପ୍ରତିଟି ସୂତାରେ ଓଡ଼ିଆ, ଆସାମୀ, ବଙ୍ଗାଳୀ, ଗୁଜରାଟୀ, ହିନ୍ଦୀ, କନ୍ନଡ, କାଶ୍ମୀରୀ, କୋଙ୍କଣୀ, ମାଲାୟାଲମ୍, ମଣିପୁରୀ, ମରାଠୀ, ନେପାଳୀ, ପଞ୍ଜାବୀ, ସଂସ୍କୃତ, ସିନ୍ଧି, ତାମିଲ, ତେଲୁଗୁ, ଉର୍ଦ୍ଦୁ, ବୋଡୋ, ସାନ୍ତାଳୀ, ମୈଥିଳୀ ଓ ଡୋଗ୍ରୀ ଭଳି ୨୨ଟି ଭାଷାର ଅକ୍ଷରକୁ ଅତି ନିପୁଣ ଭାବେ ବୁଣାଯାଇଛି । କେବଳ ସେତିକି ନୁହେଁ; ଶାଢ଼ୀର ଆଞ୍ଚଳରେ ଜାତୀୟ ସ୍ଲୋଗାନ 'ସତ୍ୟମେବ ଜୟତେ' ସ୍ଥାନ ପାଇଛି । ଦୀର୍ଘ ୨ ମାସ ଧରି ପରିବାରର ସମସ୍ତେ ଦିନରାତି ପରିଶ୍ରମ କରି ଏହି 'ଭାଷା

- ଶାଢ଼ୀର ନାମ ରଖାଯାଇଛି 'ଭାଷା ବନ୍ଧନ'
- ଆଞ୍ଚଳରେ ଜାତୀୟ ସ୍ଲୋଗାନ 'ସତ୍ୟମେବ ଜୟତେ'
- ୨ ମାସ ଧରି ପରିବାରର ସମସ୍ତେ ଦିନରାତି ପରିଶ୍ରମ କରିଛନ୍ତି
- ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇବାକୁ ଲକ୍ଷ୍ୟ

ବନ୍ଧନ' ଶାଢ଼ୀ ପ୍ରସ୍ତୁତ କରିଥିବା ପରିବାର ସୂତ୍ରରୁ ପ୍ରକାଶ । ଏହି ଶାଢ଼ୀକୁ ଆଗାମୀ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇବାକୁ ଲକ୍ଷ୍ୟ ରଖିଥିବା ସୁରୁବାବୁ କହିଛନ୍ତି । ସୁରୁବାବୁଙ୍କ ଏହି କାର୍ଯ୍ୟ ପଛରେ ରହିଛି ଏକ ଦେଶପ୍ରେମର ପ୍ରେରଣା । ତାଙ୍କ ପିତା ସ୍ୱର୍ଗତ ବିଷ୍ଣୁ ଚରଣ ମେହେର ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ବୌଦ୍ଧ ଗଡ଼ଜାତ ଆନ୍ଦୋଳନ ସମୟରେ ଏକ ସଂଗଠନ କରି ରାଜତନ୍ତ୍ରର କୁ-ଶାସନ ସମ୍ବନ୍ଧରେ ବାର୍ତ୍ତା ପ୍ରଚାର କରୁଥିବାରୁ ତାଙ୍କୁ ୧୯୪୭ ମସିହା ନଭେମ୍ବର ୯ ତାରିଖରେ ଗିରଫ କରି ଜେଲ୍ ଦଣ୍ଡ ଦିଆଯାଇଥିଲା । ପିତାଙ୍କ ସେହି ନିଃସ୍ୱାର୍ଥପର ସେବା, ଦେଶପ୍ରେମ ଓ ସତ୍ୟାଗ୍ରହର ଆଦର୍ଶକୁ ଅନୁସରଣ କରି ସେ କଳା ମାଧ୍ୟମରେ ଦେଶକୁ ଏକତାର ବାର୍ତ୍ତା ଦେବା ପାଇଁ ଏହି ପ୍ରୟାସ କରିଛନ୍ତି ।

## ● ଏନ୍‌ଏଚ୍-୪୯ ସଂପ୍ରସାରଣ ପ୍ରସଙ୍ଗ

# ଜମି ଅଧିଗ୍ରହଣ ସକାଶେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ

ଇବଥର୍ମାଲ,୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଦେଇ ଝାରସୁଗୁଡ଼ା-କନକତୋରାରୁ ଛତିଶଗଡ଼କୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୪୯ ଲୋକଙ୍କ ପାଇଁ ମରଣଯନ୍ତା ସାଜିଛି । ଏହାର ସଂପ୍ରସାରଣ ସକାଶେ ନିଷ୍ପତ୍ତି ହୋଇଛି । ଏହି ରାଜପଥରୁ ଦୁର୍ଘଟଣା କମାଇବା, ଗମନାଗମନ ସୁଗମ କରିବା ସକାଶେ ଏହାକୁ ୪ ଲେନ୍ କରାଯିବ । ଜୁଲାଇ ୨୭ରେ ଏଥିଲାଗି ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି । ସେହି ଅନୁଯାୟୀ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଭାରତ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପ୍ରକଳ୍ପ ପାଇଁ ଜାତୀୟ ରାଜପଥ ଆଇନ୍ ୧୯୫୬ର ୩ଏ(୧) ଅନୁଯାୟୀ ଏସଓ-୪୧୪୩(ଇ) ଓ ଏସଓ -୪୧୪୬(ଇ) ୨ଟି ରାଜପତ୍ର ବିଜ୍ଞପ୍ତି ପ୍ରକାଶ ପାଇଛି । ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଓ ଝାରସୁଗୁଡ଼ା ତହସିଲ ଅଧୀନରେ ମୋଟ ୬୦.୨୫୭୭ ହେକ୍ଟର (ପ୍ରାୟ ୧୪୮.୮୯ ଏକର) ଜମି ଅଧିଗ୍ରହଣ କରାଯିବ । ଏହି ଜମିରେ ବ୍ୟକ୍ତିଗତ ଚାଷଜମି, ଘରବାଡ଼ି, ବାହାଲ, ମାଲ, ଆଠ, ବେର୍ନା, ସରକାରୀ ଜମି, ରାସ୍ତା, ନଦୀ, ଜଙ୍ଗଲ ଓ ଅନ୍ୟାନ୍ୟ କିସମ ଜମି ଅଛି ।

- ପ୍ରଥମ ପର୍ଯ୍ୟାୟରେ ୬୦ହେକ୍ଟରରୁ ଅଧିକ ଜମି ଅଧିଗ୍ରହଣ ହେବ
- ୨୧ ଦିନ ମଧ୍ୟରେ ଆପତ୍ତି ଦାଖଲ ସୁଯୋଗ

ଲଖନପୁର ତହସିଲ ଅଧୀନରେ ୫୨.୧୦୦ କିମି ରାସ୍ତା ପ୍ରଶସ୍ତୀକରଣ ପାଇଁ ତହସିଲ ଅଧୀନ ବାଜିମାତ, କଦମଘାଟ, ରେଙ୍ଗୋଲି, ତେଲେନ, ସାଗରପାଲି, କଦମଡିହି, କୁଟୁରାପାଲି ଓ ଡୁଡଗାଁ ଗ୍ରାମରୁ ୨୪.୪୯୬ ହେକ୍ଟର ଜମି ଅଧିଗ୍ରହଣ କରାଯିବ । ଏଥିଲାଗି ଲଖନପୁର ତହସିଲଦାରଙ୍କୁ ନିଯୁକ୍ତି କରାଯାଇଛି । ସେହିପରି ଦ୍ୱିତୀୟ ପ୍ୟାକେଜରେ ୫୨.୧୦୦ରୁ ୫୯.୭୧୯ କିଲୋମିଟର ସକାଶେ ଝାରସୁଗୁଡ଼ା ତହସିଲ ଅଧୀନ ବୁଡିପଦର, ଜୁନାନୀମୁଣ୍ଡା, ଆମଦରହ, ବ୍ରଜରାଜନଗର ଟାଉନ ୟୁନିଟ୍ -୨ ଓ ବ୍ରଜରାଜନଗର ଟାଉନ ୟୁନିଟ୍ -୩ ଅଞ୍ଚଳରୁ ୩୫.୭୬୧ ହେକ୍ଟର ଜମି ଅଧିଗ୍ରହଣ କରାଯିବ । ଏଥିରେ ଝାରସୁଗୁଡ଼ା ତହସିଲଦାର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଜାତୀୟ ରାଜପଥ ଅଧିନିୟମ ୧୯୫୬ର ଧାରା ୩(ଗ) ଅନୁଯାୟୀ ଏହି ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ କିମ୍ବା ସଂପୃକ୍ତ ଯେକୌଣସି ବ୍ୟକ୍ତି ବିଜ୍ଞପ୍ତି ପ୍ରକାଶନର ୨୧ ଦିନ ମଧ୍ୟରେ ଲିଖିତ ଭାବେ ଲଖନପୁର ଅଞ୍ଚଳର ଲୋକେ ଲଖନପୁର ତହସିଲଦାର ଓ ଝାରସୁଗୁଡ଼ା ଅଞ୍ଚଳର ଲୋକେ ଝାରସୁଗୁଡ଼ା ତହସିଲଦାରଙ୍କ ପାଖରେ ଆପତ୍ତି ଅଭିଯୋଗ ଦାଖଲ କରି ପାରିବେ ।

## ● ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନପାନ୍ୟ ଦିବସ

# ୬ ମାସ ପର୍ଯ୍ୟନ୍ତ ପିଲାଙ୍କୁ କେବଳ ମା' କ୍ଷୀର ଦେବା ଗୁରୁତ୍ୱପୂର୍ଣ୍ଣ



ବୌଦ୍ଧ, ୪।୮ (ସମିସ): ମା କ୍ଷୀର ଶିଶୁ ପାଇଁ ସବୁଠୁ ଭଲ ଖାଦ୍ୟ; ଯାହାକି ଶିଶୁର ପୋଷଣରେ ସାହାଯ୍ୟ କରେ । ମା' କ୍ଷୀରକୁ ଶିଶୁ ସହଜରେ ହଜମ କରିପାରେ । ଶିଶୁର ମାନସିକ, ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ଠିକ୍ ହୋଇଥାଏ । ସ୍ତନ୍ୟପାନ ଦ୍ୱାର ମା' ଓ ଶିଶୁ ମଧ୍ୟରେ ସଂପର୍କ ନିବିଡ ହୋଇଥାଏ; ଯାହାକି ଭବିଷ୍ୟତରେ ଶିଶୁର ମାନସିକ ଉନ୍ନତିରେ ସାହାଯ୍ୟ କରିଥାଏ । ଜନ୍ମରୁ ୬ମାସ ପର୍ଯ୍ୟନ୍ତ ପିଲାଙ୍କୁ ଡବାକ୍ଷୀର ନ ଦେଇ କେବଳ ମା' କ୍ଷୀର ଦେବା ଗୁରୁତ୍ୱପୂର୍ଣ୍ଣ । ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ୍ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନପାନ୍ୟ ଦିବସ ପାଳନ ଅବସରରେ ଅତିଥିଗଣ ଏହି ପରାମର୍ଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ତ୍ରିପାଠୀ, ଏଡିଏମଓ ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଏଡିପିଏଚଓ ସାନ୍ତା ନିବେଦିତା, ଡାକ୍ତର ଏସ୍‌କେ ମେହେର, ଡାକ୍ତର ବିଭୁତି ଭୂଷଣ ଦଳାଇ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଗିରିଜା ପ୍ରସାଦ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଏଏନଏମ ତାଲିମ୍ କେନ୍ଦ୍ରର ଛାତ୍ରୀ ଓ ଆଶା କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଦହ୍ୟା ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ

ମନମୁଣ୍ଡା,୪।୮ (ସମିସ): ବୌଦ୍ଧ ବ୍ଲକ୍ ଦହ୍ୟା ପିଏମଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ରାଜଲକ୍ଷ୍ମୀ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିତ୍ୟ ମେଣ୍ଡିଲିଙ୍କ ସମେତ ସମସ୍ତ ସଭ୍ୟସଭ୍ୟାଙ୍କୁ ନେଇ ପ୍ରଥମ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ପ୍ରଥମେ ସମସ୍ତ ଅଭିଭାବକଙ୍କୁ ସ୍ୱାଗତ ଜଣାଇଥିଲେ । ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ଅଭିନବ ପ୍ରୟାସ ବୋଲି କହିଥିଲେ । ଏହି ବୈଠକରେ ୨୦୦ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ । ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ଶିକ୍ଷାର ମୂଳ ସ୍ରୋତରେ ସାମିଲ କରି ନାମ ଲେଖା ହାର ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା । ତାହା ସହିତ ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତର ପରିଚୟ, ମା ପାଇଁ ଗଛଟିଏ ୩.୦, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି -୨୦୨୬, ଡିଜିଟାଲ ଦୁନିଆରେ ପିଲାଙ୍କ ସୁରକ୍ଷାରେ ଅଭିଭାବକଙ୍କ ଭୂମିକା, ବୃତ୍ତି ମାର୍ଗଦର୍ଶନ ଓ ଭବିଷ୍ୟତ ଯୋଜନାରେ ପିତାମାତାଙ୍କ ଭୂମିକା ଓ ସହଭାଗିତା କାହିଁକି ଗୁରୁତ୍ୱପୂର୍ଣ୍ଣ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା ।



# ଜେଏନ୍‌ଭି ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ତାରିଖ ଘୁଞ୍ଚିଲା

ତରଭା,୪।୮ (ସମିସ): ସୋନପୁର ଜିଲ୍ଲା ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ୨୦୨୭-୨୮ ଶିକ୍ଷାବର୍ଷ ପାଇଁ ଷଷ୍ଠ ଶ୍ରେଣୀର ନାମାଙ୍କନ ନିମନ୍ତେ ଆବେଦନ କରିବାର ଶେଷ ତାରିଖ ଘୁଞ୍ଚିଛି । ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ କେଶବ ସାମକଁୱର ଏହି ସୂଚନା ଦେଇଛନ୍ତି । ଆଗ୍ରହୀ ଯୋଗ୍ୟ ଛାତ୍ରଛାତ୍ରୀ ନବୋଦୟର କିମ୍ବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ ବୋଲି ଅଧ୍ୟକ୍ଷ କହିଛନ୍ତି ।

# ବିଜେଡି ପ୍ରତିନିଧିମଣ୍ଡଳୀର ବନ୍ୟାଞ୍ଚଳ ପରିଦର୍ଶନ




ହରଭଙ୍ଗା, ୪।୮ (ସମିସ): ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ବୌଦ୍ଧ ଜିଲ୍ଲା ବିଜୁ ଜନତା ଦଳ (ବିଜେଡି) ସଭାପତି ପ୍ରଦୀପ ଅମାତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ହରଭଙ୍ଗା, କୁସଙ୍ଗ, କୁମାରୀ, ଧଳପୁର ଏବଂ ପାଣିଘରା ପ୍ରଭୃତି ବିଭିନ୍ନ ବନ୍ୟାଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା କ୍ଷୟକ୍ଷତିର ଆକଳନ କରିଛନ୍ତି । ପ୍ରଭାବିତ ଲୋକଙ୍କ ଦୁଃଖସୁଖ ବୁଝିଛନ୍ତି । ଗସ୍ତ ସମୟରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଅମାତ ଏବଂ ଦଳୀୟ ପ୍ରତିନିଧିମାନେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ବନ୍ୟାଜଳରେ ଧାନ ଫସଲ ସମେତ ବ୍ୟାପକ କୃଷି ଜମି ନଷ୍ଟ ହୋଇଛି । ଚାଷୀମାନେ କିପରି ପ୍ରଭାବିତ ହୋଇଛନ୍ତି ସେ ସମ୍ପର୍କରେ ସେମାନେ ପଚାରି ବୁଝିଥିଲେ । ଏଥିସହ ସରକାରଙ୍କ ତରଫରୁ ବନ୍ୟାକ୍ଷତି ପାଇଁ ଦିଆଯାଉଥିବା ସହାୟତା ଏବଂ ରିଲିଫ୍ ପାଣ୍ଠି ବଣ୍ଟନ ବ୍ୟବସ୍ଥା ନେଇ ଲୋକମାନଙ୍କ ସହ ଆଲୋଚନା ହୋଇଥିଲା । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ବନ୍ୟାର ସ୍ଥାୟୀ ପ୍ରତିକାର ଦିଗରେ ଦୃଷ୍ଟି ଦେବାକୁ ପୂର୍ବତନ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ପ୍ରତିବର୍ଷ ଆସୁଥିବା ବନ୍ୟାରୁ ରକ୍ଷା ପାଇବା ପାଇଁ କୁମାରୀଠାରୁ ଧଳପୁର ପର୍ଯ୍ୟନ୍ତ ଏକ ପଥର ଆଡିବନ୍ଧ ନିର୍ମାଣ କରିବାକୁ ଲୋକମାନେ ଦୃଢ଼ ଦାବି ଜଣାଇଥିଲେ । ଏହାଦ୍ୱାରା ବନ୍ୟାଜଳ ଗାଁ ଓ ଚାଷଜମି ଭିତରକୁ ପଶିବ ନାହିଁ ଏବଂ ଜୀବନଜୀବିକା ସୁରକ୍ଷିତ ରହିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଲୋକମାନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଓ ଦାବିକୁ ଗ୍ରହଣ କରି ଶ୍ରୀ ଅମାତ ଏହାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ଏବଂ ରାଜ୍ୟ ସରକାରଙ୍କୁ ଦାବି ଉପସ୍ଥାପନ କରାଯିବ ବୋଲି କହିଛନ୍ତି । ଏହି ବନ୍ୟାଞ୍ଚଳ ଗସ୍ତ ଏବଂ ଲୋକସଂପର୍କ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲଟି ଚେୟାରମ୍ୟାନ ମୃତ୍ୟୁଞ୍ଜୟ ମିଶ୍ର, ସୁବୋଧ ପ୍ରଧାନ, ପ୍ରଦୀପ ସାହୁ, ଅବକାଶ ସାହୁ, ଜିଲ୍ଲା ପରିଚ୍ଛେଦ ଅଧ୍ୟକ୍ଷ ପ୍ରଭାସିନି ଦାସ, ଜିଲ୍ଲା ପରିଷଦ ସଭ୍ୟା ଜିତୁ ମିଶ୍ର, ତ୍ରିବିକ୍ରମ ମହାକୁଡ, ବ୍ଲକ୍ ବିଜେଡି ସଭପତି ପଙ୍କଜ ସାହୁ ପ୍ରମୁଖ ବହୁ ସ୍ଥାନୀୟ ବିଜେଡି ନେତା ଓ କର୍ମକର୍ତ୍ତା ସାମିଲ ରହି ପରିସ୍ଥିତି ତଦାରଖ କରିଥିଲେ ।

# ସମସ୍ୟାରେ ୧୫୭ ବର୍ଷର ପୁରୁଣା ପ୍ରାଥମିକ ବିଦ୍ୟାଳୟ

ହରଭଙ୍ଗା,୪।୮ (ସମିସ): ଗଡଜାତ ଅମଳର ବହୁ ପୁରାତନ ତଥା ୧୫୭ ବର୍ଷର ପୁରୁଣା ହରଭଙ୍ଗା ପ୍ରାଥମିକ ବିଦ୍ୟାଳୟ ଆଜି ଜରାଜର୍ଣ୍ଣ ଅବସ୍ଥାରେ ରହିଛି । ଏହାର କୋଠା ବିପଦ ସଂକୁଳ ହୋଇ ପଡିଛି । ବିଧାୟକ ସରୋଜ ପ୍ରଧାନ ଓ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ଏହି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ବିଦ୍ୟାଳୟ କୋଠା ଦେଖି ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ । ତୁରନ୍ତ ଏ ନେଇ ଆବଶକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ହରଭଙ୍ଗାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କର୍ଯ୍ୟକ୍ଷମ କରିବା ସହ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ ।

# ଭଙ୍ଗାରୁଜା, ଡ୍ରାଇଭରଙ୍କୁ ଆକ୍ରମଣରୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ

ତରଭା,୪।୮ (ସମିସ)


ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକର ଏକ ମୁଖ୍ୟମନ୍ତ୍ରୀ ବସ୍ ଉପରେ ଆକ୍ରମଣ କରି ଭଙ୍ଗାରୁଜା କରାଯାଇଛି । ବସ୍‌ର ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରାଯାଇଛି । ଏହି ଘଟଣାର ପ୍ରତିବାଦରେ ସୋମବାରଠାରୁ ତରଭା ବ୍ଲକରେ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ ହୋଇଛି । ତରଭା ବ୍ଲକ୍ ତରଫରୁ ବସ୍ ସେବା ପାଇଁ ନିୟୋଜିତ ହୋଇଥିବା ମୁଖ୍ୟମନ୍ତ୍ରୀ ବସ୍ (ନମ୍ବର ଓଡି ୦୩ ୧୪ ୯୯୮୭) ଅର୍ଡାରୁ ତରଭା ଫେରୁଥିଲା । ଏହି ସମୟରେ ବଘିଆ ଗ୍ରାମ ନିକଟରେ ବସ୍ ଅଟକାଇ ୪ଜଣ ବ୍ୟକ୍ତି ଲାଠି ଧରି ଅତର୍କିତ ଆକ୍ରମଣ କରିଥିଲେ । ବସ୍‌ର କାଚ

- ଧରା ପଡ଼ି ନାହାନ୍ତି ଅପରାଧୀ, ପୁଲିସ କହୁଛି ଅଭିଯୁକ୍ତ ଫେରାର୍
- ଆନ୍ଦୋଳନରେ ୪ ମୁଖ୍ୟମନ୍ତ୍ରୀ ବସ୍ କର୍ମଚାରୀ
- ସବୁ ବସ୍ ତରଭା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଛିଡା ହୋଇଛି

ଭଙ୍ଗାରୁଜା କରି ଡ୍ରାଇଭର୍ ନୟନ ମହାଣାଙ୍କ ଉଭୟ ହାତକୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଡ୍ରାଇଭରଙ୍କ ହାତ ଫାଟି ଲହୁଲୁହାଣ ହୋଇଥିଲା । ଅବସ୍ଥା ଗୁରୁତର ହେବାରୁ ଡ୍ରାଇଭରଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏ ସଂକ୍ରାନ୍ତରେ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଛି । ତଦନ୍ତ ଜାରି ରହିଥିବା ଆଇଆଇସି ଡୋଲାମଣି ନାଏକ ପ୍ରକାଶ କରିଛନ୍ତି । ଘଟଣା ଘଟିବାର ୪୮ ଘଣ୍ଟା ଅତିବାହିତ ହୋଇଯାଇଥିଲେ ସୁଦ୍ଧା କୌଣସି ଅପରାଧୀ ଧରା ପଡି ନ ଥିବା ଜଣାପଡ଼ିଛି । ଏହାର ପ୍ରତିବାଦରେ ତରଭା ବ୍ଲକରେ ସମସ୍ତ ୪ଟି ମୁଖ୍ୟମନ୍ତ୍ରୀ ବସ୍‌ର କର୍ମଚାରୀ କାର୍ଯ୍ୟରେ ଯୋଗ ନ ଦେବାରୁ ବସ୍ ଚଳାଚଳ ବନ୍ଦ ରହିଛି । ସମସ୍ତ ବସ୍ ତରଭା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଛିଡା ହୋଇଛି । ବସ୍ କର୍ମଚାରୀ ଷ୍ଟିଅରିଂ ଛାଡ଼ ଆନ୍ଦୋଳନରେ ଅଛନ୍ତି ଏଥିଯୋଗୁଁ ବସ୍ ଉପରେ ନିର୍ଭର କରୁଥିବା ଜନସାଧାରଣ ତଥା ଛାତ୍ରଛାତ୍ରୀ ହଇରାଣ ହେଉଛନ୍ତି । ଏ ନେଇ ଆଇଆଇସି ଶ୍ରୀ ନାଏକଙ୍କୁ ପଚାରିବାରୁ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ମାରିଛନ୍ତି । ଖୁବ୍ ଶୀଘ୍ର ଧରା ପଡିବେ ବୋଲି କହିଛନ୍ତି ।

# ଡୁଙ୍ଗୁରିପାଲି କଂଗ୍ରେସ ପକ୍ଷରୁ ବିଏଲ୍‌ଏ -୨ର ପ୍ରଶିକ୍ଷଣ ଶିବିର

ଡୁଙ୍ଗୁରିପାଲି,୪।୮ (ସମିସ): ସୁବର୍ଣ୍ଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଡୁଙ୍ଗୁରିପାଲି ବ୍ଲକ କଂଗ୍ରେସ ଦଳର ବୁଥ୍ ଲେଭେଲ୍ ଏଜେଣ୍ଟ (ବିଏଲଲ-୨)ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଆରଏମସିଠାରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କଂଗ୍ରେସ ମିଡ଼ିଆ ସେଲ୍‌ର ଅରବିନ୍ଦ ମିଶ୍ର ଯୋଗ ଦଇଥିବା ବେଳେ ସମ୍ମାନିତ ଅତିଥିଭାବେ ରାଜ୍ୟ କଂଗ୍ରେସ ଯୁବ ମୋର୍ଚ୍ଚା ଉପସଭାପତି ଗଣେଶ ସାହୁ, ଜିଲ୍ଲା ସଭାପତି ବିନୋଦ ପାତ୍ର ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଚଉବର୍ଗ ଭୋଇ, ଶ୍ୟାମ ସୁନ୍ଦର ଭୋଇ, ଭୀଷ୍ମଦେବ ମଲ୍ଲିକ, ଜଗନ୍ନାଥ ତ୍ରିବେଦୀ, ବାଲକୃଷ୍ଣ ଦଣ୍ଡସେନା, ସୁଧୀର ଚନ୍ଦ୍ର ପଧାନ, ପାଣ୍ଡବ ତ୍ରିପାଠୀ, ବୀରେନ୍ଦ୍ର ଯୁଆଡ଼ି, ସୁରୁବାବୁ ନନ୍ଦ, ବରୁଣ ସାହୁ, ଜୟଦେବ ବରିହା, ଯୁଧିଷ୍ଠିର ବାଗର୍ତ୍ତି, ନୀଳମଣି ଯାଦବ, ରାଜେନ୍ଦ୍ର ନାଏକ, ବିଭୁତି ଚୂହାନ ପ୍ରମୁଖ ଉପସ୍ଥିତ ଥିଲେ ।



# ଯାଞ୍ଚବେଳେ ଜାତୀୟ ରାଜପଥରେ ଦୁର୍ଘଟଣା

## ପ୍ରତିବାଦରେ ଟ୍ରକ ଚାଳକଙ୍କ ରାସ୍ତା ଅବରୋଧ

ସୋହେଲା,୪।୮ (ସମିସ)

ଏଠାରୁ ପ୍ରାୟ ୬କିମି ଦୂର ଜାତୀୟ ରାଜପଥ ଉପରେ ମଙ୍ଗଳବାର ଅପରାହ୍ନରେ ମଧୁପୁର ଛକ ନିକଟରେ ବରଗଡ଼ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାତାୟାତ କରୁଥିବା ମାଲ ବୋଝେଇ ଟ୍ରକର କାଗଜପତ୍ର ଯାଞ୍ଚ କରାଯାଉଥିଲା। ପରିବହନ ବିଭାଗ କର୍ମଚାରୀମାନେ ମଧୁପୁର ଛକ ନିକଟରେ ବୁଲାଣି ଥିବା ରାସ୍ତା ପାର୍ଶ୍ୱର୍ରେ ଯାହାକି ହଠାତ ଟ୍ରକ ଚାଳକମାନଙ୍କୁ ଦେଖାଯିବ ନାହିଁ ସେପରି ସ୍ଥାନରେ ରହି ଆସୁଥିବା ଟ୍ରକମାନଙ୍କୁ ଅଟକାଉଥିଲେ। ଦିନ ପ୍ରାୟ ଗୋଟାଏ ବେଳେ




ରାୟପୁର ପଟୁ ଆସୁଥିବା ଏକ ଟ୍ରେଲର (ନଂ. ସିଜି୧୫ଡିଏକ୍ସ ୦୭୩୧)କୁ ପରିବହନ ବିଭାଗର କର୍ମଚାରୀ ରାସ୍ତା ଉପରକୁ ଆସି ଚିରାଚରିତ ଢଙ୍ଗରେ ହଠାତ୍ ଅଟକାଇଥିଲେ। ବୁଲାଣି ରାସ୍ତା ହୋଇଥିବାରୁ ଚାଳକ ରାସ୍ତା ଉପରେ ହଠାତ ପରିବହନ ବିଭାଗ

**ଘଟଣାସ୍ଥଳରୁ ଛାଡ଼ି ପଳାଇଲେ ପରିବହନ ବିଭାଗ କର୍ମଚାରୀ**

କର୍ମଚାରୀଙ୍କୁ ଦେଖି ବ୍ରେକ ଦେଇଥିଲେ। ଫଳରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡ଼ରକୁ ଲାଗି ରହିଥିବା ଡ୍ରେନ ଭିତରେ ପଶିଯାଇଥିଲା। ଟ୍ରକ ଦୁର୍ଘଟଣା ହେବା ଦେଖି ରାସ୍ତାରେ ଟ୍ରକ ଅଟକାଉଥିବା ପରିବହନ ବିଭାଗ କର୍ମଚାରୀମାନେ ଚମ୍ପଟ ମାରିଥିଲେ। ରାସ୍ତାରେ ଯାଉଥିବା ଟ୍ରକ ଚାଳକମାନେ ପରିବହନ ବିଭାଗ କର୍ମଚାରୀଙ୍କ ଏତାଦୃଶ କାର୍ଯ୍ୟର ପ୍ରତିବାଦ କରି ରାସ୍ତା ଉପରେ ଟ୍ରକ ରଖି ଉଭୟ ପଟ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଦୀର୍ଘସମୟ ଧରି ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପରେ ଖବର ପାଇ ସୋହେଲା ଥାନା ଅଧିକାରୀ ହରିଶଙ୍କର ଭୋଇ ପୁଲିସ କର୍ମଚାରୀଙ୍କ ସହିତ ଘଟଣାସ୍ଥଳକୁ ଯାଇ ଟ୍ରକ ଚାଳକମାନଙ୍କୁ ବୁଝାସୁଝା କରିବା ପରେ ସେମାନେ ରାସ୍ତାରୁ ହଟିଥିଲେ ଓ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଭୁକ୍ତାପ୍ରକାଶପୁର ମୁଖ୍ୟରାସ୍ତା ପାଲଟିଛି ଜଳାଶୟ; ବଢୁଛି ଦୁର୍ଘଟଣା



ଅମ୍ବାଭୋନା,୪।୮ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାପ୍ରକାଶପୁର ମୁଖ୍ୟ ରାସ୍ତାରେ ବର୍ଷାପାଣି ଜମି ଜଳାଶୟ ପାଲଟିଥିବାବେଳେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଅଞ୍ଚଳବାସୀ ପୂର୍ତ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ଓଡ଼ିଶା-ଛତିଶଗଡ଼ ସୀମାନ୍ତକୁ ସଂଯୋଗ କରୁଥିବା ଏହି ମୁଖ୍ୟ ସଡ଼କ ଦେଇ ପ୍ରତିଦିନ ଶହ ଶହ ଯାନବାହନ ଚଳାଚଳ କରୁଛି। କିନ୍ତୁ ବିଭିନ୍ନ ସ୍ଥାନରେ ରାସ୍ତାପାଶ୍ୱର୍ ଧୋଇଯାଇ ଗଭୀର ଖାଲ ସୃଷ୍ଟି ହୋଇଥିବା ସହ ସଂକୀର୍ଣ୍ଣ ହୋଇପଡ଼ିଛି। ବର୍ଷା ପାଣି ଭରି ରହିଥିବାରୁ ଗାଡ଼ି ଚାଳକ ଜାଣି ନପାରି ଦୁର୍ଘଟଣାର ଶିକାର ହେଉଚନ୍ତି। ଭୁକ୍ତା ଅଞ୍ଚଳ ବରଗଡ଼, ସୋହେଲା ସମେତ ଛତିଶଗଡ଼ର ରାୟଗଡ଼ ଓ ସାରଙ୍ଗଡ଼ ଅଞ୍ଚଳ ସହ ସିଧାସଳଖ ସଂଯୋଗ ସ୍ଥାପନ କରୁଥିବାରୁ ଏହି ରାସ୍ତାର ଗୁରୁତ୍ୱ ଅଧିକ। ଭୁକ୍ତା ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ହୋଇଥିବା ସହ ଏଠାରେ ସ୍କୁଲ, କଲେଜ, ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ଆର୍‌ଆଇ କାର୍ଯ୍ୟାଳୟ ଓ ବ୍ଲକ ମୁଖ୍ୟ ଚିକିତ୍ସାଳୟ ମଧ୍ୟ ରହିଛି। ଫଳରେ ପ୍ରତିଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାଆସ କରିଥାନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁସାରେ, ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ସମସ୍ୟା ଉଠାଯାଇଥିଲେ ବି ସୁଫଳ ମିଳିନାହିଁ। ତେଣୁ ପୂର୍ତ୍ତ ବିଭାଗ ତୁରନ୍ତ ରାସ୍ତାର ମରାମତି, ଜଳ ନିଷ୍କାସନ ବ୍ୟବସ୍ଥା ଓ ପ୍ରଶସ୍ତିକରଣ କାମ ଆରମ୍ଭ କରିବାକୁ ଦାବି କରିଛନ୍ତି। ନଚେତ୍ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ହଷ୍ଟେଲ ସମ୍ମୁଖ ପାଲଟିଛି ଜଳାଶୟ



ଝାରବନ୍ଧ,୪।୮ (ସମିସ): ଝାରବନ୍ଧ ବ୍ଲକର ବଲିଢ଼ିପା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ସମ୍ମୁଖ ଲଗାଣ ବର୍ଷା ପରେ ପାଣି ଜମି ଜଳାଶୟର ଭ୍ରମ ସୃଷ୍ଟି କରୁଛି। ଏନେଇ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଚଳପ୍ରଚଳ ପ୍ରତି ଗୁରୁତର ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି ଯେ, ହଷ୍ଟେଲ ନିର୍ମାଣ ସମୟରେ ସମ୍ମୁଖ ଭାଗରୁ ମାଟି ଉଠାଇ ପରିସର ଭିତରେ ଭରାଯାଇଥିଲା। ଫଳରେ ସେହି ସ୍ଥାନ ଗଭୀର ହୋଇଯିବା ସହ ବର୍ଷା ହେଲେ ପାଣି ଜମୁଛି। ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ନଥିବାରୁ ବର୍ଷା ଛାଡ଼ିଯିବା ପରେ ମଧ୍ୟ ଦୀର୍ଘଦିନ ଧରି ପାଣି ଜମି ରହୁଛି।

## ବନ୍ୟା ପୀଡ଼ିତଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ




ବରଗଡ଼,୪।୮ (ସମିସ): ବନ୍ୟା ପ୍ରପୀଡ଼ିତ ଚକରକେନ୍ଦ ଅଞ୍ଚଳରେ ଇନର ହ୍ୱିଲ୍ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ ରିଲିଫ୍ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତଙ୍କୁ ମଶାରି ଓ ବିସ୍କୁଟ ପ୍ୟାକେଟ ବଣ୍ଟନ କରାଯାଇଥିଲା। କ୍ଲବ୍‌ର ସଭାପତି ଗୀତାଞ୍ଜଳି ମେହେର, ଉପ ସଭାପତି ପୁଷ୍ପାଞ୍ଜଳି ସୁବୁଦ୍ଧି, ସମ୍ପାଦକ କିରନ ସୁର ଜାଲ, ପୂର୍ବତନ ସଭାପତି ରିନା ଜିନ୍ଦଲଙ୍କ ସମେତ ବହୁ ସଦସ୍ୟ ଓ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଶିକ୍ଷକ ଚନ୍ଦ୍ରଶେଖର ଭୋଇଙ୍କ ପରଲୋକ



ପଦ୍ମପୁର,୪।୮ (ସମିସ): ପଦ୍ମପୁରର ଆଦର୍ଶ ପ୍ରଧାନ ଶିକ୍ଷକ ତଥା ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ଭୋଇଙ୍କ ୮୭ ବର୍ଷ ବୟସରେ ତାଙ୍କ ପଦ୍ମପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ପଦ୍ମପୁର ଲକ୍ଷ୍ମୀନାରାୟଣ ସ୍ୱର୍ଗଦ୍ୱାରଠାରେ ପୁତ୍ର ଅନନ୍ତ ଓ ସୁଶାନ୍ତ ସହ ବିଶିଷ୍ଟ ଶତାଧିକ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ତାଙ୍କ ଜ୍ୟେଷ୍ଠପୁତ୍ର ରବି ମୁଖାଗ୍ନି ଦେଇଥିଲେ।

## ବର୍ଷାପବନରେ ଜିନ୍ଦଲ ରାଇସ୍ ଓ ତେଲ ମିଲ୍ କ୍ଷତିଗ୍ରସ୍ତ

ବରଗଡ଼, ୪।୮ (ସମିସ): ଲଗାଣ ବର୍ଷା ଓ ଝଡ଼ ତୋଫାନ ଯୋଗୁଁ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏଥିରେ ଚକରକେନ୍ଦ ନିକଟସ୍ଥ ଜିନ୍ଦଲ ରାଇସ୍ ମିଲ ଓ ତେଲ ମିଲ୍‌ର ବ୍ୟାପକ କ୍ଷୟକ୍ଷତି ଘଟିଛି। ମିଲର ବିଭିନ୍ନ ଭିତ୍ତିଭୂମି, ଯନ୍ତ୍ରପାତି ଓ ସଂରକ୍ଷିତ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବା ମିଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କ୍ଷୟକ୍ଷତିର ତାଲିକା ପ୍ରସ୍ତୁତ କରି ସରକାରୀ ସହାୟତା ପାଇଁ ମିଲ୍ କର୍ତ୍ତୃପକ୍ଷ ଦାବି କରିଛନ୍ତି। କ୍ଷୟକ୍ଷତିର ସଠିକ୍ ଆକଳନ ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ତଦନ୍ତ କରାଯିବାକୁ ଦାବି କରାଯାଇଛି।

## ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି



ସୋହେଲା,୪।୮ (ସମିସ): ସୋହେଲା ବ୍ଲକ ତବଡ଼ା ପଞ୍ଚାୟତରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁଶାନ୍ତ ସିଂହଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ତବଡା ପଞ୍ଚାୟତର ବିଜୁ ଯୁବ ଜନତା ଦଳର ମହିଳାକର୍ମୀ ଓ ସମାଜସେବୀ କବିତା ସୁନା, ବିଭୂତି ସାହୁ, ବନିସ ସୁନା, ବୁଲୁ ପଧାନ, ମହେନ୍ଦ୍ର ମଟାରୀ, ଜ୍ୟୋତିର୍ମୟୀ ତରିଆଙ୍କ ସମେତ ବିଜେଡି କର୍ମୀ, ତବଡା ଗ୍ରାମର ବରିଷ୍ଠ ନାଗରିକ ଉପସ୍ଥିତ ରହି ସ୍ୱର୍ଗତ ସୁଶାନ୍ତ ସିଂହଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବରଗଡ଼,୪।୮ (ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବରଗଡ଼ ଓଡିଆ ବିଭାଗରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କମଗାଁ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟବତୀ ସାହୁ, ପରିଚାଳନା ସମିତିର ସଦସ୍ୟା ବିଷ୍ଣୁପ୍ରିୟା ବେହେରା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର, ତନୁଜା ପାଢ଼ୀ, ମୀନକେତନ ଦାଶ, ସମ୍ମାନନୀୟ ବିଚାରକ ମଣ୍ଡଳୀ ଉପସ୍ଥିତ ଥିଲେ। ମୋଟ ୧୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ୩୭ ଜଣ ବିଚାରକ ମୂଲ୍ୟାଙ୍କନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଡ. ମଳୟ ଦେବତା (ପୂର୍ବଛାତ୍ର ତଥା ସିନର୍ଜିର ଆସିଷ୍ଟାଣ୍ଟ ପ୍ରଫେସର), ସୁଶ୍ରୀ ସୀମାରାଣୀ ବେହେରା (ପୂର୍ବଛାତ୍ରୀ ତଥା ନିର୍ବାହୀ ଯନ୍ତ୍ରୀ ହୀରାକୁଦ ନଦୀବନ୍ଧ), ସୁଶ୍ରୀ ନିହାରିକା ଦେବତା (ପୂର୍ବଛାତ୍ରୀ ତଥା ପଦାର୍ଥ ବିଜ୍ଞାନର ଅଧ୍ୟାପିକା ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ଼), କୋଷାଧ୍ୟକ୍ଷ ସାନନ୍ଦ କର୍ମୀ,ଗୌରୀଶଙ୍କର ପଣ୍ଡା, ସହ ପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ବାରିକ ଉପସ୍ଥିତ ଥିଲେ।

● ସମ୍ବଲପୁରୀ ଭାଷା ମାନ୍ୟତା ଦାବିରେ ଆମରଣ ଅନଶନ

## ସୁଶାନ୍ତଙ୍କୁ ସମର୍ଥନ ଜଣାଇଲେ ପୂର୍ବତନ ବିଧାୟକ




ବରଗଡ଼,୪।୮ (ସମିସ): ବରଗଡ଼ ଗାନ୍ଧୀଛକରେ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ ଦାବିରେ ଆମରଣ ଅନଶନରେ ବସିଥିବା ସଂଗ୍ରାମୀ ସୁଶାନ୍ତ ମିଶ୍ରଙ୍କୁ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ସମର୍ଥନ ଜଣାଇଛନ୍ତି। ଗତ ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଦିନଠାରୁ ଅନଶନରେ ବସିଥିବା ସୁଶାନ୍ତଙ୍କ ଦାବିକୁ ଯୁକ୍ତିଯୁକ୍ତ ବୋଲି ଉଲ୍ଲେଖ କରି ପୂର୍ବତନ ବିଧାୟକ ଶ୍ରୀ ସରକାର ଏହାକୁ ମାନି ନିଅନ୍ତୁ ବୋଲି କହିଥିଲେ। ବିଗତ ସରକାର ସମୟରେ ଗଠିତ ହୋଇଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ରାଜ୍ୟ ବିଜେପି ସରକାର ସ୍ଥାଣୁ କରିଦେଇଥିବା ବେଳେ ୨ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଡ଼ିରହିଛି। ତେବେ ମାତ୍ର କାଁ ଭାଁ ପ୍ରକଳ୍ପ ମଞ୍ଜୁରୀ ପ୍ରଦାନ କରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିକାଶ ପ୍ରକ୍ରିୟାକୁ ଠପ୍ କରି ଦେଇ ଦକ୍ଷିଣ ଓଡ଼ିଶା ଉତ୍ତର ଓଡ଼ିଶା ପରିଷଦ ଗଠନ ଯୋଜନା ହାସ୍ୟାସ୍ପଦ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ପୌରାଧ୍ୟକ୍ଷା କଳ୍ପନା ମାଝି, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, କିଶୋର ମିଶ୍ର, କାଉନସିଲର ରେବତୀ ନାଏକ, ଉମା ଚରଣ ରାଉତ୍‌ଙ୍କ ସମେତ ଅବିନାଶ ମଲ୍ଲିକ, ଏମ ଡି ଜମୀର, ସମୀର ବାରିକ ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ।

## ଡଃ ରମେଶ ଚନ୍ଦ୍ର ମାଝିଙ୍କ ଜୟନ୍ତୀ ଓ ପୁସ୍ତକ ଉନ୍ମୋଚନ



ବରଗଡ଼,୪।୮ (ସମିସ): ଆଜି ସ୍ଥାନୀୟ ଗାନ୍ଧୀସ୍ମୃତି ପାଠାଗାର ସମ୍ମିଳନୀ କକ୍ଷରେ ବିଶିଷ୍ଟ ଶିକ୍ଷାବିତ୍ ଓ ସାରସ୍ୱତ ସାଧକ ସ୍ୱର୍ଗତ ଡଃ ରମେଶ ଚନ୍ଦ୍ର ମାଝିଙ୍କ ୮୭ତମ ଜୟନ୍ତୀ ଓ "ସାଗ୍ ଅଫ ଦି ଗ୍ରେସଫୁଲ ରାମାୟଣ' ଇଂରାଜୀ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ସର୍ଦ୍ଦାର ପ୍ରିତମ ସିଂଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ ଯୋଗଦାନ କରି ସ୍ୱର୍ଗତ ମାଝିଙ୍କ ସାରସ୍ୱତ ସୃଷ୍ଟିର ଆଲୋଚନା କରିଥିଲେ। ଅନୁବାଦକ ଡଃ ଗୋବର୍ଦ୍ଧନ ସାହୁ ଅନୁବାଦକୀୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପୁସ୍ତକକୁ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ସମୀକ୍ଷା କରିଥିଲେ। ସଭାପତି ଭାବେ ତରଣୀସେନ ବୁଧିଆ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ। ଏ ଅବସରରେ ଅନୁବାଦକ ଡଃ ଗୋବର୍ଦ୍ଧନ ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପୂର୍ବରୁ ଅଧ୍ୟାପିକା ସୁନନ୍ଦିନୀ ଦାଶ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ କପିଳ ବାଗ ମନ୍ତ୍ର ଉଚ୍ଚାରଣ କରିଥିଲେ। ରମେଶ ଚନ୍ଦ୍ର ମାଝି ସ୍ମୃତି କମିଟିରସଂପାଦକ ଡଃ ଶେଷନ ବିଶି ସଂପାଦକୀୟ ବିବରଣୀ, ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

● ଏଡିଇଓଙ୍କ ଉପସ୍ଥିତିରେ ଅଭିଭାବକ ବୈଠକ

## ୭ ଦିନ ଭିତରେ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି



ଝାରବନ୍ଧ,୪।୮ (ସମିସ): ଝାରବନ୍ଧ ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅମଠିରେ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସୟ ଯୋଗଦେଇ ଅଭିଭାଷଣ ରଖିଥିଲେ। ତାଙ୍କ ସହ ଝାରବନ୍ଧ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ ଏବଂ ବୈତାଲି କ୍ଲଷ୍ଟରର ସିଆରସିସି ଦିବସ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ଅଭିଭାବକମାନଙ୍କ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଫକୀରୁଦ୍ଦିନ ଖାନ୍ ଦୀର୍ଘଦିନ ଧରି ଲାଗି ରହିଥିବା ଶିକ୍ଷକ ଅଭାବ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଥିଲେ। ଜବାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୟ ଆସନ୍ତା ୭ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଦ୍ୟାଳୟର ଛାତ୍ରୀ ତଥା ଶିଶୁ ସାମ୍ବାଦିକ ପୁନମ ନାଏକ ବିଦ୍ୟାଳୟର ରୋଷେଇ ଗୃହ ସମେତ ଅନ୍ୟାନ୍ୟ ଭିତ୍ତିଭୂମିଗତ ସମସ୍ୟା ସମ୍ପର୍କରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଧାନ ଶିକ୍ଷକ ଅଶ୍ୱିନୀ ଭୋଇ ଧନ୍ୟବାଦ ଜଣାଇଥିଲେ।

**ଗୌରୀଶଙ୍କର ମନ୍ଦିରରେ ରୁଦ୍ରାଭିଷେକ**

ବରଗଡ଼,୪।୮ (ସମିସ): ବରଗଡ଼ ଷ୍ଟେଟବ୍ୟାଙ୍କ ପଛପଟେ ଥିବା ଗୌରୀଶଙ୍କର ମନ୍ଦିରରେ ପ୍ରତିବର୍ଷ ଶ୍ରାବଣ ମାସରେ ମାସସାରା ରୁଦ୍ରାଭିଷେକ ଓ ମହାଦେବଙ୍କ ପୂଜାର୍ଚ୍ଚନା ହୋଇଥାଏ। ଚଳିତ ବର୍ଷ ମଧ୍ୟ ରୁଦ୍ରାଭିଷେକ ହେଉଥିବାରୁ ଭକ୍ତଙ୍କ ଭିଡ଼ ଜମୁଛି। ମୁଖ୍ୟ ପଣ୍ଡିତ କିଶୋର ଚନ୍ଦ୍ର ଦାଶ ଏବଂ ତାଙ୍କ ସହଯୋଗୀ ପଣ୍ଡିତ ପିଙ୍କୁ ଦାଶ, ପଣ୍ଡିତ ପ୍ରବୀଣ ଦାଶ, ପଣ୍ଡିତ ପ୍ରତ୍ୟୁଷ ପାଣ୍ଡିଆ, ପଣ୍ଡିତ ରାଜେନ୍ଦ୍ର ତ୍ରିପାଠୀ, ହିରଧର ମାହାପାତ୍ର ଆଦି ପଣ୍ଡିତମାନେ ଶ୍ରାବଣୀ ପୂଜା କରିଆସୁଛନ୍ତି।

## ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିବସ



ପଦ୍ମପୁର,୪।୮ (ସମିସ): ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରର ୬୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ନାରୀଶିକ୍ଷା ପାଇଁ ନଗର ପରିକ୍ରମା କରାଯାଇଥିଲା। ଅନୁଷ୍ଠିତ ସଭାରେ ବିଦ୍ୟାଳୟର କର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୁଏ ଯୋଗଦେଇ ଶିକ୍ଷା ମାଧ୍ୟମରେ ନାରୀ ସଶକ୍ତିକରଣ ଓ ଚରିତ୍ର ଗଠନର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ଯୋଗଦେଇ ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ରାଜବୋଡାସମ୍ବର୍ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେର, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ନିରୋଜ ଦୋରା, ପ୍ରେମାନନ୍ଦ ବେହେରାଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଅଭିଭାବକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସଭାରେ ବିଦ୍ୟାଳୟର ଛଅ ଦଶନ୍ଧିର ଗୌରବମୟ ଇତିହାସ ଓ ବିଭିନ୍ନ କ୍ଷେତ୍ରରେ ସଫଳତା ସହିତ ପିଏମ୍‌ଶ୍ରୀ ଯୋଜନା ଅଧୀନରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା।

## ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ




ବରଗଡ଼,୪।୮ (ସମିସ): ବରଗଡ଼ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରି-ପ୍ରାଇମେରୀ ବିଭାଗ ପକ୍ଷରୁ ନୂଆ ଆସିଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ପାଇଁ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀ, ନୂତନ ପାଠ୍ୟକ୍ରମ, ମୂଲ୍ୟାଙ୍କନ ବ୍ୟବସ୍ଥା ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କରାଯାଉଥିବା ବିଭିନ୍ନ ପ୍ରୟାସ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଇବା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିଆ, ସାପଲିଙ୍ଗ୍ସ ଚେୟାରପର୍ସନ ମମତା ଅଗ୍ରୱାଲ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରଧାନଶିକ୍ଷକ କରଣ ସାହୁ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱଡ଼ିଆ, ଶ୍ରଦ୍ଧା ସାୱଡ଼ିଆ, ପ୍ରି-ପ୍ରାଇମେରୀ ସମନ୍ୱୟକ ମଧୁମିତା ସରାଫ ଏବଂ ସିସିଏ ସମନ୍ୱୟକ ବଂଶିତା ଗ୍ରୋଭରଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନ୍ୱେଷା ବିଶ୍ୱାଳ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ବିଭାଗର ଦୁଇ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ପଦ୍ମପୁର,୪।୮ (ସମିସ): ପଦ୍ମପୁର ସ୍ଥିତ ବିଦ୍ୟୁତ୍ ବିଭାଗ ପ୍ରାଙ୍ଗଣରେ ଦୁଇ ବରିଷ୍ଠ କର୍ମଚାରୀ ସୁରେନ୍ଦ୍ର କୁମାର ଦୋରା ଓ ମୁନସୀ ଗଡତିଆଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାରେ ୱେଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ-୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଜିତ ବେହେରା, ଉପଖଣ୍ଡ ବିଭାଗୀୟ ଅଧିକାରୀ ସନ୍ଦୀପ ଭୋଇ ଓ ସେକ୍ସନ ମ୍ୟାନେଜର କରବାବୁ ଉପସ୍ଥିତ ରହି ଅବସରପ୍ରାପ୍ତ କର୍ମଚାରୀଙ୍କ ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ୱେଷ୍ଟର୍ନ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ, ସମ୍ବଲପୁରର ସାଧାରଣ ସମ୍ପାଦକ ଲଳିତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଦୁଇ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ସ୍ମାରକ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ବିଲ୍‌ଡରଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସୋସାଇଟି ବାସିନ୍ଦା

ବରଗଡ,୪।୮ (ସମିସ)

ବରଗଡ଼ ସ୍ଥିତ ହରି ଓମ୍ ସୋସାଇଟି ବାସିନ୍ଦା ଅର୍ଜୁନ ରିଏଲଟରର ମାଲିକ ଚପାତି ଅର୍ଜୁନ ରାଓଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜମି ଓ ଫ୍ଲାଟ ବିକ୍ରିବେଳେ ପ୍ରତ୍ୟେକ ଘରମାଲିକଙ୍କଠାରୁ ରାସ୍ତା ଓ ଡ୍ରେନ ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ନେଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ପୂରଣ କରି ନାହାନ୍ତି। ଫ୍ଲାଟର ଉପରେ ବିନା ଅନୁମତିରେ ନିଜ ପାଇଁ ପଞ୍ଚମ ମହଲା ତିଆରି କରି ପରେ ଜଣେ ତଥାକଥିତ



ବାବାଙ୍କୁ ଭଡ଼ା ଦେଇଛନ୍ତି। ବର୍ତ୍ତମାନ ମଲ୍ଲିକାର୍ଜୁନ ଭୁବନେଶ୍ୱରରେ ରହୁଛନ୍ତି ଓ ତାଙ୍କ ଅନୁପସ୍ଥିତିରେ ତାଙ୍କ ଭାଇ ଚନ୍ଦ୍ରଶେଖର ରାଓ ବୁଝାବୁଝି କରୁଛନ୍ତି। ସେ ସୋସାଇଟି ବାସିନ୍ଦାଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଛନ୍ତି। ହରି ଓମ୍ ସୋସାଇଟି ପକ୍ଷରୁ ଓରେରା କୋର୍ଟରେ ମାମଲା ରୁଜୁ କରାଯାଇଥିବାବେଳେ ମାନ୍ୟବର ଅଦାଲତ ସୋସାଇଟି ସପକ୍ଷରେ ରାୟ ଦେବା ସହ ବରଗଡ଼ ସିଭିଲ କୋର୍ଟ ମଧ୍ୟ ତପୋବନ ଆଶ୍ରମ ପାଇଁ ରାସ୍ତା ଉପରେ ରହିତାଦେଶ ଜାରି କରିଛନ୍ତି। ତପୋବନ ନାମକ ଏକ ଅନୁଷ୍ଠାନ କରି ତାହାକୁ ଏକ ସ୍କିଲ ଟ୍ରେନିଂ ସେଣ୍ଟରକୁ ଲକ୍ଷାଧିକ ଟଙ୍କାରେ ଭଡ଼ା ଦେଇଛନ୍ତି। ପ୍ରତ୍ୟହ ଶହ ଶହ ଗାଡ଼ି ଯିବା ସହ ଅନେକ ଅସାମାଜିକ ବ୍ୟକ୍ତିଙ୍କର ପ୍ରବେଶ ହେଉଛି। ଯେଉଁଥିପାଇଁ ସୋସାଇଟି ବାସିନ୍ଦା ଅସୁରକ୍ଷିତ ମନେ କରୁଛନ୍ତି। ଏନେଇ ବହୁବାର ପୁଲିସ ପ୍ରଶାସନକୁ ଜଣାଇବା ପରେ ବି କୌଣସି ସମାଧାନ ହୋଇପାରି ନାହିଁ। ଏଣୁ ସୋସାଇଟିର ସୁରକ୍ଷା ତଥା ସମସ୍ୟାକୁ ନେଇ ଜିଲ୍ଲାପାଳ ବରଗଡ଼, ଏସ୍‌ପି, ଏସ୍‌ଡିପିଓ ବରଗଡ଼ଙ୍କୁ ଏକ ଲିଖିତ ଅଭିଯୋଗ ନେଇ ଭେଟିବାକୁ ହରି ଓମ୍ ସୋସାଇଟି ବାସିନ୍ଦା ଯାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଏସ୍‌ପି ରବୀନ୍ଦ୍ରନାଥ ଶତପଥୀ, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କୁ ଭେଟି କୋର୍ଟ ଅର୍ଡର ସହିତ ଦରଖାସ୍ତ ଦେଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ।

■ ମହିଳାଙ୍କୁ ଯୌନ ନିର୍ଯାତନା ମାମଲା

# କ୍ରାଇମବ୍ରାଞ୍ଚରେ ହାଜର ହେଲେ ଶରଣକୁଳ ଆଇଆଇସି

ନୟାଗଡ଼/ଭୁବନେଶ୍ୱର/କଟକ,୪।୮(ସମିସ): ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ନିଲମ୍ବିତ ହୋଇଥିବା ନୟାଗଡ଼ ଜିଲା ଶରଣକୁଳ ଥାନାର ପୂର୍ବତନ ଆଇଆଇସି ସୁଜିତ କୁମାର ଦାଶ ଆଜି କ୍ରାଇମବ୍ରାଞ୍ଚରେ

**ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢଉ**

ହାଜର ହୋଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁଜିତ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ନିକଟରେ ହାଜର ହୋଇଛନ୍ତି। ଯୌନ ନିର୍ଯାତନା ଅଭିଯୋଗରେ ସୁଜିତଙ୍କ ନାମରେ କ୍ରାଇମ ବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ପୂର୍ବରୁ ସୁଜିତଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ରହିତାଦେଶ ଲଗାଇଛନ୍ତି। ହେଲେ ମାମଲାର ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

ସୁଜିତଙ୍କୁ କ୍ରାଇମ ବ୍ରାଞ୍ଚ ଅଧିକାରୀ ଜେରା



କରୁଥିବା ବେଳେ ତାଙ୍କର ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢଉ କରାଯାଇଛି। ତଦନ୍ତକାରୀ ଟିମର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ, ଆସନ୍ତା ୧୭ ରେ ହେବାକୁ ଥିବା ଶୁଣାଣି ପାଇଁ ଆବଶ୍ୟକ ସମସ୍ତ ପ୍ରମାଣପତ୍ର ଏବେ ଯୋଗାଡ ଚାଲିଛି। ନିର୍ଦ୍ଦିଷ୍ଟ ସମୟରେ ଏହାକୁ କୋର୍ଟରେ ଦାଖଲ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ମୁତାବକ, ନୟାଗଡ଼ ସହରରେ ଥିବା ଏକ ହୋଟେଲ ତାଙ୍କୁ ସୁଜିତ ରଖିଥିଲେ। ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସକୁ ନେଇ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରୁଥିଲେ। ଗୁରୁତର ଆଚରଣଗତ ତ୍ରୁଟି ଏବଂ କର୍ତ୍ତବ୍ୟରେ ଅବହେଳା ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିଥିଲେ। ମାମଲାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖାକୁ ନିର୍ଦ୍ଦେଶ ଦେଇଥିଲେ। ଗିରଫଦାରୀ ଏଡାଇବାକୁ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। କୋର୍ଟ ତାଙ୍କୁ କ୍ରାଇମବ୍ରାଞ୍ଚରେ ହାଜର ହୋଇ ଚାଲୁରହିଥିବା ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଦୟନିଧି ଷ୍ଟାଲିନ୍‌ଙ୍କୁ...

ବିବେଚନା କରାଯାଉଛି। ତେବେ ହାଇକୋର୍ଟରେ ଏହି ମାମଲା ପହଞ୍ଚିବା ପରେ ସନ୍ଧ୍ୟାରେ ଷ୍ଟାଲିନଙ୍କୁ ଛାଡ଼ି ଦିଆଯାଇଛି। ଏହି ମାମଲାରେ ଷ୍ଟାଲିନଙ୍କୁ ପଚରାଉଚରା ପରେ ପୁଲିସ ମୁକ୍ତ କରିଛି। ତ୍ରିଶା ମୁଖ୍ୟମନ୍ତ୍ରୀ ବିଜୟଙ୍କ ବାନ୍ଧବୀ ବୋଲି କୁହାଯାଉଛି।

ଅନ୍ୟପଟେ, ଡିଏମକେ ଏହି କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ପ୍ରତିଶୋଧ ବୋଲି କହିଛି। ଡିଏମକେ ସାଂସଦ କାନିମୋଝୀ କହିଛନ୍ତି ଯେ ବିଧାନସଭା ଅଧିବେଶନ ପୂର୍ବରୁ ବିରୋଧୀ ଦଳ ନେତାଙ୍କୁ ଗିରଫ କରିବା ସରକାରଙ୍କ କାପୁରୁଷତାକୁ ଦର୍ଶାଉଛି। ଷ୍ଟାଲିନ୍ ନିଜ ମନ୍ତବ୍ୟକୁ ସମର୍ଥନ କରି କହିଛନ୍ତି ଯେ ସେ କୌଣସି ଭୁଲ କରିନାହାନ୍ତି। ତେବେ ମାଡ୍ରାସ ହାଇକୋର୍ଟରେ ଏହି ମାମଲାର ଶୁଣାଣି ପରେ, ରାଜ୍ୟ ସରକାର ତାଙ୍କୁ ଆଜି ହିଁ ପଚରାଉଚରା ପରେ ଷ୍ଟେସନ ବେଲ୍‌ରେ ମୁକ୍ତ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ସରକାରୀ ଓକିଲ କୋର୍ଟରେ ସ୍ପଷ୍ଟ କରିଛନ୍ତି ଯେ ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ ତାଙ୍କୁ ହେପାଜତକୁ ନିଆଯାଇଥିଲା ଏବଂ ଆଜି ହିଁ ତାଙ୍କୁ ଛାଡ଼ି ଦିଆଯିବ।

### ତୃଣ ମୂଳ କଂଗ୍ରେସ...

ନାହୁଁ, କି ବିଜେପିରେ ମଧ୍ୟ ଯୋଗ ଦେବାର ପ୍ରଶ୍ନ ଉଠୁନାହିଁ। ଆମେ ଏନଡିଏ ବୈଠକକୁ ଯିବୁ ନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଡାକିଥିବା ବୈଠକକୁ ଯିବୁ। ଏହା ସଂପୂର୍ଣ୍ଣ ରୂପେ ବିକାଶ କାର୍ଯ୍ୟକ୍ରମକୁ ନେଇ ଆଧାରିତ ହେବ। ମୁସଲିମ ସଂପ୍ରଦାୟର ସ୍ୱାର୍ଥକୁ କ୍ଷତି ପହଞ୍ଚାଉଥିବା କୌଣସି ପଦକ୍ଷେପକୁ ଆମେ ସମର୍ଥନ କରିବୁ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏହି ତିନି ଜଣ ସାଂସଦ ମୁସଲିମ ବହୁଳ ନିର୍ବାଚନମଣ୍ଡଳୀ ମୁର୍ଶିଦାବାଦ, ଜାଙ୍ଗିପୁର ଏବଂ ବହରାମପୁରକୁ ପ୍ରତିନିଧିତ୍ୱ କରୁଛନ୍ତି। ସେମାନେ ମମତାଙ୍କୁ ଛାଡ଼ି ବିଜେପି ସହିତ ହାତ ମିଳାଇବା ପରେ ଏହି ନିର୍ବାଚନମଣ୍ଡଳୀରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ସେମାନଙ୍କୁ ବିରୋଧ କରାଯାଉଥିବାରୁ ଏହି ସାଂସଦ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

ସୂଚନାଯୋଗ୍ୟ ଯେ ୨୦ ଜଣିଆ ବିଦ୍ରୋହୀ ଗୋଷ୍ଠୀ ଏନ୍‌ସିପିଆଇରେ ସାମିଲ ହୋଇଥିଲେ ମଧ୍ୟ ବାଚସ୍ପତି ଏହାକୁ ମଞ୍ଜୁରୀ ଦେଇ ନାହାନ୍ତି।

### ଇ-୨୦ ପେଟ୍ରୋଲକୁ...

ଯେକୌଣସି ଗୋଟିଏକୁ ବାଛିବାର ବିକଳ୍ପ ରହିବା ଆବଶ୍ୟକ, ଇଥାନଲ ମିଶ୍ରିତ ପେଟ୍ରୋଲର ମୂଲ୍ୟ ହ୍ରାସ କରାଯାଉ ଆଦି ଦାବି କେଜ୍ରିୱାଲ ଉପସ୍ଥାପନ କରିଛନ୍ତି। ଏହି ଘଟଣାକୁ ନେଇ ବିଜେପି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେପି ସାଂସଦ ତରୁଣ ଚୁଘ୍ ଏହାକୁ ଏକ ଅର୍ଥହୀନ ଅଭିଯାନ ବୋଲି କହିବା ସହ ଏହା ଚାଷୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରିଛନ୍ତି।

ସୂଚନାଯୋଗ୍ୟ, ଗତ ମାସ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରି ପ୍ରଧାନମନ୍ତ୍ରୀଙ୍କ ଆବାସ ଅଭିମୁଖେ ପଦଯାତ୍ରା କରିଥିଲେ ଏବଂ ସେଠା।।ରେ ତାଙ୍କୁ ଅଟକ ରଖାଯାଇଥିଲା। ଆଜିର ପଦଯାତ୍ରା ପାଇଁ ପୁଲିସ ପକ୍ଷରୁ କୌଣସି ଆନୁଷ୍ଠାନିକ ଅନୁମତି ଦିଆଯାଇନଥିବା ଜଣାପଡ଼ିଛି।

### ଓଡ୍ରାଫ୍ ହେବ...

ସେବେଠାରୁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଓଡ୍ରାଫ୍‌କୁ ଆଧୁନିକୀକରଣ କରିବରେ ଗୁରୁତ୍ୱ ଦେଇ ଆସିଥିଲେ। ଓଡ୍ରାଫ୍ ଜବାନମାନେ ଅଗ୍ନିଶମ ସେବା, ଜଳ ଉଦ୍ଧାର, ଭଙ୍ଗା କୋଠାରୁ ଲୋକଙ୍କୁ ଉଦ୍ଧାର, ପ୍ରାଥମିକ ଚିକିତ୍ସା ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଉନ୍ନତ ପ୍ରଶିକ୍ଷଣ ପାଇଆସୁଛନ୍ତି। ଫଳସ୍ୱରୂପ ବାତ୍ୟା, ବନ୍ୟା, ଭୂସ୍ଖଳନ, ସଡ଼କ ଦୁର୍ଘଟଣା ଏବଂ ଅନ୍ୟାନ୍ୟ ବଡ଼ ବିପର୍ଯ୍ୟୟରେ ଓଡ୍ରାଫ୍ ପ୍ରମୁଖ ବାହିନୀ ଭାବେ ସେଠାରେ ପହଞ୍ଚି ହଜାର ହଜାର ଲୋକଙ୍କ ଜୀବନ ରକ୍ଷା କରି ଆସୁଛି। ବିଶେଷ କରି ଫାଇଲିନ୍ (୨୦୧୩), ହୁଡହୁଡ୍ (୨୦୧୪), ଫନି (୨୦୧୯), ୟାସ୍ (୨୦୨୧) ଏବଂ ବିଭିନ୍ନ ବନ୍ୟା ପରିସ୍ଥିତିରେ ଓଡ୍ରାଫ୍‌ର ଦକ୍ଷତା ଓ ସାହସ ପ୍ରଶଂସିତ ହୋଇଛି। ଆଜି ଓଡ୍ରାଫ୍ କେବଳ ଓଡ଼ିଶାରେ ନୁହେଁ, ଆବଶ୍ୟକ ପଡ଼ିଲେ ଅନ୍ୟ ରାଜ୍ୟରେ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛି। ଆଧୁନିକ ଉପକରଣ, ନିୟମିତ ପ୍ରଶିକ୍ଷଣ ଏବଂ ଉଚ୍ଚମାନର ପ୍ରସ୍ତୁତି ଯୋଗୁଁ ଓଡ୍ରାଫ୍ ଆଜି ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଭାବେ ପରିଚୟ ଲାଭ କରିଛି। ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ଏଭଳି ପରିକଳ୍ପନା ପରେ କେନ୍ଦ୍ର ସରକାର ମଧ୍ୟ ଓଡ୍ରାଫ୍ ଢାଞ୍ଚାରେ ଏନ୍‌ଡିଆର୍‌ଏଫ୍ ଗଠନ କରିଛନ୍ତି।

ତେବେ ରାଜ୍ୟ ସରକାର ଏହି ବାହିନୀର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେବା ପରେ ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ଆରମ୍ଭ ହୋଇଛି। ସରକାର କହିଛନ୍ତି, ଚଳିତ ବନ୍ୟାରେ ଏପର୍ଯ୍ୟନ୍ତ ସର୍ବମୋଟ୍ ୪୯୦ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଓଡ୍ରାଫ୍ ଟିମ୍ ସଫଳତାର ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବା ପ୍ରଦାନ କରିଛି। ତେବେ ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ଆଇନ୍, ୨୦୨୫ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ / ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ (ଏସ୍‌ଡିଆର୍‌ଏଫ୍) ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧ୍ୟାଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସ୍‌ଡିଆର୍‌ଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି। ଏହି କ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା କମିଟିର ବୈଠକରେ ଓଡ୍ରାଫକୁ ରାଜ୍ୟର ଏସ୍‌ଡିଆର୍‌ଏଫ ଭାବେ ଉନ୍ନୀତ କରିବା ନିମନ୍ତେ ଆଲୋଚନା ହୋଇଛି।

ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏସ୍‌ଡିଆର୍‌ଏଫ) ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତ୍ତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ସମ୍ବଲପୁର ବିଜେପି ଯୁବ...

ମଧ୍ୟରେ ପ୍ରଚୁର ଝଗଡ଼ା ଲାଗିଥିଲା। ଏଥିରେ ଉତ୍ୟକ୍ତ ହୋଇ ଜଣେ ସଦସ୍ୟ ରେଙ୍ଗାଲି ଅଞ୍ଚଳର ଅନ୍ୟ ଜଣେ ସଦସ୍ୟଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲେ। ପରେ ପରିବାରଲୋକଙ୍କ ହସ୍ତକ୍ଷେପ ପରେ ଏହି ଘଟଣାକୁ ଚାପି ଦିଆଯାଇଥିଲା।

### ବନ୍ଦହେବ ଜଳ...

ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଜଳଭଣ୍ଡାରଗୁଡ଼ିକରେ ପାନୀୟ ଜଳ ଏବଂ କୃଷି ଜଳସେଚନ ପାଇଁ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ କରିବାକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯିବ। ଯଦି କୌଣସି ଜଳଭଣ୍ଡାରରେ ଜଳସ୍ତର ନିର୍ଦ୍ଧାରିତ ସୀମାଠାରୁ କମ୍ ଥାଏ, ତେବେ ତୁରନ୍ତ ଜଳବିଦ୍ୟୁତ୍ ଉତ୍ପାଦନ ବନ୍ଦ କରିବାକୁ କୁହାଯାଇଛି। ରାଜ୍ୟର ସମସ୍ତ ବିଦ୍ୟୁତ୍ ଉତ୍ପାଦନକାରୀ ଜଳଭଣ୍ଡାରଗୁଡ଼ିକ ଉପରେ ୨୪ ଘଣ୍ଟିଆ ନଜର ରଖିବା ସହ ଲାଇଭ୍ ଷ୍ଟୋରେଜ୍ ସ୍ତର, ଜଳ ପ୍ରବେଶ ଓ ହ୍ରାସ ହାରର ଦୈନିକ ହିସାବ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଜଳ ସ୍ତର କ୍ରିଟିକାଲ୍ସ ବେସାଲ୍ଡ ତଳକୁ ଖସିଲେ ବିନା କୌଣସି ଅତିରିକ୍ତ ଅନୁମୋଦନ ପାଇଁ ଅପେକ୍ଷା ନକରି ବିଦ୍ୟୁତ୍ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ କୁହାଯାଇଛି। ଯାହାଫଳରେ ପାନୀୟ ଜଳ ତଥା କୃଷି କାର୍ଯ୍ୟରେ ବାଧା ଉତ୍ପନ୍ନ ହେବ ନାହିଁ ବୋଲି ରାଜ୍ୟ ସରକାର ବିଚାର କରୁଛନ୍ତି।

ସୂଚନାଯୋଗ୍ୟ ଯେ ଏଯାବତ୍ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ତେବେ ଆଗାମୀ ଦିନରେ ବର୍ଷାର ପରିମାଣ କମିବା ନେଇ କେତେକ ପାଣିପାଗ ତଥା କୃଷି ବିଜ୍ଞାନୀ ଆକଳନ କରୁଥିବାରୁ ରାଜ୍ୟ ସରକାର ଏନେଇ ଆଗୁଆ ପଦକ୍ଷେପ ନେଇଥିବା ଜଣାପଡ଼ିଛି।

### ଧାରା ଶ୍ରାବଣରେ...

ରହୁଛି। ଏଭଳି ସ୍ଥିତି ୮ ତାରିଖ ପର୍ଯ୍ୟନ୍ତ ଜାରି ରହିବା ସହ ଏହା ପରେ ଏକ ଲଘୁଚାପ ଆଶଙ୍କା ରହିଥିବାରୁ ପାଗରେ ପରିବର୍ତ୍ତନ ଆସିବ ବୋଲି ପୂର୍ବାନୁମାନ କରାଯାଇଛି।

ଜୁନ୍ ୧ରୁ ଅଗଷ୍ଟ ୪ ମଧ୍ୟରେ ୭୫୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୬୦୦ ମିଲିମିଟ ତୁଳନାରେ ବର୍ତ୍ତମାନ ସୁଧା ବର୍ଷାର ପରିମାଣ ୨୬ ପ୍ରତିଶତ ଅଧିକ ରହିଛି। ମାଲକାନଗିରି, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ଗଞ୍ଜାମ, ଝାରସୁଗଡ଼ା, ମୟୂରଭଞ୍ଜ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ବାକି ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ଅଧିକ ରହିଛି।

### ରାଜ୍ୟରେ କମୁଛି...

ପ୍ରୋତ୍ସାହନ ଯୋଜନା ଅନୁସାରେ, ଜଣେ ସୂଚନାଦାତା ଅଣପଞ୍ଜୀକୃତ ଅଲଟ୍ରାସାଉଣ୍ଡ କ୍ଲିନିକ, ଲିଙ୍ଗ ଚୟନ କିମ୍ବା ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପ୍ରଦାନ କଲେ ୨୫୦୦୦ ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

ପିସିପିଏନଡିଟି ଆଇନର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ଦୃଢ଼ ନିୟମ, କଠୋର ଆଇନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗଗୁଡ଼ିକ ସାମିଲ କରି ସମନ୍ୱୟ ଦ୍ୱାରା ଲିଙ୍ଗ ଅନୁପାତରେ ଉନ୍ନତି ଅଣାଯିବା ଉପରେ ବୋର୍ଡ ଗୁରୁତ୍ୱାରୋପ କରିଛି। ରାଜ୍ୟରେ ଅଲଟ୍ରାସାଉଣ୍ଡ ସୁବିଧାର ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ନବୀକରଣ, ଅନ୍‌ଲାଇନ୍ ଫର୍ମ-ଏଫ୍ ରିପୋର୍ଟ, ପଞ୍ଜୀକୃତ ଡାକ୍ତରୀ ପ୍ରାକ୍ଟିସନର ଯାଞ୍ଚ ପାଇଁ ଓଡ଼ିଶା କାଉନସିଲ ଅଫ୍ ମେଡିକାଲ ରେଜିଷ୍ଟ୍ରେସନ୍ (ଓସିଏମଆର) ସହିତ ସମନ୍ୱୟ ଏବଂ ଆଭା ପଞ୍ଜୀକୃତ ଅଧିକାରୀ ପ୍ରମାଣୀକରଣ କାର୍ଯ୍ୟକ୍ଷମ କରିବା ସହ ସ୍ୱଚ୍ଛତା ଦାୟିତ୍ୱ ଏବଂ ତଦାରଖରେ ଉଲ୍ଲେଖନୀୟ ଉନ୍ନତି ଆସିଥିବା ଆଲୋଚନା ହୋଇଥିଲା। ବୈଠକରେ ବିଧାୟିକା ଉପାସନା ମହାପାତ୍ର, ସଞ୍ଜଲି ମୁର୍ମୁ, ସ୍ୱାସ୍ଥ୍ୟ ବିଭାଗ ଶାସନସଚିବ ତଥା କମିଶନର ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମଡି ଡ. ବୃନ୍ଦା ଡି. ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଡାକ ସର୍କଲରେ ପ୍ରସ୍ତାବିତ ପୁନର୍ଗଠନ ପ୍ରସ୍ତାବ**

# ଭୁବନେଶ୍ୱରରୁ ସମ୍ବଲପୁର ଅଧୀନକୁ ଯିବ ମୟୂରଭଞ୍ଜ ଓ ରାଇରଙ୍ଗପୁର ମଣ୍ଡଳ

**ରିଜନାଲ ଜଏଣ୍ଟ କନସଲଟେଟିଭ ମେସିନାରୀ (ଆରଜେସିଏମ) କର୍ମଚାରୀ ସଂଘର ବିରୋଧ**

ବାରିପଦା, ୪।୮(ସମିସ): ଓଡ଼ିଶା ଡାକ ସର୍କଲରେ ଅଞ୍ଚଳ, ଡିଭିଜନ ଓ ସବ୍‌ଡିଭିଜନର ପ୍ରସ୍ତାବିତ ପୁନର୍ଗଠନକୁ ନେଇ ରିଜନାଲ ଜଏଣ୍ଟ କନସଲଟେଟିଭ ମେସିନାରୀ (ଆରଜେସିଏମ) କର୍ମଚାରୀ ସଂଘ ବିରୋଧ କରୁଛି। ଏହି ପ୍ରସ୍ତାବକୁ ବିଲମ୍ବିତ ରଖି ବ୍ୟାପକ ସମୀକ୍ଷା କରିବାକୁ ଆବେଦନ କରାଯାଇଛି। ପୁରୀରୁ ୩ ଅଗଷ୍ଟ ୨୦୨୬ ତାରିଖରେ ଜାରି ହୋଇଥିବା ଏକ ଚିଠିରେ ଆରଜେସିଏମ କର୍ମଚାରୀ ସଂଘ ପକ୍ଷରୁ ସମ୍ପାଦକ ସପନ କୁମାର ମହାନ୍ତି ଓ ନେତା ରାଜେଶ ଚନ୍ଦ୍ର ବୋହିଦାର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଲଜିତ ସିଂଙ୍କୁ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୁନର୍ଗଠନ ପ୍ରସ୍ତାବ ଅନୁଯାୟୀ, ମୟୂରଭଞ୍ଜ ଡାକ ମଣ୍ଡଳ ଓ ରାଇରଙ୍ଗପୁର ଡାକମଣ୍ଡଳକୁ ମୁଖ୍ୟାଳୟ (ଭୁବନେଶ୍ୱର) ପରିମଣ୍ଡଳରୁ ସମ୍ବଲପୁର ପରିମଣ୍ଡଳକୁ ସ୍ଥାନାନ୍ତର କରାଯିବ। ସେହିପରି ନୟାଗଡ଼ ମଣ୍ଡଳକୁ ମଧ୍ୟ ଭୁବନେଶ୍ୱରରୁ ବ୍ରହ୍ମପୁର ପରିମଣ୍ଡଳକୁ ନିଆଯିବ। ଆରଏମଏସ ବିଜି ମଣ୍ଡଳ ଓ ଆରଏମଏସ ଏନ ମଣ୍ଡଳକୁ ମିଶାଇ ଦିଆଯିବ। କଟକ ସିଟି ମଣ୍ଡଳର ଗୋଟିଏ ପୋଷ୍ଟାଲ ସବ୍‌ଡିଭିଜନକୁ କଟକ ସାଉଥ ମଣ୍ଡଳକୁ ସ୍ଥାନାନ୍ତର କରାଯିବ। କର୍ମଚାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ଏହି ପରିବର୍ତ୍ତନ ଫଳରେ ପ୍ରଶାସନିକ, କାର୍ଯ୍ୟକାରୀ ଓ ମାନବ ସମ୍ପଦ ସମସ୍ୟା ସୃଷ୍ଟି ହେବ ଓ ଦକ୍ଷତାରେ କୌଣସି ଉଲ୍ଲେଖନୀୟ ଉନ୍ନତି ହେବନାହିଁ। ବିଶେଷ ଭାବେ ମୟୂରଭଞ୍ଜ ଓ ରାଇରଙ୍ଗପୁର ଡିଭିଜନ କ୍ଷେତ୍ରରେ ବର୍ତ୍ତମାନ ହେଡକ୍ୱାର୍ଟର ରିଜନାଲ ଅଫିସରୁ ଦୂରତା ପ୍ରାୟ ୨୫୦/୩୦୦ କିଲୋମିଟର। ପ୍ରସ୍ତାବିତ ବ୍ୟବସ୍ଥାରେ ଏହା ସମ୍ବଲପୁରରୁ ପ୍ରାୟ ୩୦୦/୩୮୦ କିଲୋମିଟର ହୋଇଯିବ। ଫଳରେ ୧୨୦/୨୦୦ କିଲୋମିଟରରୁ ଅଧିକ ଦୂରତା ବଢ଼ିବ।



ସେହିପରି ନୟାଗଡ଼ ଡିଭିଜନ କ୍ଷେତ୍ରରେ ମଧ୍ୟ ପ୍ରଶାସନିକ ଦୂରତା ବଢ଼ିବ। ଏହି ଦୂରତା ବୃଦ୍ଧି ଫଳରେ ନିରୀକ୍ଷଣ, ସମୀକ୍ଷା ବୈଠକ, ତଦନ୍ତ, ଶୃଙ୍ଖଳା କାର୍ଯ୍ୟବାହୀ ଆଦିରେ ବିଳମ୍ବ ହେବ। ଖର୍ଚ୍ଚ ବଢ଼ିବ ଓ କ୍ଷେତ୍ରସ୍ତରୀୟ ତଦାରଖ କମିଯିବ ବୋଲି କର୍ମଚାରୀଙ୍କ ପକ୍ଷରୁ ଦାବି କରାଯାଇଛି।

ଆରଏମଏସ ମଣ୍ଡଳ (ଡିଭିଜନ) ମିଶ୍ରଣ ଓ କଟକର ସବ୍‌ଡିଭିଜନ ସ୍ଥାନାନ୍ତର ବିଷୟରେ ମଧ୍ୟ ବିସ୍ତୃତ ଅଧ୍ୟୟନ ବିନା ନିଷ୍ପତ୍ତି ନେବାକୁ ସେମାନେ ବିରୋଧ କରିଛନ୍ତି। କର୍ମଚାରୀମାନଙ୍କୁ ଅଧିକ ଦୂରତା ଯାତ୍ରା କରିବାକୁ ପଡ଼ିବ, ଯାହାଫଳରେ କାର୍ଯ୍ୟକ୍ଷମ ସମୟ ହ୍ରାସ ପାଇବ ଓ ଶାରୀରିକ କ୍ଲାନ୍ତି ବଢ଼ିବ। ଏଭଳି ବଡ଼ ପରିବର୍ତ୍ତନ ପୂର୍ବରୁ ଭୌଗୋଳିକ ଅଭିଗମ୍ୟତା, କାର୍ଯ୍ୟଭାର, ଆର୍ଥିକ ପ୍ରଭାବ, ଜନସାଧାରଣର ସୁବିଧା ଓ ସମସ୍ତ ଷ୍ଟେକହୋଲ୍ଡରଙ୍କ ମତାମତକୁ ବିଚାରକୁ ନେଇ ବ୍ୟାପକ ଅଧ୍ୟୟନ କରାଯିବା ଉଚିତ। ଏହାପୂର୍ବରୁ ଆରଜେସିଏମ ମାଧ୍ୟମରେ ଆଲୋଚନା କରାଯିବା ଆବଶ୍ୟକ। ଏଥିପାଇଁ ପ୍ରସ୍ତାବିତ ପୁନର୍ଗଠନକୁ ବିଲମ୍ବିତ ରଖି ସମୀକ୍ଷା କରିବା ଓ କର୍ମଚାରୀଙ୍କ ସହିତ ଆଲୋଚନା କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକମଣ୍ଡଳ (ଡିଭିଜନ) ସମ୍ବଲପୁର ପରିମଣ୍ଡଳ (ରିଜିଓନ) ଅଧୀନକୁ ଯିବାକୁ ଘୋର ବିରୋଧ କରିଛନ୍ତି। ସେ ଗୁରୁବାର ଭୁବନେଶ୍ୱରରେ ଡାକ ବିଭାଗର ରାଜ୍ୟ ମୁଖ୍ୟଙ୍କୁ ଭେଟି ପ୍ରତିବାଦ ପତ୍ର ପ୍ରଦାନ କରିବେ। ନିଷ୍ପତ୍ତିର ପୁନର୍ବିଚାର କରା ନ ଗଲେ ଭଞ୍ଜସେନା ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ବୃହତ୍ତ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ବାରିପଦା, ରାଇରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଡାକମଣ୍ଡଳକୁ ନେଇ ଉତ୍ତର ଓଡିଶା ଡାକମଣ୍ଡଳ ଗଠନ କରାଯାଇ ମୟୂରଭଞ୍ଜରେ ଏହାର ମୁଖ୍ୟାଳୟ କରିବାକୁ ଶ୍ରୀ ଜେନା ମଙ୍ଗଳବାର ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କୁ ଏକ୍ସ ଯୋଗେ ଟ୍ୱିଟ କରି ଅନୁରୋଧ ଜଣାଇଛନ୍ତି।

# କାକଟପୁର ମା’ ମଙ୍ଗଳା ପୀଠରେ ହେବ ଉନ୍ନତୀକରଣ

ଭୁବନେଶ୍ୱର,୪।୮(ସମିସ): ପୁରୀ ଜିଲ୍ଲା କାକଟପୁର ମା’ମଙ୍ଗଳା ପୀଠର ବିଜେ ସ୍ଥଳୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ। ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମିଳିତ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ମନ୍ଦିରର ମରାମତି, ରୋଷଗୃହ ନିର୍ମାଣ, ପାର୍କିଂ ସ୍ଥଳୀର ଉନ୍ନତିକରଣ,



■ ଚିଲିକା, କାଳିଜାଇ ଓ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ ନେଇ ନକ୍ସା ପ୍ରସ୍ତୁତ ଉପରେ ଗୁରୁତ୍ୱ

■ ଇକୋ-ଟୁରିଜିମ୍ ସହ ଦୁଃସାହସିକ କ୍ରୀଡା, ୱାଟର ସ୍ପୋର୍ଟସ୍, ଟ୍ରେକିଂର ମଜାନେବେ ପର୍ଯ୍ୟଟକ

ସେବାୟତ ଭବନ ନିର୍ମାଣ, ଯାତ୍ରୀନିବାସ ଓ ଚନ୍ଦନ ଘାଟର ଆଧୁନିକୀକରଣ, ଭୋଗ ଦୋକାନ ଓ ଐତିହ୍ୟ ଗେଟ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ସେହିପରି ଏସିଆର ସର୍ବବୃହତ କ୍ଷାରୀୟ ହ୍ରଦ ଚିଲିକା ଏବଂ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ କରାଯିବ। ଚିଲିକା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାସୁଯୋଗ ଲାଗି ଭିତ୍ତିଭୂମି ନିର୍ମାଣ କରାଯିବା ସହ ଆଖପାଖ ଅଞ୍ଚଳକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରାଯିବ। ଚିଲିକାକୁ ଏକ ଆକର୍ଷଣୀୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସହ ମା’ କାଳିଜାଇ ପୀଠର ସର୍ବାଙ୍ଗୀନ ବିକାଶ ସହ ଚିଲିକାର ପରିବେଶ, ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏନେଇ ଚିଲିକା ହ୍ରଦର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତ ନେଇ ଆଲୋଚନା ହୋଇଥିଲା।

ବୈଠକରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏହାର ବିକାଶ ନେଇ ପ୍ରସ୍ତୁତ ନକ୍ସା ପ୍ରଦର୍ଶିତ ହୋଇଥିଲା। ଏଥିରେ ଉନ୍ନତ ରାସ୍ତାଘାଟ ନିର୍ମାଣ ସହ ଜେଟିଗୁଡିକର ବିକାଶ, ପାର୍କିଂ ସ୍ଥାନ ନିର୍ମାଣ, ପକ୍ଷୀ ଦେଖିବା ପାଇଁ ବାର୍ଡସ ଭ୍ୟୁ ପଏଣ୍ଟ, ସାଇକେଲ ଟ୍ରାକ୍, ରୋଲର ସ୍କେଟିଂ, ୱାଟର ସ୍ପୋର୍ଟସ, ବୋଟିଂ ଭଳି ଦୁଃସାହସିକ କ୍ରୀଡ଼ା ଲାଗି ସୁବିଧା କରାଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଟ୍ରି-ହାଉସ୍, ଟ୍ରେକିଂ ୱେ, ଓପନ୍ ଫୁଡ୍ କୋର୍ଟ, ବଣଭୋଜି ଅଞ୍ଚଳର ବିକାଶ ସହ ଓଡିଶାର ଐତିହ୍ୟକୁ ପ୍ରଦର୍ଶିତ କରିବା ଭଳି କଳାକୃତି ସ୍ଥାନିତ କରିବା ଉପରେ ଆଲୋଚନା ହୋଇଥିଲା। ଏହାସହ ଗୋପାଳପୁରଠାରୁ ବାହୁଦାକୁ ସଂଯୋଗ କରି ଗ୍ରୀନ୍‌ଫିଲ୍ଡ ରାସ୍ତା ନିର୍ମାଣ ସହ ପାରିପାର୍ଶ୍ୱର୍କ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ନେଇ ଆଲୋଚନା ହୋଇଥିଲା। ବୈଠକରେ ଓବିସିସି ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡଙ୍ଗୀ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ ତ୍ରିନାଥ ବେହେରାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତମାନେ ଉପସ୍ଥିତ ଥିଲେ।

# ଚୁକ୍ତିଭିତ୍ତିକ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟଙ୍କ ଚାକିରି ସମାପ୍ତି ନିର୍ଦ୍ଦେଶ ରଦ୍ଦ

କଟକ,୪।୮(ସମିସ): ସମସ୍ତ ଜିଲ୍ଲାରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ଅଫିସରେ କାର୍ଯ୍ୟରତ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ (ଡିପିଏ)ଙ୍କ ଚାକିରି ସମାପ୍ତ ପାଇଁ ରାଜ୍ୟ ସରକାରଙ୍କ ୨୦୧୯ ଜୁନ୨୨ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସଙ୍ଗୀତା ହୋତା ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏଥିସହ ଆବେଦନକାରୀଙ୍କ ଦାବି ଉପରେ ସରକାର ବିଚାର କରି ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବାକୁ ହାଇକୋର୍ଟ କହିଛନ୍ତି।

ଆବେଦନକାରୀମାନେ ୨୦୧୪-୧୫ରୁ ଚୁକ୍ତିଭିତ୍ତିକ ଭାବେ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ ପଦରେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ଆର୍ଥିକ ସହାୟତାରେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟ ପରିଚାଳନା ପାଇଁ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ୨୦୧୭ରେ କେନ୍ଦ୍ର ସରକାର ଏହି ଯୋଜନା ପାଇଁ ପାଣ୍ଠି ଯୋଗାଣ ବନ୍ଦ କରିଦେବା ପରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ କିଛିଦିନ ସେବା ବୃଦ୍ଧି କରିଥିଲେ। ୨୦୧୯ରେ ସେମାନଙ୍କ ସେବା ସମାପ୍ତ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏଗୁଡ଼ିକ ସ୍ଥାୟୀ ଓ ମଞ୍ଜୁରୀପ୍ରାପ୍ତ ପଦ ନଥିଲା ଏବଂ କେନ୍ଦ୍ରୀୟ ଅନୁଦାନ ବନ୍ଦ ହୋଇଯାଇଥିବାରୁ ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ସେମାନଙ୍କ ସେବା ସମାପ୍ତ କରାଯାଇଛି। ତେବେ ଆବେଦନକାରୀ ଦର୍ଶାଇଥିଲେ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀମାନେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟର ସୁଚାରୁ ପରିଚାଳନା ପାଇଁ ଡିପିଏ ନିଯୁକ୍ତି ନିତାନ୍ତ ଜରୁରୀ ବୋଲି ବାରମ୍ବାର ସୁପାରିସ କରିଥିଲେ। ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ ଓ ଭାଇଟାଲ ଷ୍ଟାଟିଷ୍ଟିକ୍ସ କ୍ଲର୍କ (ଭିଏସସି )ଙ୍କ କାର୍ଯ୍ୟାବଳୀ ଓ ଦାୟିତ୍ୱ ପ୍ରାୟ ସମାନ। ସରକାର ଡିପିଏଙ୍କୁ ନିୟମିତ ନ କରି ଭିଏସସି ପଦ ପାଇଁ ନୂତନ ବିଜ୍ଞାପନ ପ୍ରକାଶ କରିବା ଅନ୍ୟାୟ ଓ ସମ୍ବିଧାନର ଧାରା ୧୪, ୧୬ ଓ ୨୧ର ଉଲ୍ଲଂଘନ ଅଟେ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା।

# ସମ୍ବଲପୁର -ବିଶାଖାପାଟଣା ବସ୍‌ସେବା ଆରମ୍ଭ




ସମ୍ବଲପୁର, ୪।୮ (ସମିସ) : ସମ୍ବଲପୁର ତଥା ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ସମ୍ବଲପୁର ଡିଭିଜନ ପକ୍ଷରୁ ସମ୍ବଲପୁର ଏବଂ ବିଶାଖାପାଟଣା ମଧ୍ୟରେ ଏକ ନୂତନ ଦୈନିକ ସିଧାସଳଖ ବସ୍‌ସେବା ଆରମ୍ଭ କରାଯାଇଛି। ଆନ୍ତଃରାଜ୍ୟ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ଯାତ୍ରୀମାନଙ୍କୁ ସୁରକ୍ଷିତ, ଆରାମଦାୟକ ପରିବହନ ସେବା ଯୋଗାଇଦେବା ଏହି ପଦକ୍ଷେପର ମୂଳଲକ୍ଷ୍ୟ। ଏହି ବସ୍ ପ୍ରତିଦିନ ଭବାନୀପାଟଣା ଏବଂ ପାର୍ବତୀପୁରମ୍ ଦେଇ ଯାତାୟାତ କରିବ। ବସ୍‌ଟି ସମ୍ବଲପୁରରୁ ସନ୍ଧ୍ୟା ୭ଟା (୧୯:୦୦)ରେ ଛାଡ଼ି ବିଶାଖାପାଟଣାରେ ପରଦିନ ସକାଳ ୬ଟା ୨୫ ମିନିଟ୍‌ରେ ପହଞ୍ଚିବ। ଏହି ବସ୍ ବରଗଡ଼ (୨୦:୦୪), ବରପାଲି (୨୦:୨୧), ବଲାଙ୍ଗିର (୨୨:୧୩), କେସିଙ୍ଗା (୨୩:୦୭), ଭବାନୀପାଟଣା (୨୩:୫୯), ଅମ୍ବାଦୋଳା (୧୨:୪୩), ମୁନିଗୁଡ଼ା (୦୧:୧୮), ରାୟଗଡ଼ା (୦୨:୩୩), ପାର୍ବତୀପୁରମ୍ (୦୩:୩୧) ଏବଂ ବିଜୟନଗରମ୍ (୦୫:୨୩) ଦେଇ ଯାତ୍ରା କରିବ। ସେହିପରି ବସ୍‌ଟି ବିଶାଖାପାଟଣାରୁ ସନ୍ଧ୍ୟା ୭ଟା ୫ ମିନିଟ୍ (୧୯:୦୫)ରେ ବାହାରି ସମ୍ବଲପୁରରେ ପରଦିନ ସକାଳ ୬ଟା ୨୫ ମିନିଟ୍‌ରେ ପହଞ୍ଚିବ। ଏହି ବସ୍ ବିଜୟନଗରମ୍ (୨୦:୩୨), ପାର୍ବତୀପୁରମ୍ (୨୧:୫୯), ରାୟଗଡ଼ା (୨୩:୦୧), ମୁନିଗୁଡ଼ା (୧୨:୦୨), ଅମ୍ବାଦୋଳା (୧୨:୪୫), ଭବାନୀପାଟଣା (୦୧:୪୬), କେସିଙ୍ଗା (୦୨:୨୨), ବଲାଙ୍ଗୀର (୦୪:୨୫), ବରପାଲି (୦୫:୧୦) ଏବଂ ବରଗଡ଼ (୦୫:୪୧) ଦେଇ ଯାତ୍ରା କରିବ। ଏହି ସୁବିଧା ଦ୍ୱାରା ଦୁଇ ରାଜ୍ୟର ଦୁଇ ସହର ମଧ୍ୟରେ ଯାତାୟାତ କରୁଥିବା ବ୍ୟବସାୟୀ, ଛାତ୍ରଛାତ୍ରୀ ତଥା ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ। ଟିକେଟ୍ ବୁକିଂ ଏବଂ ଅଧିକ ସୂଚନା ପାଇଁ ଯାତ୍ରୀମାନେ ଓଏସ୍‌ଆର୍‌ଟିସିର ୱେବସାଇଟ୍ କିମ୍ବା ଆଧିକାରିକ ମୋବାଇଲ୍ ଆପ୍ ବ୍ୟବହାର କରିପାରିବେ କିମ୍ବା ନିକଟସ୍ଥ ବସ୍‌ଷ୍ଟାଣ୍ଡରେ ଯୋଗାଯୋଗ କରିପାରିବାକୁ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ହୀରାକୁଦର ୧୩ ଗେଟ୍ ଖୋଲା, ଜଳସ୍ତର ୬୧୭.୪୧ ଫୁଟ୍

ସମ୍ବଲପୁର, ୪।୮ (ସମିସ) : ହୀରାକୁଦ ଜଳଭଣ୍ଡାରରୁ ପ୍ରବେଶ ଜଳ ପରିମାଣଠାରୁ କେଇଗୁଣ ଅଧିକ ଜଳ ନିଷ୍କାସନ ପରେ ହୀରାକୁଦ ଜଳସ୍ତର ୬୧୭ ଫୁଟ୍‌କୁ ଖସିଛି। ସୋମବାର ହୀରାକୁଦ ନଦୀବନ୍ଧର ପର୍ଯ୍ୟାୟକ୍ରମେ ୬ଟି ଗେଟ୍ ବନ୍ଦ କରାଯାଇଛି, ସମ୍ପ୍ରତି ୧୩ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୪୧ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ର ୯ଟି ଏବଂ ଓ ଡାହାଣ ପାଶ୍ୱର୍ର ୪ଟି ଏହିଭଳି ମୋଟ ୧୩ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୭୪,୯୬୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୩୭,୦୪୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୦୧,୧୮୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନାଲ ଦେଇ ୩୧୬୮୬ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୯୨୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୭,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୩୪,୫୫୬ କ୍ୟୁସେକ୍, ଖଇରମାଲଠାରେ ୩,୧୫,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୪୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୪,୯୧,୮୮୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୮.୪୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୪.୬୨ ମିମି ବର୍ଷା ରେକର୍ଡ କରାଯାଇଛି।





## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କାର୍ଯ୍ୟରେ ସଫଳତା ମିଳିପାରେ। ଦିନଟି ବ୍ୟସ୍ତତା ଭିତରେ କଟିବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ପରିବାର ସହିତ ହସ ଖୁସିର ସମୟ ବିତାଇବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ଅତିଥି ସତ୍କାର କରିପାରନ୍ତି।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ଧନୁ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ଯୋଜନା ମୁତାବକ କାମ କରିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିପାରନ୍ତି। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**କୁମ୍ଭ:** ଅଚାନକ ଖୁସି ଖବର ମିଳିପାରେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

## ଆଜିର ଇତିହାସ

- ୧୭୭୫-ବଙ୍ଗ ନବାବଙ୍କ ଅଧିକାରୀ ନନ୍ଦ କୁମାରଙ୍କୁ କଲିକତାରେ ଫାଶୀ ଦିଆଗଲା।
- ୧୯୧୪- ଆମେରିକାରେ ପ୍ରଥମ ଇଲେକ୍ଟ୍ରିକ୍ ଟ୍ରାଫିକ୍ ଲାଇଟ୍ ଲଗାଗଲା।
- ୧୯୬୩-ରୁଷ୍, ବ୍ରିଟେନ୍, ଆମେରିକା ମସ୍କୋରେ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି କଲେ।
- ୨୦୧୧- ନାସାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ପାଣିଥିବା କଥା ସାଇନ୍ସ ପତ୍ରିକାରେ ଦାବି କଲେ।



## 'ରାମାୟଣ' ସାଇପଲ୍ଲବୀଙ୍କୁ କ୍ୟାରିୟରର ସବୁଠୁ ଅଧିକ ଫି'

ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ ଏବେ 'ରାମାୟଣ' ଫିଲ୍ମକୁ ନେଇ ଚର୍ଚ୍ଚାରେ। ଏହି ଫିଲ୍ମ ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଛି। ଏଥିରେ ରଣବୀର କପୁର ରାମ ଭୂମିକାରେ, ୟଶ୍ ରାବଣ, ସାଇପଲ୍ଲବୀ ସୀତା ଓ ରବି ଦୂବେ ଲକ୍ଷ୍ମଣ ଭୂମିକାରେ ଦେଖାଯିବେ। ତେବେ ସାଇପଲ୍ଲବୀଙ୍କୁ ଏହି ଫିଲ୍ମ ପାଇଁ ତାଙ୍କ କ୍ୟାରିୟରର ସବୁଠୁ ଅଧିକ ପାରିଶ୍ରମିକ ମିଳିଥିବା ଚର୍ଚ୍ଚା ହେଉଛି। ଏହି ଫିଲ୍ମ ପାଇଁ ସେ ୧୨ କୋଟି ନେଇଥିବା ଜଣାପଡ଼ିଛି। ପୂର୍ବରୁ ତାଙ୍କୁ ଗୋଟିଏ ଫିଲ୍ମ ପାଇଁ ୨ରୁ ୩ କୋଟି ମିଳୁଥିଲା। 'ଥଣ୍ଡେଲ' ଫିଲ୍ମ ପାଇଁ ସେ ସର୍ବାଧିକ ୫ କୋଟି ନେଇଥିଲେ। ଏହା ତାଙ୍କ କ୍ୟାରିୟରର ଏଯାବତ୍ ସବୁଠୁ ଅଧିକ ଫି ଥିଲା। ଏବେ 'ରାମାୟଣ' ତାଙ୍କର ଏହି ରେକର୍ଡକୁ କାଟିଛି। ସାଇ କେବଳ ଅଭିନୟ ପାଇଁ ନୁହେଁ ତାଙ୍କ ବିଚାରଧାରାକୁ ନେଇ ମଧ୍ୟ ଅନେକ ସମୟରେ ଚର୍ଚ୍ଚାରେ ରହିଛନ୍ତି। ସେ ଦର୍ଶକଙ୍କୁ ଭ୍ରମିତ ନ କରିବା ପାଇଁ କୋଟି କୋଟି ଟଙ୍କାର ଏକ ଫେୟାରନେସ୍ କ୍ରିମ୍‌ର ବିଜ୍ଞାପନକୁ ପ୍ରତ୍ୟାଖ୍ୟାନ କରି ଚର୍ଚ୍ଚାକୁ ଆସିଥିଲେ। ସାଇ ନିକଟରେ ଅମିର୍ ଖାନ୍‌ଙ୍କ ପୁଅ ଜୁନୈଦ ଖାନ୍‌ଙ୍କ ସହ 'ଏକ ଦିନ' ଫିଲ୍ମରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଛି। ହେଲେ 'ରାମାୟଣ'ରେ ଅଭିନୟ କରିବା ପରେ ଏବେ ସେ ବଲିଉଡ୍ ଆଗଧାଡ଼ିର ଅଭିନେତ୍ରୀମାନଙ୍କୁ କଡ଼ା ଟକ୍କର ଦେଇଛନ୍ତି।

## ୪୨ ବର୍ଷ ଧରି ଟିଭି ସାମ୍ନାରେ ମହିଳା



ଦୁନିଆରେ ଏମିତି ଅନେକ ଘଟଣା ସାମ୍ନାକୁ ଆସିଛି, ଯାହା ଦୀର୍ଘ ବର୍ଷ ପରେ ବି ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏମିତି ଏକ ଘଟଣା କ୍ରୋଏସିଆର ରାଜଧାନୀ ଜାଗ୍ରେବରେ ଘଟିଥିଲା। ଏଠାରେ ଜଣେ ମହିଳାଙ୍କ ଶବ ପ୍ରାୟ ୪୨ ବର୍ଷ ପରେ ତାଙ୍କ ଫ୍ଲାଟ୍‌ରୁ ମିଳିଥିଲା। ଏହି ମାମଲା ହେଡଭିଗା ଗୋଲିକ୍ ନାମକ ଜଣେ ମହିଳାଙ୍କ ସହ ଜଡ଼ିତ, ଯାହାଙ୍କ କାହାଣୀ ଆଜି ବି ଦୁନିଆର ସବୁଠାରୁ ରହସ୍ୟମୟ ଘଟଣାଗୁଡ଼ିକ ମଧ୍ୟରେ ଗଣାଯାଏ। ହେଡଭିଗା ଗୋଲିକ୍‌ଙ୍କ ଜନ୍ମ ୧୯୨୪ ମସିହାରେ ହୋଇଥିଲା। ପଡ଼ୋଶୀମାନେ ତାଙ୍କୁ ଶେଷ ଥର ପାଇଁ ୧୯୬୬ ମସିହାରେ ଦେଖିଥିଲେ। ଏହାପରେ ପଡ଼ୋଶୀମାନେ ଭାବିନେଲେ ଯେ, ସେ ଅନ୍ୟ କେଉଁଠାକୁ ରହିବାକୁ ଚାଲିଯାଇଛନ୍ତି। ହେଲେ ସେ ସେହି ଫ୍ଲାଟ୍ ଭିତରେ ହିଁ ମୃତ ଅବସ୍ଥାରେ ପଡ଼ି ରହିଥିବେ ବୋଲି କେହି କଳ୍ପନା ସୁଦ୍ଧା କରି ନ ଥିଲେ। ୨୦୦୮ ରେ କିଛି ସରକାରୀ ଅଧିକାରୀ ଫ୍ଲାଟ୍‌ର ମାଲିକାନା ସହ ଜଡ଼ିତ ଏକ ମାମଲାର ଯାଞ୍ଚ ସମୟରେ କବାଟ ଖୋଲାଇଥିଲେ। ଯେତେବେଳେ ପୁଲିସ୍ ଉପସ୍ଥିତିରେ ସରକାରୀ ଅଧିକାରୀମାନେ ଭିତରକୁ ଗଲେ, ସେତେବେଳେ ସେମାନଙ୍କ ସାମ୍ନାରେ ଏମିତି ଏକ ଦୃଶ୍ୟ ଥିଲା ଯାହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ଅଧିକାରୀଙ୍କ କହିବା ଅନୁଯାୟୀ, ରୁମ୍‌ରେ ଏକ ପୁରୁଣା ଟେଲିଭିଜନ, ଆସବାବପତ୍ର ଏବଂ ଚା' କପ୍ ଠିକ୍ ସେମିତି ହିଁ ରଖାଯାଇଥିଲା। ଚେୟାର୍ ପାଖରେ କମ୍ବଳରେ ଗୁଡ଼ା ହୋଇଥିବା ମହିଳାଙ୍କର ଏକ ମମି ଭଳି ହୋଇଯାଇଥିବା ଶବ ମିଳିଥିଲା। ରୁମ୍‌ରେ ଥିବା ଅନେକ ଜିନିଷ ବର୍ଷ ବର୍ଷ ଧରି ପ୍ରାୟ ନିଜ ସ୍ଥାନରେ ହିଁ ରହିଥିଲା, ସେଥିପାଇଁ ଏହି ଘଟଣାକୁ ଅନେକ ରିପୋର୍ଟରେ "ଫ୍ରୋଜନ୍ ଇନ୍ ଟାଇମ୍" ଅର୍ଥାତ୍ ସମୟ ଅଟକି ଯାଇଥିବା ଦୃଶ୍ୟ ଭାବରେ ବର୍ଣ୍ଣନା କରାଯାଇଛି। ଏହି ଘଟଣାକୁ କିଛି ରିପୋର୍ଟରେ କୁହାଯାଇଥିଲା ଯେ, ହେଡଭିଗା ଚା' ପ୍ରସ୍ତୁତ କରି ଚେୟାରରେ ଟିଭି ଦେଖିବାକୁ ବସିଥିଲେ। ଏହା ପରେ କୌଣସି ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ତାଙ୍କ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ପଡ଼ୋଶୀମାନେ ବର୍ଷ ବର୍ଷ ଧରି ଭାବୁଥିଲେ ଯେ ହେଡଭିଗା ଅନ୍ୟ କେଉଁଠାକୁ ରହିବାକୁ ଚାଲିଯାଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଡଭିଗାଙ୍କ ମୃତ ଶରୀର ଦୀର୍ଘ ୪୨ ବର୍ଷ ଧରି ସେହି ଘରେ ଥିଲେ ସୁଦ୍ଧା ତାଙ୍କ ପଡ଼ୋଶୀମାନେ ଏବିଷୟରେ ଟେର୍ ପାଇ ନଥିଲେ।

## ୧୦ ହଜାରରେ ଫ୍ଲାଟ୍ ଲୋକଙ୍କୁ କିଣିବା ପାଇଁ ଅନୁରୋଧ

ଆଜିର ସମୟରେ ଲୋକଙ୍କ ପକ୍ଷେ ନିଜର ଘରଟିଏ କିଣିବା ଆଦୌ ସହଜ ନୁହେଁ। କାରଣ ଦିନକୁ ଦିନ ଜମି ସହ ଫ୍ଲାଟ୍‌ଗୁଡ଼ିକର ଦାମ୍ ମଧ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଏଭଳି ସ୍ଥିତିରେ ରୁଷର ଆର୍କଟିକ ସହରରେ ଲୋକଙ୍କୁ ଫ୍ଲାଟ୍ କିଣିବା ପାଇଁ ଅନୁରୋଧ କରାଯାଉଛି। ଏଠାରେ ହଜାର ହଜାର ସଂଖ୍ୟକ ଆପାର୍ଟମେଣ୍ଟ ବର୍ଷ ବର୍ଷ ଧରି ଖାଲି ପଡ଼ିଛି। ଏପରିକି କିଛି ଆପାର୍ଟମେଣ୍ଟ ୧୦ ହଜାର ଟଙ୍କାରେ ବି ଉପଲବ୍ଧ। କେବଳ ସେତିକି ନୁହେଁ, ଫ୍ଲାଟ୍‌ର ଦାମ୍ ଖୁବ୍ ଶସ୍ତା ହୋଇଥିବା ବେଳେ ରହିବା ଲାଗି ଆବଶ୍ୟକ ଜିନିଷ ବି ମହଜୁଦ ଅଛି। ଏହା ସତ୍ତ୍ୱେ ଲୋକେ ଫ୍ଲାଟ୍ କାହିଁକି କିଣୁ ନାହାନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ବଡ଼ କାରଣ ହେଉଛି ସେହି ଅଞ୍ଚଳର ପାଣିପାଗ। ରୁଷର ଆର୍କଟିକ୍ ଅଞ୍ଚଳରେ ଶୀତ ଦିନେ ତାପମାତ୍ରା ଅନେକ ସମୟରେ ଶୂନରୁ ମାଇନସ୍ ୧୨ ଡିଗ୍ରୀ ତଳକୁ ଚାଲିଯାଏ। ଏଣୁ ଦୀର୍ଘ ସମୟ ଧରି ଏଭଳି ହାଡ଼ ଭଙ୍ଗା ଥଣ୍ଡାରେ ରହିବା ଆହ୍ୱାନପୂର୍ଣ୍ଣ ହୋଇଯାଏ। ଏହାସହ ଏଭଳି ପାଣିପାଗରେ ଘରକୁ ରହିବା ଯୋଗ୍ୟ ଉଷ୍ମ ରଖିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏନେଇ କିଛି ଲୋକଙ୍କ କହିବା କଥା, ଫ୍ଲାଟ୍ କିଣିବାଠୁ ଅଧିକ ମହଙ୍ଗା ଏହାକୁ ବର୍ଷ ତମାମ ରହିବାଯୋଗ୍ୟ କରି ରଖିବା। ଆର୍କଟିକ୍ ଅଞ୍ଚଳରେ ଘର ଭିତରେ ଲଗାତାର ହିଟିଂ ସିଷ୍ଟମ ଚଳାଇବାକୁ ପଡ଼ିଥାଏ। ଯଦି ଏଭଳି କରା ନ ଯାଏ, ତେବେ ତାପମାତ୍ରା ଖୁବ୍ କମ୍ ହୋଇପାରେ। ଏହି କାରଣ ଯୋଗୁ ବିଜୁଳି, ଇନ୍ଧନ ଏବଂ ହିଟିଂ ସହ ଜଡ଼ିତ ଖର୍ଚ୍ଚ ଖୁବ୍ ବଢ଼ିଯାଏ। ଅନେକ ଲୋକଙ୍କ କହିବା କଥା, କମ୍ ଟଙ୍କାରେ ଫ୍ଲାଟ୍ କିଣିବା ସହଜ ହୋଇଥିଲେ ହେଁ ଘରକୁ ଗରମ ରଖିବା ପାଇଁ ପ୍ରତି ମାସରେ ଆସୁଥିବା ବିଜୁଳି ଖର୍ଚ୍ଚ ସେମାନଙ୍କ କ୍ଷମତାରୁ ବାହାରେ ହୋଇପାରେ। ଏକଦା ଶିଳ୍ପ ଏବଂ ଖଣି କାର୍ଯ୍ୟକଳାପ ଯୋଗୁଁ ଏଠାରେ ଜନସଂଖ୍ୟା ଅଧିକ ଥିଲା, ହେଲେ ସମୟ ସହିତ ରୋଜଗାର ଅବସର ହ୍ରାସ ପାଇବାରେ ଲାଗିଲା। ଫଳରେ ଲୋକେ ରୋଜଗାର ଏବଂ ଅନୁକୂଳ ପାଣିପାଗ ସନ୍ଧାନରେ ଅନ୍ୟ ସହରକୁ ଯିବାକୁ ଲାଗିଲେ। ଯଦ୍ଦ୍ୱାରା ଅନେକ ଆବାସିକ କୋଠା ଖାଲି ପଡ଼ିଲା ଏବଂ ସମ୍ପତ୍ତିର ଚାହିଦା ଦ୍ରୁତ ଗତିରେ ହ୍ରାସ ପାଇଲା। ଅନ୍ୟପଟେ କିଛି ଫ୍ଲାଟ୍‌ରେ ଖଟ, ସୋଫା, ଆଲମାରି, ଟେବୁଲ, ଚୌକି, ରୋଷେଇ ଲାଗି ବାସନକୁସନ ବି ଅଛି। ସାଧାରଣତଃ ନୂଆ ଘର କିଣିବା ପରେ ଲୋକଙ୍କୁ ଆସବାବପତ୍ର କିଣିବାକୁ ପଡ଼େ, ହେଲେ ଏଠାରେ ଏହି ସୁବିଧା ପୂର୍ବରୁ ଥିଲେ ହେଁ ଫ୍ଲାଟ୍ କିଣିବା ଲାଗି ଲୋକ ମିଳୁ ନାହାନ୍ତି।



# ସମ୍ଭାବନା




## ପ୍ରଡକ୍ଟ ଡିଜାଇନ୍‌ରେ କ୍ୟାରିୟର୍

**ବର୍ତ୍ତମାନ ସମୟରେ କମ୍ପାନି ଏମିତି ଲୋକଙ୍କୁ ଚାହୁଁଛି, ଯିଏ କି ଏମିତି ପ୍ରଡକ୍ଟ ଡିଜାଇନ କରିପାରୁ ଥିବେ, ଯାହା କେବଳ ଆକର୍ଷଣୀୟ ଲାଗୁ ନ ଥିବ, ବରଂ ଲୋକଙ୍କ ଆବଶ୍ୟକତାକୁ ପୂରଣ କରି ପାରୁଥିବେ। ଏହି କାମ ହିଁ ଜଣେ ପ୍ରଡକ୍ଟ ଡିଜାଇନର କରିଥାନ୍ତି। ସୃଜନଶୀଳ ବ୍ୟକ୍ତି ବିଶେଷଙ୍କ ଲାଗି ଏହା ଏକ ସୁନ୍ଦର କ୍ୟାରିୟର୍।**


ପ୍ରଡକ୍ଟ ଡିଜାଇନ୍‌ରେ କୌଣସି ଉତ୍ପାଦର ବିଚାରଧାରା, ଉପଯୋଗିତା, ଡିଜାଇନ, ନିର୍ମାଣ, ଏବଂ ବ୍ୟବହାରକାରୀଙ୍କ ଅନୁଭୂତିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଏ। ଏହାର ଉଦ୍ଦେଶ୍ୟ କେବଳ କୌଣସି ଉତ୍ପାଦକୁ ସୁନ୍ଦର କରିବା ନୁହେଁ, ବରଂ ଏହାକୁ ଅଧିକ ଉପଯୋଗୀ, ସୁରକ୍ଷିତ ଓ ସୁବିଧାଜନକ କରିବା। ଜଣେ ପ୍ରଡକ୍ଟ ଡିଜାଇନର ଗ୍ରାହକଙ୍କ ଆବଶ୍ୟକତାକୁ ବୁଝି ଏମିତି ଉତ୍ପାଦ ପ୍ରସ୍ତୁତ କରନ୍ତି, ଯାହାକି ବ୍ୟବହାର କରିବାରେ ସହଜ ହୋଇଥାଏ। ତା'ସହ ଏହା ଯେଭଳି ବଜାରର ଆବଶ୍ୟକତାକୁ ପୂରଣ କରିପାରୁଥିବ, ସେ ଦିଗରେ ଦୃଷ୍ଟି ଦେବା ଦରକାର। ଏ ଲାଗି ଗବେଷଣା ସହ ସ୍କେଚ୍ ଏବଂ ଥ୍ରୀଡି ମଡେଲ ପ୍ରସ୍ତୁତ କରାଯାଏ। ପ୍ରଡକ୍ଟ ଡିଜାଇନର ଇଞ୍ଜିନିୟର ଏବଂ ମାର୍କେଟିଂ ଟିମ୍ ସହିତ ମିଶି କାମ କରନ୍ତି ଏବଂ ପ୍ରୋଟୋଟାଇପ୍ ତିଆରି କରି ତାହାର ପରୀକ୍ଷା କରିଥାନ୍ତି। ସେହିପରି ସ୍କେଚିଂ, ଡିଜାଇନିଂ, ଟେକ୍ନୋଲୋଜି ଏବଂ ସମସ୍ୟା ସମାଧାନରେ ରୁଚି ଥିଲେ ଏହା ଏକ ଉତ୍ତମ କ୍ଷେତ୍ର ହୋଇପାରିବ।

ମ୍ୟାନୁଫାକଚରିଂ କମ୍ପାନି, ଅଟୋମୋବାଇଲ ଇଣ୍ଡଷ୍ଟ୍ରି, ଇଲେକଟ୍ରୋନିକ୍ ସେକ୍ଟର, ଫର୍ଣ୍ଣିଚର ଓ ହୋମ ପ୍ରଡକ୍ଟ କମ୍ପାନି, ହେଲଥ କେୟାର ଉପକରଣ ନିର୍ମାତା, ଷ୍ଟାର୍ଟଅପ୍, ଡିଜାଇନ କନସଲଟେନ୍ସିରେ ଚାକିରି ମିଳିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ବର୍ଷକୁ ୪ରୁ ୮ ଲକ୍ଷ ପ୍ୟାକେଜ୍ ମିଳେ। ଅଭିଜ୍ଞତା ବଢ଼ିଲେ ଏହା ବର୍ଷକୁ ୧୫-୩୦ରେ ପହଞ୍ଚେ।



## ସାହାଯ୍ୟରୁ ସକାରାତ୍ମକ ପରିବର୍ତ୍ତନ

**ଅନେକ ଲୋକ ସ୍ୱ ଇଚ୍ଛାରେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି। ଆଉ କିଛି ଏଭଳି ବି ଥାନ୍ତି, ଯେଉଁମାନେ ସାହାଯ୍ୟ କରିବା ପାଇଁ କୁଣ୍ଠାବୋଧ ପ୍ରକାଶ କରନ୍ତି। ତେବେ ସାହାଯ୍ୟ କରିବାର ଗୁଣ ପିଲାବେଳୁ ପ୍ରତ୍ୟେକଙ୍କ ପାଖରେ ରହିବା ଭଲ। ପିଲାବେଳୁ ସାହାଯ୍ୟ ମନୋଭାବ ରହିଲେ, ଏହା ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ।**



- ଅନ୍ୟ ପ୍ରତି ଭଲ ମନୋଭାବନା ରଖିଲେ, ହାପି ହର୍ମୋନ କ୍ଷରଣ ହୁଏ। ଏଭଳି ସ୍ଥିତିରେ ନିଜକୁ ନେଇ ଓ ଅନ୍ୟକୁ ନେଇ ଭଲ ଅନୁଭବ ହୁଏ। ଏପରିକି ସମାଜ ପ୍ରତି ଭଲ ଚିନ୍ତାଧାରା ରହେ।
- କଠିନ ସମୟରେ ଅନ୍ୟକୁ ସାହାଯ୍ୟ କରିବା ଦ୍ୱାରା ମନ ହାଲୁକା ଲାଗେ। ଗବେଷଣା ଅନୁସାରେ, ଅନ୍ୟ ପାଇଁ ଭଲ ପ୍ରଦର୍ଶନ ଓ ସାହାଯ୍ୟ କରୁଥିବା ଲୋକ ଅବସାଦରୁ ଶୀଘ୍ର ମୁକ୍ତି ପାଇଥାନ୍ତି। କଠିନ ପରିସ୍ଥିତିରେ ସେମାନଙ୍କ ସାମ୍ନାରେ ଅନେକ ବାଟ ଖୋଲି ଥାଏ।
- ଲଗାତାର ଭଲ ରାସ୍ତାରେ ଚାଲିଲେ ଓ ପରୋପକାର କାର୍ଯ୍ୟରୁ ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଭଲ ରାସ୍ତାରେ ତଥା ଅନ୍ୟକୁ ସାହାଯ୍ୟ କରିବାର ପ୍ରଭାବ ସମ୍ପର୍କ ଉପରେ ପଡ଼ିଥାଏ। ଅନ୍ୟ ପ୍ରତି ଭଲ ଭାବନା ପ୍ରଦର୍ଶନ କରିବା ଦ୍ୱାରା ବ୍ୟକ୍ତିଗତ, ବୃତ୍ତିଗତ ଏବଂ ସାମାଜିକ ସମ୍ପର୍କ ମଜଭୁତ ହୁଏ। ଏଭଳି ଲୋକ କେବେ ବି ଏକାକୀତ୍ୱ ଅନୁଭବ କରି ନ ଥାନ୍ତି।

## କୋ-ୱାର୍କର୍ ଡେଟିଂ

**ଆଜିର ସମୟରେ ଅନେକ ଲୋକ ପାର୍ଟନରକୁ ଅଫିସ୍‌ରେ ପାଉଛନ୍ତି। ଯାହାକୁ 'କୋ-ୱାର୍କର୍' ଡେଟ୍ ବୋଲି କୁହାଯାଉଛି। ଏହା ଜେନ୍ ଜେଡ୍‌ଙ୍କ କ୍ଷେତ୍ରରେ ଏବେ ଅଧିକ ଦେଖିବାକୁ ମିଳୁଛି।**



ଡେଟିଂ କୋଚ୍‌ଙ୍କ ମତରେ, ଅଫିସ୍‌ରେ କାହାକୁ ଡେଟ୍ କରିବାର ଫାଇଦା ହେଉଛି ସେହି ବ୍ୟକ୍ତିଙ୍କୁ ଜଣେ ଭଲରେ ଜାଣିଥାଏ। ପ୍ରତିଦିନ ଜଣେ ନିଜ କାମକୁ କିଭଳି ଦାୟିତ୍ୱର ସହ କରନ୍ତି, ଏହା ଜଣେ ଜାଣିପାରେ। କଠିନ ପରିସ୍ଥିତିରେ ସେହି କର୍ମଚାରୀଙ୍କ ବ୍ୟବହାର, ଅନ୍ୟ ସହିତ କିଭଳି କଥାବାର୍ତ୍ତା ଓ କାମକୁ କେତେ ଗୁରୁତ୍ୱ ଦିଅନ୍ତି, ସବୁ କଥା ଉପରେ ଜଣକର ନଜରରେ ରହେ। ଏହା ଦ୍ୱାରା ଜଣକ ସ୍ୱଭାବକୁ ବୁଝିବା ସହଜ ହୁଏ। ସେହିପରି ଅଫିସ୍‌ରେ ସମ୍ପର୍କ ଧୀରେ ଧୀରେ ଆଗକୁ ବଢ଼ିଥାଏ। ଏପରିକି ଅଫିସ୍‌ରେ ପରସ୍ପର ସହିତ କଥା ହେବା ଓ ପରସ୍ପରକୁ ବୁଝିବା ଲାଗି ବି ସମୟ ମିଳିଥାଏ। ଅନ୍ୟପଟେ କୋ-ୱାର୍କର ଡେଟିଂ ଧାରାର ନକାରାତ୍ମକ ଦିଗ ବି ଅଛି।

କୌଣସି କାରଣ ପାଇଁ ଯଦି ସମ୍ପର୍କ ଭାଙ୍ଗିଯାଏ, ତା'ପରେ ପ୍ରତିଦିନ ସେହି ବ୍ୟକ୍ତିଙ୍କ ସହ କାମ କରିବା ସହଜ ହୋଇ ନ ଥାଏ। ଏହା ଦ୍ୱାରା ଉଭୟଙ୍କୁ ଅସହଜ ଲାଗେ। ସେହିପରି ଅନେକ ସମୟରେ ଏହାର ପ୍ରଭାବ କାମ, ଅଫିସ୍ ପରିବେଶ ଓ କ୍ୟାରିୟର ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି।

ତେବେ କୋ-ୱାର୍କର ଡେଟିଂର ଉଭୟ ଭଲ ଓ ଖରାପ ଦିଗ ଥିବା ଡେଟିଂ କୋଚ୍ କହନ୍ତି। ଯଦିଓ ଲୋକେ ନିଜର ଅଧିକାଂଶ ସମୟ ଅଫିସ୍ ସହକର୍ମୀଙ୍କ ସହ ଅତିବାହିତ କରନ୍ତି, ତେଣୁ କୋ-ୱାର୍କର ସହିତ ଡେଟ୍ ଦେଖା ଦିଏ। ତେବେ ଏଭଳି ସ୍ଥିତିରେ ଜଣକ ସହ ନିଜକୁ ସୀମିତ ନ ରଖି ନିଜ ପାଇଁ କ'ଣ ଠିକ୍ ଓ ଭୁଲ ଆହୁରି ଜାଣିବା ପାଇଁ ଅଫିସ୍‌ରେ ବନ୍ଧୁତା ବଢ଼ାଇବା ଦରକାର। ଏହା ଦ୍ୱାରା ନୂଆ ଲୋକଙ୍କ ସହିତ ଭେଟ ହୁଏ ଏବଂ ଠିକ୍ ନିଷ୍ପତ୍ତି ନେବା ସହଜ ହୋଇଥାଏ।

## ସାମାଜିକ ଗଣମାଧ୍ୟମରେ କ'ଣ ପୋଷ୍ଟ କରିବେ ନାହିଁ



**ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ଏକ୍ସ, ଲିଙ୍କଡ୍‌ଇନ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଲୋକଙ୍କ ନିତିଦିନ ଜୀବନର ଅଂଶ ପାଲଟିଛି। ଲୋକ ନିଜ ଫଟୋ, ଚିନ୍ତାଧାରା, କାମ ସମ୍ପର୍କିତ ଅଭିଜ୍ଞତା ଆଦି ଏଥିରେ ସେୟାର୍ କରନ୍ତି। ତେବେ କର୍ମଜୀବୀମାନେ ସାମାଜିକ ଗଣମାଧ୍ୟମରେ କେଉଁ ସବୁ ଜିନିଷ ପୋଷ୍ଟ କରିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**

- ଅଫିସ୍ ଦସ୍ତାବିଜ୍, କ୍ଲାଏଣ୍ଟ ତଥ୍ୟ, ନୂଆ ପ୍ରୋଜେକ୍ଟ ପାସ୍‌ୱାର୍ଡ, ମିଟିଂ ନୋଟ୍ ନୂଆ ପ୍ରଡକ୍ଟ ସମ୍ପର୍କିତ ତଥ୍ୟ ସୋସିଆଲ ମିଡିଆରେ ସେୟାର୍ କରିବା ଭଲ ନୁହେଁ। କମ୍ପାନି ଏହାକୁ ଗୋପନୀୟର ଉଲ୍ଲଙ୍ଘନ ବୋଲି ବିଚାର କରେ।
- ସୋସିଆଲ ମିଡିଆରେ କମ୍ପାନି ତଥା ମ୍ୟାନେଜର ବିରୋଧରେ ଅପମାନଜନକ ପୋଷ୍ଟ କରିବା ବୃତ୍ତିଗତ ଜୀବନକୁ କ୍ଷତି ପହଞ୍ଚାଏ।
- ଅଫିସ୍‌ରେ କୌଣସି କର୍ମଚାରୀ, କ୍ଲାଏଣ୍ଟ, ଗ୍ରାହକଙ୍କ ଫଟୋ ଓ ଭିଡିଓକୁ ବିନା ଅନୁମତିରେ ପୋଷ୍ଟ କରିବା ଅନୁଚିତ।
- ଅନେକ ସମୟରେ କର୍ମଚାରୀ ଉତ୍ସାହରେ ଅଫିସ୍, ଫ୍ୟାକ୍ଟ୍ରି, ଲ୍ୟାବ୍, କଂଟ୍ରୋଲ ରୁମ୍, ମିଟିଂ ଫଟୋ ଓ ଭିଡିଓ ପୋଷ୍ଟ କରିଥାନ୍ତି। ସେଥିରେ ସମ୍ବେଦନଶୀଳ ତଥ୍ୟ, ସ୍କ୍ରିନ, ଦସ୍ତାବିଜ, ସୁରକ୍ଷା ବ୍ୟବସ୍ଥା ଥାଏ। ତେଣୁ ଏସବୁ ପୋଷ୍ଟ କରିବା କମ୍ପାନିର ନୀତି ବିରୋଧ ହୋଇପାରେ।
- ସ୍ୱାସ୍ଥ୍ୟଗତ କାରଣରୁ ଛୁଟି ନେଉଥିଲେ ଏହି ସମୟରେ ପାର୍ଟି, ଯାତ୍ରାର ଫଟୋ ସୋସିଆଲ ମିଡିଆରେ ସେୟାର୍ କରନ୍ତୁ ନାହିଁ। କମ୍ପାନିର ଭରସା ପ୍ରଭାବିତ ହୋଇପାରେ।
- କମ୍ପାନି ଲୋଗୋ, ବ୍ରାଣ୍ଡ ତଥା ନାଁ ବ୍ୟବହାର କରିବା ସମୟରେ ସୋସିଆଲ ମିଡ଼ିଆ ପଲିସି ଉପରେ ଦୃଷ୍ଟି ଦେବା ଆବଶ୍ୟକ।
- ଅଫିସ୍‌ରେ ଖରାପ ଦିନ ପରେ ତୁରନ୍ତ ସୋସିଆଲ ମିଡିଆରେ ଭାବନାତ୍ମକ ପୋଷ୍ଟ କରିବା ବନ୍ଦ କରନ୍ତୁ। ଏହା ଅଫିସ୍ ଛବି ଉପରେ ପ୍ରଭାବ ପକାଇପାରେ।

# ଶ୍ରୀଲଙ୍କା ନିକଟରୁ ସିରିଜ୍ ହାରିଲେ ପାକିସ୍ତାନୀ ମହିଳା




ଦାମ୍ବୁଲା,୪।୮ (ଏଜେନ୍ସି): ଏଠାରେ ଖେଳାଯାଇଥିବା ତୃତୀୟ ତଥା ଶେଷ ଟି-୨୦ ମୁକାବିଲାରେ ପାକିସ୍ତାନ ମହିଳା ଟିମ୍ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଶାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ଶେଷ ମ୍ୟାଚ୍‌ରେ ହାରିଥିଲେ ମଧ୍ୟ ଏହି ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଶ୍ରୀଲଙ୍କା ୨-୧ରେ ଜିତିନେଇଛି। ଏହା ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌କୁ ମଧ୍ୟ ଶ୍ରୀଲଙ୍କା ୨-୧ରେ ଜିତିଥିଲା। ଏଠାରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୬ ୱିକେଟରେ ୧୧୩ ରନ୍ କରିଥିଲା। ଜବାବରେ ପାକିସ୍ତାନ ୧୮.୨ ଓଭରରେ ୬ ୱିକେଟ ହରାଇ ବିଜୟଲକ୍ଷ୍ୟରେ ପହଞ୍ଚିଯାଇଥିଲା। ପାକିସ୍ତାନ ପକ୍ଷରୁ ୩୯ ରନ୍ କରିଥିବା ଆୟେଶା ଜାଫର ଓ ସ୍ପିନର ମାନେ ଏହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

● ୱେଷ୍ଟଇଣ୍ଡିଜ୍-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ

## ସଫିକ୍‌ଙ୍କ ଶତକ; ପାକିସ୍ତାନ ଅଗ୍ରଣୀ

ପୋର୍ଟ ଅଫ୍ ସ୍ପେନ୍,୪।୮ (ଏଜେନ୍ସି): ଅବଦୁଲ୍ଲା ସଫିକ୍ ଓ ବାବର ଆଜମଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ଜଷ୍ଟିନ୍ ଗ୍ରିଭସ (୭୩) ଓ ଅଧିନାୟକ ରୋଷ୍ଟୋନ ଚେଜ୍ (୭୦)ଙ୍କ ଅର୍ଦ୍ଧଶତକ ବଳରେ ୱେଷ୍ଟଇଣ୍ଡିଜ୍‌ର ପ୍ରଥମ ଇନିଂସ ୩୪୪ ରନ୍ କରିଥିଲା। ଜବାବରେ ତୃତୀୟ ଦିନ ଶେଷ ଖବର ସୁଦ୍ଧା ପାକିସ୍ତାନ ପ୍ରଥମ ଇନିଂସରେ ୬ ୱିକେଟରେ ୩୬୭ ରନ୍ କରିଥିଲା। ଏହି ସମୟରେ ସଫିକ ୧୫୩ ରନ୍‌ରେ ଅପରାଜିତ ଥିଲାବେଳେ ବାବର ଆଜମ ୮୮ ରନ୍ କରିଥିଲେ। ଦଳର ଓପନର ଆଜନ ଆୱେସ ୫୫ ଓ ଇମାମ-ଉଲ-ହକ୍ ୧୪ ରନ୍ କରି ଆଉଟ ହୋଇଥିଲେ। ଏଭଳି ନିର୍ଜୀବ ପିଚ୍‌ରେ ୱେଷ୍ଟଇଣ୍ଡିଜ୍‌ର ବୋଲରମାନେ ପ୍ରତିପକ୍ଷ ବ୍ୟାଟରଙ୍କୁ ଆଉଟ କରିବା କଷ୍ଟକର ହୋଇପଡ଼ିଥିଲା। ଜୋମେଲ ୱାରିକାନ ୩ ଜଣ ଓ ସମର ଯୋଶେଫ୍ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ୱେଷ୍ଟଇଣ୍ଡିଜ୍ ଇନିଂସରେ ସ୍ପିନର ସାଜିଦ୍ ଖାନ୍‌ଙ୍କୁ ୪ଟି ୱିକେଟ ମିଳିଥିଲା।

## ଚେନ୍ନଇ ଓପନକୁ ୧୦ କୋଟି




ଚେନ୍ନଇ,୪।୮ (ଏଜେନ୍ସି): ଡବ୍ଲ୍ୟୁଟିଏ-୨୫୦ ଚେନ୍ନଇ ଓପନ ଆୟୋଜନ ଲାଗି ଯେଉଁ ପ୍ରତିବନ୍ଧକ ରହିଥିଲା ତାହା ଏବେ ଦୂର ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ତାମିଲନାଡୁ ଟେନିସ ସଂଘ ପକ୍ଷରୁ ସଭାପତି ବିଜୟ ଅମୃତରାଜ ୨୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିଲେ। କିନ୍ତୁ ଏତେ ଅର୍ଥ ରାଶି ସଂଘ ନିକଟରେ ନ ଥିଲା। ଏଣୁ ସେ ସରକାରଙ୍କ ସହାୟତା ଲୋଡିଥିଲେ। ନୂଆ ମୁଖ୍ୟମନ୍ତ୍ରୀ ଯୋଶେଫ୍ ବିଜୟ ବ୍ୟୟ ଅଟକଳର ଅଧା ବା ୧୦ କୋଟି ଟଙ୍କା ଦେବାକୁ ରାଜି ହେବା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇପାରିବ ବୋଲି ଅମୃତରାଜ କହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ନଭେମ୍ବର ୨ରୁ ଆରମ୍ଭ ହୋଇ ୮ରେ ଶେଷ ହେବ। ଏଥିରେ ଏକକ ବିଭାଗରେ ୩୨ଜଣ ଓ ଡବଲ୍ସରେ ୧୬ ଯୋଡି ଖେଳାଳି ଅଂଶଗ୍ରହଣ କରିବେ। ୨୦୨୨ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଅର୍ଥାଭାବ ଯୋଗୁଁ ୨୦୨୩ ଓ ୨୦୨୪ରେ ଡବ୍ଲ୍ୟୁଟିଏ କ୍ୟାଲେଣ୍ଡରରେ ସ୍ଥାନ ପାଇ ନ ଥିଲା।

● ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## ସିନ୍ଧୁ ୯ମ, ସାତ୍ତ୍ୱିକ-ଚିରାଗ ୫ମ ସିଡ୍



ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମ୍‌ରେ ଅଗଷ୍ଟ ୧୭ରୁ ୨୩ ଯାଏ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ। ଏହି ପ୍ରତିଯୋଗିତା ଲାଗି ସୁପରଷ୍ଟାର ପିଭି ସିନ୍ଧୁଙ୍କୁ ବାଳିକା ଏକକ ବିଭାଗରେ ୮ମ ସିଡ୍ ମାନ୍ୟତା ମିଳିଛି। ଘରୋଇ ମାଟିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପ୍ରତ୍ୟେକ କାଟେଗୋରୀରେ ୨ ଜଣ ଲେଖାଏଁ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଏକକରେ ଲକ୍ଷ୍ୟ ସେନ୍‌ଙ୍କୁ ୧୪ତମ ସିଡ୍, ମିଶ୍ରିତ ଯୁଗଳରେ ଧ୍ରୁବ କପିଲା ଓ ତନିସା କ୍ରାଷ୍ଟୋଙ୍କୁ ୧୫ତମ ସିଡ ମିଳିଛି। ଚଳିତବର୍ଷ ଏପ୍ରିଲ ୨୮ ତାରିଖର ମାନ୍ୟତା ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ। ସେହିପରି ଚଳିତବର୍ଷ ଜୁଲାଇ ୨୮ ସୁଦ୍ଧା ବିଶ୍ୱ ର୍‌ୟାଙ୍କିଙ୍ଗ ଅନୁଯାୟୀ ଟୁର୍ଣ୍ଣାମେଣ୍ଟର ସିଡ୍ ସ୍ଥିର ହୋଇଛି।

**ଅଗଷ୍ଟ ୧୫ରୁ ଟେଷ୍ଟ ସିରିଜ୍**

# ଟିମ୍ ଇଣ୍ଡିଆର ଲଙ୍କା ଅଭିଯାନ

ମୁମ୍ବଇ,୪।୮ (ଏଜେନ୍ସି)

ଟିମ୍ ଇଣ୍ଡିଆର ଲଙ୍କା ଅଭିଯାନ ଆରମ୍ଭ ହୋଇଛି। ଶ୍ରୀଲଙ୍କା ସହ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଆଜି କଲମ୍ବୋ ଅଭିମୁଖେ ଯାତ୍ରା କରିଛି। ଅଗଷ୍ଟ ୧୫ରୁ ଏହି ଟେଷ୍ଟ ସିରିଜ୍ ଆରମ୍ଭ ହେବ। ଏହା ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ଲାଗି ଅଗଷ୍ଟ ୭ରୁ ୯ ତାରିଖ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଖେଳିବ। ଏଥିରୁ ଶ୍ରୀଲଙ୍କାକୁ ଭାରତ କିପରି ସମ୍ମାନ ଦେଉଛି ତାହା ସ୍ପଷ୍ଟ ଜଣାପଡୁଛି। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପରି ଦେଶ ଗସ୍ତରେ ଯାଇଥିବା ଭାରତ ଗତ କିଛି ବର୍ଷରେ ଅଭ୍ୟାସ ମ୍ୟାଚ୍ ଖେଳି ନାହିଁ। ଶ୍ରୀଲଙ୍କାର ସ୍ପିନରଙ୍କୁ ମୁକାବିଲା କରିବା ଏହି ଫଟାଫଟ କ୍ରିକେଟରଙ୍କ ଲାଗି ମୁସ୍କିଲ ହେଉଛି। ଏଥିଲାଗି ଏହି ଅଭ୍ୟାସ ମ୍ୟାଚ୍‌ର ବ୍ୟବସ୍ଥା କରାଯାଇଛି। ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଥିବା ଗଲ ଓ କଲମ୍ବୋର ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ପିଚ୍‌ରେ ସ୍ପିନରମାନେ ବେଶ ପ୍ରଭାବ ବିସ୍ତାର କରିଥାନ୍ତି। ଏଣୁ ସେମାନଙ୍କୁ କିପରି ମୁକାବିଲା କରାଯାଇପାରିବ ତାହା ଭାରତରୁ ଖେଳାଳିମାନେ ପ୍ରସ୍ତୁତି କରିଛନ୍ତି। ଶ୍ରୀଲଙ୍କା ଯିବା ପୂର୍ବରୁ ମୁମ୍ବଇରେ ଦୁଇ ଓପନର ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ବେଶ କିଛି ଦିନ ହେଲା ସ୍ପିନରଙ୍କ ବିପକ୍ଷରେ ଅଭ୍ୟାସ ଚଳାଇଛନ୍ତି।




### ସୁଦର୍ଶନଙ୍କ ଫିଟ୍‌ନେସ୍‌କୁ ଅପେକ୍ଷା

ଭାରତୀୟ ଟେଷ୍ଟ ଦଳ ଘୋଷଣାବେଳେ ଦୁଇଜଣ ଆହତ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଯଶପ୍ରୀତ୍ ବୁମ୍‌ରା ଫିଟ୍ ନ ହେବାରୁ ତାଙ୍କୁ ଏହି ସିରିଜ୍‌ରୁ ବାଦ୍ ଦିଆଯାଇଛି ଓ ତାଙ୍କ ସ୍ଥାନରେ ରଣଜୀ ଚାମ୍ପିଅନ ଜମ୍ମୁ-କଶ୍ମୀର ଦଳର ଫାଷ୍ଟ ବୋଲର ଆକ୍ୱିବ ନବିଙ୍କୁ ସାମିଲ କରାଯାଇଛି। ଅନ୍ୟତମ ଆହତ ଖେଳାଳି ସାଇ ସୁଦର୍ଶନ ଟିମ୍ ସହ ଶ୍ରୀଲଙ୍କା ନ ଯାଇ ବେଙ୍ଗାଲୁରୁରେ ଫିଟନେସ୍ ପାଇବା ଲାଗି ସଂଘର୍ଷ କରୁଛନ୍ତି। ବିସିସିଆଇ ମେଡିକାଲ ଟିମ୍ ତାଙ୍କୁ ଫିଟ୍ କରାଇବ ବୋଲି ଆଶା ରହିଛି। ଦଳ ସହ ସେ ଯାଇ ନ ଥିଲେ ମଧ୍ୟ ଅଗଷ୍ଟ ୭ରେ ଭାରତ ଖେଳିବାକୁ ଥିବା ଅଭ୍ୟାସ ମ୍ୟାଚ୍‌ରେ ସୁଦର୍ଶନ ଖେଳିବେ ବୋଲି ବିସିସିଆଇ ମେଡିକାଲ ଟିମ୍ ରହିଛି। ସେ ଏବେ ପୂରା ଫିଟ୍ ହୋଇଯାଇଛନ୍ତି ଓ ଆସନ୍ତାକାଲିଠାରୁ ବ୍ୟାଟିଂ ଅଭ୍ୟାସ କରିବେ ବୋଲି ଆଶା କରାଯାଉଛି।

### ଚୂଡାନ୍ତ ଏକାଦଶରେ ୨ ପେସ୍, ୩ ସ୍ପିନର

ଶ୍ରୀଲଙ୍କାରେ ଭାରତ ୨ ଜଣିଆ ପେସ୍ ବୋଲରଙ୍କୁ ଖେଳାଇବାର ସମ୍ଭାବନା ଅଧିକ। ଏପରି ହେଲେ ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପ୍ରଥମ ପସନ୍ଦର ବୋଲର ଭାବେ ନିଆଯିବ। ଏମାନଙ୍କ ମଧ୍ୟରୁ ଯଦି କେହି ଆହତ ହୁଅନ୍ତି, ତେବେ ଗୁରନୁର ବ୍ରାରଙ୍କୁ ସୁଯୋଗ ମିଳିବ। ଭାରତ ଦଳରେ ୪ଜଣ ସ୍ପିନରଙ୍କୁ ସାମିଲ କରିଥିଲାବେଳେ ୩ଜଣ ନିଶ୍ଚିତ ଖେଳାଇବ। ଦୁଇ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା ଓ ମାନବ ସୁତାରଙ୍କୁ ସହ ଅଫ୍ ସ୍ପିନର ସାରାଂଶ ଜୈନ ଡେବ୍ୟୁ କରିପାରନ୍ତି। କୁଲଦୀପ ଯାଦବଙ୍କୁ ମଧ୍ୟ ଅଣଦେଖା କରାଯାଇ ପାରିବ ନାହିଁ।

**ଟେଷ୍ଟ ସିରିଜ୍ ଖେଳସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୦୭ରୁ୦୯।୮ | ଅଭ୍ୟାସ ମ୍ୟାଚ୍ | ଏସ୍‌ଏସ୍‌ସି |
| ୧୫ରୁ୧୯।୮ | ପ୍ରଥମ ଟେଷ୍ଟ | ଗଲ୍ |
| ୨୩ରୁ୨୭।୮ | ଦ୍ୱିତୀୟ ଟେଷ୍ଟ | ଏସ୍‌ଏସ୍‌ସି |

ବିଦ୍ର: ଏସ୍‌ଏସ୍‌ସି- ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍, କଲମ୍ବୋ।

**ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ସୋନି ଲିଭ୍।**

### ଭାରତ ସପକ୍ଷରେ ରେକର୍ଡ

ଶ୍ରୀଲଙ୍କାରେ ଭାରତ ଶେଷଥର ଲାଗି ୨୦୧୭ରେ ଟେଷ୍ଟ ସିରିଜ୍ ଖେଳିଥିଲା। ଏହା ପରେ ଦୁଇଟି ଟେଷ୍ଟ ସିରିଜ୍ ଆୟୋଜିତ ହୋଇଥିଲାବେଳେ ଉଭୟ ଭାରତରେ ଖେଳାଯାଇଥିଲା। ୨୦୧୭ରେ ଭାରତ ୩-୦ରେ ଟେଷ୍ଟ ସିରିଜ୍ ଜିତିଥିଲା। ଭାରତ ବିପକ୍ଷରେ ଶ୍ରୀଲଙ୍କା ଶେଷଥର ଲାଗି ୨୦୦୮ରେ ଟେଷ୍ଟ ସିରିଜ୍ ଜିତିଥିଲା। ଘରୋଇ ଦଳ ୨-୧ରେ ଏହାକୁ କବ୍‌ଜା କରିଥିଲା। ଏହା ମଧ୍ୟରେ ୧୯୮୨ରୁ ଏଯାଏ ଦୁଇ ଦେଶ ମଧ୍ୟରେ ୪୬ଟି ଟେଷ୍ଟ ଆୟୋଜିତ ହୋଇସାରିଛି। ଏଥିରେ ଭାରତ ୨୨ଟି ଓ ଶ୍ରୀଲଙ୍କା ୭ଟିରେ ଜିତିଛି। ଭାରତରେ ଖେଳାଯାଇଥିବା ଟେଷ୍ଟରେ ଏଯାଏ ଶ୍ରୀଲଙ୍କା ଗୋଟିଏ ହେଲେ ଟେଷ୍ଟ ମ୍ୟାଚ୍‌ରେ ଜିତନାହିଁ। କିନ୍ତୁ ଶ୍ରୀଲଙ୍କାରେ ଖେଳାଯାଇଥିବା ୨୪ ଟେଷ୍ଟ ମଧ୍ୟରୁ ଭାରତ ୯ଟିରେ ଓ ଶ୍ରୀଲଙ୍କା ୭ଟିରେ ବିଜୟୀ ହୋଇଛି। ୨୦୧୫ରେ ଶେଷଥର ଲାଗି ଶ୍ରୀଲଙ୍କା ନିକଟରୁ ଭାରତ ଟେଷ୍ଟ ମ୍ୟାଚରେ ପରାଜିତ ହୋଇଥିଲା।

### ୪ ଜଣ ସ୍ପିନର ନେଟ୍ ବୋଲର

ଏହି ଗସ୍ତରେ ଯାଇଥିବା ଭାରତୀୟ ଦଳରେ ୪ଜଣ ସ୍ପିନରଙ୍କୁ ନେଟ ବୋଲର ଭାବେ ନିଆଯାଇଛି। ସେମାନେ ହେଲେ ଅଫ୍ ସ୍ପିନର ତନୁସ କୋଟିଆନ୍, ବାହମତୀ ରିଷ୍ଟ ସ୍ପିନର ଶିବାଙ୍ଗ କୁମାର, ଲେଗ୍ ସ୍ପିନର ବିପରାଜ ନିଗମ ଓ ବାମହାତୀ ଅର୍ଥୋଡକ୍ସ ବୋଲର ହର୍ଷ ଦୁବେ।

**ଭାରତୀୟ ଦଳ** : ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍, ଋଷଭ ପନ୍ତ୍ (ୱିକେଟରକ୍ଷକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, ମାନବ ସୁତାର, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର, ଆକ୍ୱିବ ନବି, କୁଲଦୀପ ଯାଦବ, ଦେବଦତ୍ତ ପାଡିକଲ।

## ମହିଳା ଏସିଆ କପ୍ ୟୁଏଇରେ

ଦୁବାଇ,୪।୮ (ଏଜେନ୍ସି): ମହିଳା ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏଥର ୟୁଏଇରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହାର ଭେନ୍ୟୁ ଓ ତାରିଖ ଏସିଆନ୍ କ୍ରିକେଟ କାଉନ୍ସିଲ ପକ୍ଷରୁ ଘୋଷଣା କରାଯାଇ ନ ଥିଲାବେଳେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୩ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଅଂଶଗ୍ରହଣକାରୀ ଟିମ୍ ଗୁଡିକୁ ସୂଚନା ଦେବା ସହ ଓ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା, ଭାରତ, ପାକିସ୍ତାନ, ବାଂଲାଦେଶ, ନେପାଳ, ମାଲେସିଆ, ଥାଇଲାଣ୍ଡ ଓ ମାଲେସିଆ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟ ଭେନ୍ୟୁ ଘୋଷଣା କରାଯାଇ ନ ଥିବାରୁ ଟିମ୍ ଗୁଡିକ ଅଡୁଆରେ ପଡ଼ିଛନ୍ତି। ସେହିପରି ଏସିଆ କପ୍ ପରେ ସେପ୍ଟେମ୍ବର ୧୭ରୁ ୨୪ ଯାଏ ଜାପାନର ନାଗୋୟାଠାରେ ଏସିଆନ୍ ଗେମ୍ସ ଖେଳାଯିବ। ଉଭୟ ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି ଓ ପ୍ରସ୍ତୁତି ହୋଇ ରହିଛି।

## ଲୌସାନେରେ ନୀରଜ-ଅର୍ସାଦ-ରୁମେଶ ଲଢ଼େଇ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସ୍କଟଲାଣ୍ଡରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ନୀରଜ ଚୋପ୍ରା, ପାକିସ୍ତାନର ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ଅର୍ସାଦ୍ ନଦୀମ ଓ ଶ୍ରୀଲଙ୍କାର ରୁମେଶ ତରଙ୍ଗା ପାଥିରାଗେଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା। ଏହି ଚାମ୍ପିଅନଙ୍କୁ ପଛରେ ପକାଇ ରୁମେଶ ଏଠାରେ ଚାମ୍ପିଅନ ହୋଇଥିଲେ। ଏସିଆ ମହାଦେଶର ଏହି ୩ ଜାଭେଲିନ୍ ଫିଙ୍ଗାଳି ବିଶ୍ୱରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇଛନ୍ତି। ଏହି ୩ ଜାଭେଲିନ୍ ଫିଙ୍ଗାଳିଙ୍କ ସହ ବିଶ୍ୱଚାମ୍ପିଅନ କେଶରନ ୱାଲକଟ, ପୂର୍ବ ବିଶ୍ୱଚାମ୍ପିଅନ ଆଣ୍ଡରସନ ପିଟର୍ସ, ପୂର୍ବତନ ଅଲିମ୍ପିକ୍ ଚାମ୍ପିଅନ ଥୋମାସ ରୋହେଲର ପ୍ରମୁଖ ଅଗଷ୍ଟ ୨୧ରୁ ଆରମ୍ଭ ହେବାକୁ ଯାଉଥିବା ଡାଇମଣ୍ଡ ଲିଗ୍‌ରେ ଭାଗନେବେ। ଏହା ବିଶ୍ୱର ସବୁଠାରୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ଜାଭେଲିନ୍ ପ୍ରତିଯୋଗିତା ହେବ ବୋଲି ଆଶା କରାଯାଉଛି। ଚଳିତ ସିଜନରେ ରୁମେଶ ଶ୍ରେଷ୍ଠ ସଫଳତା ପାଇଛନ୍ତି।


# ବିବିଏଲ୍‌ର ସବୁଠାରୁ ଦାମୀ ଖେଳାଳି ହେବେ ଷ୍ଟୋକ୍‌ସ



ସିଡ୍‌ନୀ, ୪।୮ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ବେନ୍ ଷ୍ଟୋକ୍‌ସ ବିଗ୍ ବାସ୍ ଲିଗ୍ (ବିବିଏଲ୍) ଇତିହାସରେ ସବୁଠାରୁ ଦାମୀ ଖେଳାଳି ହୋଇପାରନ୍ତି। ବିବିଏଲ୍‌ର ୨୦୨୬-୨୭ ସଂସ୍କରଣ ପୂର୍ବରୁ ଅଲରାଉଣ୍ଡର ଷ୍ଟୋକ୍‌ସଙ୍କୁ କିଣିବା ଦୌଡ଼ର ସର୍ବାଗ୍ରେ ରହିଛି ସିଡ୍‌ନୀ ସିକ୍ସର୍ସ। କିଛି ସପ୍ତାହ ତଳେ ୩୫ ବର୍ଷ ବୟସ୍କ ବେନ୍ ଷ୍ଟୋକ୍‌ସ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ଫଳରେ ଷ୍ଟୋକ୍‌ସ ସାରାବିଶ୍ୱରେ ଫ୍ରାଞ୍ଚାଇଜି କ୍ରିକେଟ୍ ଖେଳିବା ପାଇଁ ଯଥେଷ୍ଟ ସମୟ ପାଇବେ। ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କ୍ରିକେଟ୍ ଅଷ୍ଟ୍ରେଲିଆ ବିବିଏଲ୍‌ର ନିୟମରେ ପରିବର୍ତ୍ତନ କରିବାକୁ ଯାଉଛି। ଏହା ଅନୁସାରେ, ବିଦେଶୀ ଖେଳାଳିଙ୍କ ତାଲିକାରୁ ନୁହେଁ; ଏକ ଫ୍ରାଞ୍ଚାଇଜି ନିଜ ଆଡ଼କୁ ଜଣେ ବିଦେଶୀ ଖେଳାଳିଙ୍କ ସହ ଯୋଗାଯୋଗ କରି ତାଙ୍କ ସହ ଦଳର ପ୍ରମୁଖ ଖେଳାଳି ଭାବେ ଚୁକ୍ତି କରିପାରିବ। ଏକ ରିପୋର୍ଟ ଅନୁସାରେ, ବେନ୍ ଷ୍ଟୋକ୍‌ସଙ୍କୁ କିଣିବା ପାଇଁ ସିଡ୍‌ନୀ ସିକ୍ସର୍ସ ୬ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୫ କୋଟି ୭୨ ଲକ୍ଷ ଟଙ୍କା) ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛି। ଏପରି ହେଲେ ଷ୍ଟୋକ୍‌ସ ବିବିଏଲ୍ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହେବେ। ସିଡ୍‌ନୀ ସିକ୍ସର୍ସ ଦଳ ଷ୍ଟୋକ୍‌ସଙ୍କୁ ନେବା ପାଇଁ ଯୋଜନା କରିଥିବା ବେଳେ ହୋବାର୍ଟ ହରିକେନ୍‌ସ ମଧ୍ୟ ତାଙ୍କୁ ନେବା ପାଇଁ ଆଗ୍ରହ ପ୍ରକାଶ କରିଛି। ଏହାସହ ନ୍ୟୁଜିଲାଣ୍ଡର ବିସ୍ଫୋରକ ଓପନର ଫିନ୍ ଆଲେନ୍‌ଙ୍କୁ ନେବା ପାଇଁ ବିବିଏଲ୍‌ର ଏକାଧିକ ଫ୍ରାଞ୍ଚାଇଜି ଆଗ୍ରହୀ ଅଛନ୍ତି। ଗତବର୍ଷ ପର୍ଥ ସ୍କର୍ଚର୍ସ ପାଇଁ ଖେଳି ଫିନ୍ ଆଲେନ୍ ୧୮୪.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ସର୍ବାଧିକ ୪୬୬ ରନ୍ କରିଥିଲେ। ପୁଣି ଏକ ସଂସ୍କରଣରେ ଆଲେନ୍ ସର୍ବାଧିକ ଛକା ମାରିବାର କୀର୍ତ୍ତିମାନ ସ୍ଥାପନ କରିଥିଲେ। ଫଳରେ ପର୍ଥ ସ୍କର୍ଚର୍ସ ୬ଷ୍ଠ ଥର ବିବିଏଲ୍ ଚାମ୍ପିଅନ୍ ହୋଇଥିଲା। ଏବେ ଇଂଲଣ୍ଡରେ ଚାଲିଥିବା ଦିନିକିଆ କପ୍‌ରେ ଷ୍ଟୋକ୍‌ସ ପ୍ରଭାବଶାଳୀ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଫର୍ମ ଓ ଅଭିଜ୍ଞତା ଯୋଗୁଁ ଷ୍ଟୋକ୍‌ସଙ୍କୁ ନେବା ପାଇଁ ବିବିଏଲ୍ ଫ୍ରାଞ୍ଚାଇଜି ଆଗ୍ରହୀ ଅଛନ୍ତି। ୨୦୧୪-୧୫ରେ ଷ୍ଟୋକ୍‌ସ ମେଲ୍‌ବୋର୍ଣ୍ଣ ରେନେଗେଡ୍‌ସ ପାଇଁ ବିବିଏଲ୍ ଖେଳିଥିଲେ ହେଁ ଭଲ ପ୍ରଦର୍ଶନ କରି ପାରିନଥିଲେ।

# ରିୟାନ୍, ଦିଲୀପଙ୍କୁ ଧନ୍ୟବାଦ ଦେଲା ବିସିସିଆଇ





ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଜିମ୍ବାୱେ ଗସ୍ତ ପରେ ଭାରତୀୟ କ୍ରିକେଟ୍ ଦଳର ସହକାରୀ ପ୍ରଶିକ୍ଷକ ରିୟାନ୍ ଟେନ୍ ଡୋସ୍କାଟେ ଓ ଫିଲ୍‌ଡି ପ୍ରଶିକ୍ଷକ ଟି. ଦିଲୀପଙ୍କ ଚୁକ୍ତି ଅବଧି ବଢ଼ାଇନାହିଁ ବିସିସିଆଇ। ନେଦରଲାଣ୍ଡସର ଡୋସ୍କାଟେ ଆଇପିଏଲ୍ ଦଳ କଲକାତା ନାଇଟ୍ ରାଇଡର୍ସରେ ଯୋଗ ଦେଇଥିବା ବେଳେ ଦିଲୀପଙ୍କ ସ୍ଥାନରେ ଶୁଭଦୀପ ଘୋଷ ଫିଲ୍‌ଡିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଦୁଇ ବିଦାୟୀ ପ୍ରଶିକ୍ଷକ ଡୋସ୍କାଟେ ଓ ଦିଲୀପଙ୍କୁ ଭାରତୀୟ ଦଳ ପାଇଁ ସେମାନଙ୍କ ଅବଦାନ ପାଇଁ କୃତଜ୍ଞତା ଜଣାଇଛି ବିସିସିଆଇ। ତା'ର ଏକ୍ସ ପୃଷ୍ଠାରେ ବିସିସିଆଇ ଲେଖିଛି- ସହକାରୀ ପ୍ରଶିକ୍ଷକ ରିୟାନ୍ ଟେନ୍ ଡୋସ୍କାଟେ ଓ ଫିଲ୍‌ଡି ପ୍ରଶିକ୍ଷକ ଟି. ଦିଲୀପଙ୍କୁ ଧନ୍ୟବାଦ। ତୁମର ନିଷ୍ଠା, ପେସାଦାର ମନୋବୃତ୍ତି ଓ ଅକ୍ଲାନ୍ତ ପ୍ରଚେଷ୍ଟା ଦଳର ଯାତ୍ରା ଓ ସଫଳତାରେ ବଡ଼ ଭୂମିକା ଥିଲା। ତୁମ ଜୀବନର ପରବର୍ତ୍ତୀ ଅଧ୍ୟାୟ ପାଇଁ ଉଭୟଙ୍କ ସଫଳତା କାମନା କରୁଛୁ। ଟି. ଦିଲୀପ ୨୦୨୧ରୁ ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଫିଲ୍‌ଡିଂ ପ୍ରଶିକ୍ଷକ ଥିଲେ। ପରେ ୨୦୨୫ରେ ତାଙ୍କୁ ଏକ ବର୍ଷ ଲାଗି ପୁନଃ ନିଯୁକ୍ତି ମିଳିଥିଲା। ହେଲେ ତାଙ୍କ ସମୟରେ ଭାରତୀୟ ଦଳର ଫିଲ୍‌ଡିଂ ନିମ୍ନମାନର ହେବାରୁ ବିସିସିଆଇ ତାଙ୍କ ଚୁକ୍ତି ବଢ଼ାଇ ନଥିଲା। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସହ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟକ, ପେସ୍ ବୋଲିଂ ପ୍ରଶିକ୍ଷକ ମର୍ନେ ମର୍କେଲ ଓ ସ୍ପିନ୍ ପ୍ରଶିକ୍ଷକ ସାଇରାଜ ବାହୁତୁଲେ ସ୍ଥାନ ବଜାୟ ରଖିଛନ୍ତି।

**ମହମ୍ମଦ ସାମିଙ୍କୁ ଅଗରକରଙ୍କ ସ୍ପଷ୍ଟ ବାର୍ତ୍ତା**

# ସମ୍ପୂର୍ଣ୍ଣ ଫିଟ୍ ନ ହେଲେ ଦଳରେ ସ୍ଥାନ ନାହିଁ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି)





ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ଆହତ ଫାଷ୍ଟବୋଲର ଯଶପ୍ରୀତ ବୁମ୍‌ରା ବାଦ୍ ପଡ଼ିଛନ୍ତି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଜାତୀୟ ମନୋନୟନ କମିଟି ବୁମ୍‌ରାଙ୍କ ସ୍ଥାନରେ ଜାମ୍ମୁ-କାଶ୍ମୀରର ପେସ୍ ବୋଲର ଆକିବ୍ ନବିଙ୍କୁ ଭାରତୀୟ ଦଳରେ ସାମିଲ କରିଛି। ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରିବା ସହ ପ୍ରଥମଥର ଜାମ୍ମୁ-କାଶ୍ମୀରକୁ ରଣଜୀ ଟ୍ରଫି ଆମ୍ପିଅନ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆକ୍ୱିବ୍ ନବି ପୁରସ୍କୃତ ହେବାକୁ ସମସ୍ତେ ପ୍ରଶଂସା କରିଛନ୍ତି। ତେବେ ଏହି ନିଷ୍ପତ୍ତି ବରିଷ୍ଠ ଭାରତୀୟ ଫାଷ୍ଟବୋଲର ମହମ୍ମଦ ସାମିଙ୍କ ବର୍ତ୍ତମାନର ସ୍ଥିତିର କଠୋର ବାସ୍ତବତାକୁ ମଧ୍ୟ ଦର୍ଶାଉଛି। ୨୦୨୫ରେ ସାମି ଶେଷଥର ଇଂଲଣ୍ଡ ବିପକ୍ଷରେ ଭାରତ ପାଇଁ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ। ତେବେ ୨୦୨୩ ପରଠାରୁ ମହମ୍ମଦ ସାମି ଜାତୀୟ ଦଳ ପାଇଁ କୌଣସି ଟେଷ୍ଟ ଖେଳିନାହାଁନ୍ତି। ଭାରତ ପାଇଁ ସାମି ତାଙ୍କର ଶେଷ ଦିନିକିଆ ମ୍ୟାଚ୍ ଗତବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିଲେ। ଆରମ୍ଭରୁ ଖରାପ ଫିଟ୍‌ନେସ୍ ଯୋଗୁଁ ସାମିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିନଥିଲା। ତେବେ ଗତବର୍ଷ ଘରୋଇ କ୍ରିକେଟ୍‌ରେ ନିୟମିତ ଭଲ ପ୍ରଦର୍ଶନ ମଧ୍ୟ ତାଙ୍କୁ ଭାରତୀୟ ଦଳକୁ ଫେରାଇ ଆଣି ପାରିନଥିଲା। ସାମିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିବା ନେଇ ଅଜିତ ଅଗରକରଙ୍କୁ ବାରମ୍ବାର ପ୍ରଶ୍ନ କରାଯାଇଛି। ଜବାବରେ ଆଗରକର କହି ଆସୁଛନ୍ତି ଯେ ଟେଷ୍ଟ କ୍ରିକେଟ୍ ଖେଳିବା ପାଇଁ ଆବଶ୍ୟକ ଫିଟ୍‌ନେସ ସାମିଙ୍କର ନାହିଁ। ତେବେ ସାମି ଗତବର୍ଷ ବଙ୍ଗଳା ପାଇଁ ଗତ ୭ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳି ୧,୩୮୩ଟି ବଲ୍ ପକାଇଛନ୍ତି ଏବଂ ୧୬.୭୨ ଆଭ୍‌ରେଜରେ ୩୭ଟି ୱିକେଟ୍ ନେଇଛନ୍ତି। ଏହି ସମୟରେ ମହମ୍ମଦ ସାମି ୫୦ଟି ମେଡେନ୍ ଓଭର ପକାଇଛନ୍ତି ଏବଂ ୩ ଥର ଏକ ଇନିଂସରେ ୫ଟି ୱିକେଟ୍ ନେଇଛନ୍ତି। ୯୦ ରନ୍‌ରେ ୮ ୱିକେଟ୍ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ସେହି ରଣଜୀ ଟ୍ରଫିରେ ଆକିବ୍ ନବି ଦେଶର ସମସ୍ତ ଫାଷ୍ଟବୋଲରଙ୍କୁ ପଛରେ ପକାଇ ଦେଇଥିଲେ। ନବି ସାରାଦେଶରେ ସର୍ବାଧିକ ୬୦ଟି ୱିକେଟ୍ ନେଇଥିଲେ। ତାଙ୍କ ଆଭ୍‌ରେଜ ୧୨.୫୬ ଥିବା ଏବଂ ୭ ଥର ଏକ ଇନିଂସରେ ୫ଟି ୱିକେଟ୍ ନେଇଥିଲେ। ତେଣୁ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ଆକିବ୍ ନବି ହକ୍‌ଦାର ଥିଲେ। ପରୋକ୍ଷରେ ହେଉ ପଛେ; ମହମ୍ମଦ ସାମିଙ୍କ ପାଇଁ ଅଗରକରଙ୍କ ବାର୍ତ୍ତା ବହୁତ ସ୍ପଷ୍ଟ। ଯଦି ଏହି ଭେଟେରାନ୍ ଫାଷ୍ଟବୋଲର ଭାରତୀୟ ଟେଷ୍ଟ ଦଳକୁ ଫେରିବାକୁ ଚାହାନ୍ତି; ତେବେ ତାଙ୍କୁ ସମ୍ପୂର୍ଣ୍ଣ ଫିଟ୍ ରହି ନିୟମିତ ପ୍ରଥମଶ୍ରେଣୀ (ରଣଜୀ ଓ ଦୁଲିପ ଟ୍ରଫି) ମ୍ୟାଚ୍ ଖେଳିବାକୁ ପଡ଼ିବ ଏବଂ ଘରୋଇ କ୍ରିକେଟ୍‌ର ଅନ୍ୟ ଫାଷ୍ଟବୋଲରଙ୍କଠାରୁ ତାଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। କାରଣ ଆନ୍ତର୍ଜାତିକ କ୍ରିକେଟ୍ ଖେଳିନଥିବା ପେସ୍ ବୋଲର ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଏବଂ ନିୟମିତ ଭାବେ ୱିକେଟ୍ ନେଇ ଦଳକୁ ଜିତାଉଛନ୍ତି। ଏପରି କରି ସେମାନେ ଭାରତୀୟ ଦଳରେ ସ୍ଥାନ ପାଇବା ଲାଗି ଦାବିଦାର ହେଉଛନ୍ତି। ତେଣୁ ଟେଷ୍ଟ ଦଳକୁ ଫେରିବାକୁ ହେଲେ ଏପରି ପେସ୍ ବୋଲରଙ୍କ ତୁଳନାରେ ସାମିଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ।

**ଫାଓ ଲିଗ୍‌ରେ ମୁସ୍ତାକିମ୍‌ଙ୍କ ହ୍ୟାଟ୍ରିକ୍**

# ଚୌଦ୍ୱାରର ବୃହତ୍ ବିଜୟ



ଭୁବନେଶ୍ୱର,୪।୮ (ସମିସ): କଟକରେ ଚାଲିଥିବା ଫାଓ ଲିଗ୍‌ର ଆଜିର ମୁକାବିଲାରେ ଚୌଦ୍ୱାରର ୱାଇଏ ଫୁଟବଲ କ୍ଲବ୍ ୭-୦ ଗୋଲରେ ଚାଉଳିଆଗଞ୍ଜ କ୍ଲବ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବିଜୟୀ ଚୌଦ୍ୱାର ଦଳ ପକ୍ଷରୁ ମୁସ୍ତାକିମ୍ ଖାନ୍ ଏକାକୀ ୪ଟି ଗୋଲ ସ୍କୋର କରିଥିଲେ। ରାଜେଶ କୁମାର ବେହେରା ୨ଟି ଓ ତ୍ରିଦେବ ମୁଖୀ ଗୋଟିଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଚୌଦ୍ୱାର ଟିମ୍ ୫-୦ ଗୋଲ୍‌ରେ ଅଗ୍ରଣୀ ରହିଥିଲା। ପରାଜିତ ଚାଉଳିଆଗଞ୍ଜ କ୍ଲବ୍ ପକ୍ଷରୁ କେହି ଗୋଲ ସ୍କୋର କରି ପାରି ନ ଥିଲେ। ଏହି ବିଜୟ ଫଳରେ ଚୌଦ୍ୱାର ପୂରା ପଏଣ୍ଟ ପାଇ ଟେବଲର ଉପରକୁ ଉଠିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS